୬ ▶ ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କାକୁ ଏକତରଫା ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୫୬ • ୬ ଜୁଲାଇ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-156 • 6th July 2026, Monday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

# ମହିଳାଙ୍କ ବିକାଶ ହେଲେ ଦେଶର ବିକାଶ ହେବ

ଭୁବନେଶ୍ୱର, ୫।୭

ନ୍ୟୁଜ୍ ବ୍ୟୁରୋ

ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ପଶ୍ଚିମ ବଙ୍ଗ ହୋଇପାରିଥିଲା । ତାଙ୍କ ଅଖଣ୍ଡ ଉଦ୍ୟମ ପାଇଁ ଏହା ହୋଇପାରିଥିଲା । ଦେଶର ଜଣେ ନିର୍ବିବାଦୀୟ ନେତା ଭାବେ ଭାରତ ବର୍ଷରେ ଚିହ୍ନିତ ଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ତାଙ୍କର ଜଣେ ବଡ଼ ସମର୍ଥକ ଥିଲେ ବୋଲି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ଛାତ୍ରୀ ସମ୍ମିଳନୀରେ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏପଟେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରକୁ ଟାର୍ଗେଟ କରି କହିଥିଲେ, ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ପୂର୍ବ ସରକାର ଜନ ନାୟକଙ୍କ ସ୍ମୃତି ଦିବସ ଭାବେ ପାଳନ କରୁନଥିଲେ ବୋଲି ଅଭିଯୋଗ ଆଣିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ମହିଳାଙ୍କୁ ଅଗ୍ରାଧିକାର ଦେବା ନିହାତି ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି, ବିଜେପି ସରକାରର ସଂକଳ୍ପପତ୍ରକୁ ବିଶ୍ୱାସ କରି ମହିଳାଙ୍କୁ ସଶକ୍ତ ବଦଳରେ ଧକ୍କା ଦେଉଥିବା ପୂର୍ବ ସରକାରକୁ ବଦଳାଇ ନୂଆ ସରକାର ଆଣିଥିଲେ ରାଜ୍ୟବାସୀ । ଆମ ସରକାର ଆସିବା ପରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ । ଶପଥ ଗ୍ରହଣ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି । ସୁଭଦ୍ରା ଯୋଜନାଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଭଳି ଯୋଜନା କରାଯାଇଛି। ଏହାଦ୍ୱାରା ରାଜ୍ୟର କୋଟି କୋଟି ମହିଳା ଉପକୃତ ହୋଇପାରୁଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିପାରିଛନ୍ତି। ଏହି ଅବସରରେ ଯୌତୁକ ପ୍ରଥାକୁ ଅତ୍ୟନ୍ତ କଡା ଭାଷାରେ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ । ଯୌତୁକ ପ୍ରଥା ଏକ ଖରାପ ବ୍ୟବସ୍ଥା । ଗରିବ ପିତା ମାତା ମାନେ ଯୌତୁକ ସହିତ ନିଜ ଝିଅକୁ ବିବାହ କରାଇବା ବଡ଼ କଠିନ କାମ । ଗରିବ ପିତା ମାତା ମାନେ ଟଙ୍କା କେଉଁଠୁ ଆଣିବେ ବୋଲି ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଯୌତୁକ ଜନିତ ନିର୍ଯାତନାର ଶିକାର ହେଉଥିଲେ ମହିଳା, ବୋହୂଙ୍କୁ ଜିଅନ୍ତା ମାରିଦିଆଯାଉଥିଲା । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଝିଅର ପିତାମାତାଙ୍କୁ କଷ୍ଟ ଲାଘବ କରିବାରେ ସହାୟକ ହୋଇପାରିଛି । ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଅବସରରେ ଛାତ୍ରୀ ସମ୍ମିଳନୀ ସୋଆ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ। ଅନ୍ୟତମ ଅତିଥି ଭାବେ ମଧୁମିତା ଦାସ, ପୂର୍ବତନ କୁଳପତି, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟୁତପ୍ରଜ୍ଞା ତ୍ରିପାଠୀ, ଚଳଚିତ୍ର ନିର୍ମାତା, ଫିକିର ସଦସ୍ୟ ଏବଂ ସ୍ମୃତି ପଟ୍ଟନାୟକ, ପୂର୍ବତନ ସଭାନେତ୍ରୀ, ବିଜେପି ମହିଳା ମୋର୍ଚ୍ଚା ପ୍ରମୁଖ ଉପସ୍ଥିତ ଥିଲେ ।




# ଲଗାଣ ବର୍ଷାରେ ବେହାଲ ସାରା ରାଜ୍ୟ
## ବୌଦ୍ଧ ଓ କନ୍ଧମାଳରେ ସର୍ବାଧିକ ବର୍ଷା

ଭୁବନେଶ୍ୱର, ୫।୭

ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ପ୍ରଭାବରେ ତିନି ଦିନର ଲଗାଣ ବର୍ଷାରେ ବେହାଲ ସାରା ରାଜ୍ୟ। କେଉଁଠି ଘରେ ପାଣି ପଶି ଜିନିଷପତ୍ର ବୁଡିଲାଣି ତ କେଉଁଠି ପାଣି ଘେରରେ ପୁରା ଅଞ୍ଚଳ। କାର୍ ବୁଡିଛି, ଗଛ ଉପୁଡି ପଡିଛି, ରାସ୍ତାରେ ଚାଲିଛି ଆଣ୍ଠୁଏ ଉଚ୍ଚର ପାଣି। ବିଦ୍ୟୁତ ଖୁଣ୍ଟ ଉପୁଡି ଠପ୍ ହୋଇଯାଇଛି ସେବା। ତୁହାକୁ ତୁହା ବର୍ଷାରେ ଚାରିଆଡେ ଖାଲି ପାଣି ଆଉ ପାଣି, ଜଳମଗ୍ନ ଗାଁରୁ ସହର। ଘର ଭିତରେ ଲହଡି ଭାଙ୍ଗୁଛି ବର୍ଷା ପାଣି। ତାରି ଭିତରେ ଭାସୁଛି ଜିନିଷପତ୍ର।

ବଲାଙ୍ଗୀର ରାଜୀବନଗର ପଡାରେ ପାଣିରେ ଉବୁଟୁବୁ ପୁରା ପରିବାର। ଜିଲ୍ଲାର ପୁଇଁନ୍ତଳା ବ୍ଲକ୍ ଲୁହୁରେନପାଲିରେ ଭୁଶୁଡି ପଡିଛି ଝାଟିମାଟିର ଘର। ଯେଉଁଥିରେ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ସେହିପରି ଧୋଇଯାଇଛି ରାମୋଡ ଛକରୁ ରାଉତମୁଣ୍ଡା ଗାଁ ରାସ୍ତା ପୋଲ। ସେହିପରି ଖପ୍ରାଖୋଲ-କଣ୍ଟାବାଞ୍ଜି ରାସ୍ତାରେ ଚାଲିଛି ୩ ଫୁଟର ପାଣି, ଠପ୍ ହୋଇଛି ଯାତାୟାତ। ପାଟଣାଗଡ଼ ଝଲିଆଲିଟିରେ ରେଲୱେ ଅଣ୍ଡର ପାସରେ ବୁଡ଼ିଯାଇଛି କାର୍। ବହୁ କଷ୍ଟରେ କାର୍ ଭିତରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ସେପଟେ ଖୋର୍ଦ୍ଧା-ବଲାଙ୍ଗୀର ରେଲୱେର ଆଡେଣିଗଡ଼ ୪ ନମ୍ବର ଟନେଲରେ ପଶିଛି ବର୍ଷା ଜଳ। ଫଳରେ ଶନିବାରଠୁ ୪ ଜଣ ଶ୍ରମିକ ଫସିରହିଥିଲେ। ରବିବାର ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ, ଠପ୍ ହୋଇଛି ଟନେଲ ନିର୍ମାଣ।

ନଦୀ କୂଳରୁ କାଠ ସଂଗ୍ରହ ବେଳେ ହଠାତ୍ ମାଡି ଆସିଲା ବନ୍ୟା ପାଣି, ଫସିଗଲେ ଦୁଇ ମହିଳା। ଲଗାଣ ବର୍ଷାରେ ବୌଦ୍ଧ ସାଲୁଙ୍କି ନଦୀ ଫୁଲୁଥିବା ବେଳେ ଲକ୍ଷ୍ମୀପଦର ଅଞ୍ଚଳର ଦୁଇ ମହିଳା ପାଣି ଘେରରେ ଫସିଯାଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ୩-୪ ଘଣ୍ଟାର ପରିଶ୍ରମରେ ସେମାନେ *(ପୃଷ୍ଠା ୭ରେ)*



## ରାଜ୍ୟରେ ସ୍ୱାଭାବିକଠାରୁ ୪% ଅଧିକ ବର୍ଷା

ଭୁବନେଶ୍ୱର, ୫।୭

ନ୍ୟୁଜ୍ ବ୍ୟୁରୋ

ଚଳିତ ମୌସୁମୀ ଋତୁରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିଛି। ଜୁନ୍ ୧ ତାରିଖରୁ ଏଯାବତ୍ ଓଡ଼ିଶାରେ ମୋଟ ୨୬୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୪ ପ୍ରତିଶତ ଅଧିକ। ଏ ନେଇ *(ପୃଷ୍ଠା ୭ରେ)*

## ରାଜ୍ୟରେ ଏସଆଇଆର ପ୍ରକ୍ରିୟାରେ କଟିଲା ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ

ଭୁବନେଶ୍ୱର, ୫।୭

ନ୍ୟୁଜ୍ ବ୍ୟୁରୋ

ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ପୂର୍ବରୁ ମୋଟ୍ ୩,୩୩,୯୯,୫୯୧ ଭୋଟର ଥିବା ବେଳେ ଚିଠା ଭୋଟର ତାଲିକାରେ ୩,୧୩,୮୭,୦୩୪ ଭୋଟର ରହିଛନ୍ତି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ। ରାଜ୍ୟରେ ବର୍ତ୍ତମାନ ରହିଛନ୍ତି ୩ କୋଟି ୧୩ ଲକ୍ଷ ଭୋଟର । ଏସଆଇଆର ପ୍ରକ୍ରିୟାରେ କଟିଛି ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ । ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ ଦେବା ପ୍ରାଥମିକତା ବୋଲି ସିଇଓ କହିଛନ୍ତି । ତେବେ ଭୁଲରେ କାହାର ନାଁ କଟିଥିଲେ ଏନେଇ ଆବେଦନ କରିପାରିବେ। ବିଏଲଓଙ୍କୁ କଲ୍ କରି ଅଥବା ୱେବସାଇଟରେ ନାଁ ଅଛି କି ନାହିଁ ଚେକ୍ କରିହେବ । ନାଁ ନଥିଲେ ଫର୍ମ-୬ର ଆନେକ୍ସର-୪ ଅନୁଯାୟୀ ଆବେଦନ କରିହେବ । ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ଆବେଦନ କରି ପାରିବା ନେଇ ସୂଚନା ମିଳିଛି ।

# ହର୍ମୁଜ ପାର୍ କରିଛି ୧୫ ସାର ଜାହାଜ: ଯୁଦ୍ଧରେ ପ୍ରଭାବିତ ହୋଇନି ଯୋଗାଣ

ନୂଆଦିଲ୍ଲୀ, ୫।୭

ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଭାରତର ସାର ଯୋଗାଣ ଶୃଙ୍ଖଳ ମୋଟାମୋଟି ପ୍ରଭାବିତ ହୋଇନାହିଁ। ୨୦ଟି ଜାହାଜ ମଧ୍ୟରୁ ୧୫ଟି ଜାହାଜ ସାର ଓ ଅନ୍ୟାନ୍ୟ କଞ୍ଚାମାଲ ଧରି ହର୍ମୁଜ ପ୍ରଣାଳୀ ସୁରକ୍ଷିତ ଭାବେ ପାର୍ ହୋଇଛି ବୋଲି କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଥିରୁ ୮ଟି ଜାହାଜରେ ୩.୩୨ ଲକ୍ଷ ଟନ୍ ୟୁରିଆ ଆସିଛି। ୪ଟି ଜାହାଜରେ ୨.୫୭ ଲକ୍ଷ ଟନ୍ ଡିଏପି ଏବଂ ୩ଟି ଜାହାଜରେ ୧.୧୧ ଲକ୍ଷ ଟନର ସଲଫର୍ ଆସିଛି। ସବୁ ଜାହାଜ ସମୟ ମୁତାବକ ଭାରତୀୟ ବନ୍ଦରକୁ ଆସୁଛି। ୫ଟି ଅଧିକ ଜାହାଜ ଆସିବାର ପୂର୍ବ ପର୍ଯ୍ୟାୟରେ ରହିଛି। ସେଥିରୁ ଗୋଟିଏ ଜାହାଜରେ ୦.୨୫ ଲକ୍ଷ ଟନ୍ ଆମୋନିଆ ଏବଂ ଅନ୍ୟ ଗୋଟିଏରେ ୦.୪୫ ଲକ୍ଷ ଟନ୍ ୟୁରିଆ ରହିଛି। ଦୁଇଟି ୟୁରିଆ ଜାହାଜ ଏବଂ ଗୋଟିଏ ସଲଫର୍ ଜାହାଜରେ ଏବେ ବୋଝେଇ କାର୍ଯ୍ୟ ଚାଲିଛି।

ସବୁ ଜାହାଜ ଯୋଜନା ମୁତାବକ ଆସି ପହଞ୍ଚିବା ନେଇ ଆଶା ରହିଥିବା କୁହାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଓ ମାଲ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। *(ପୃଷ୍ଠା ୭ରେ)*



### ଭୂଦାନ ଜମିର ବଣ୍ଟନ ଏବଂ ମ୍ୟୁଟେସନ୍ ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ
# ସମସ୍ତ ଆରଡିସି ଏବଂ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ଭୁବନେଶ୍ୱର, ୫।୭ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ, ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଏବଂ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି। ଏହା ଫଳରେ ପରବର୍ତ୍ତୀ ସମୟରେ ମ୍ୟୁଟେସନ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି ନେଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ଏଥିସହିତ, ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି।

## ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲେ ଗଜପତି ମହାରାଜ

ଭୁବନେଶ୍ୱର, ୫।୭

ନ୍ୟୁଜ୍ ବ୍ୟୁରୋ

ଇସ୍କନର ଅଦିନିଆ ସ୍ନାନଯାତ୍ରା, ରଥଯାତ୍ରା ପାଳନକୁ ଗଜପତି ମହାରାଜ ବିରୋଧ କରିଛନ୍ତି । ଏନେଇ ସେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିର କରିଛନ୍ତି । ଇସ୍କନର ଗଭର୍ଣ୍ଣିଂ ବଡି କମିଶନକୁ ପୁଣିଥରେ ଚିଠି ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ । ଚିଠିରେ ଗଜପତି କହିଛନ୍ତି ଯେ, ଇସ୍କନ ପକ୍ଷରୁ ସ୍ନାନ ଯାତ୍ରା ଓ ରଥଯାତ୍ରା ଭିନ୍ନ ଭିନ୍ନ ସମୟରେ ହେଉଛି । ତିଥି ଅନୁସାରେ ପାଳନ କରିବା ସହ ଗୋଟିଏ ସମୟରେ କରିବାକୁ ଚିଠିରେ ଲେଖିଛନ୍ତି । ଗଜପତି କହିଛନ୍ତି ଯେ, ଶ୍ରୀଜଗନ୍ନାଥ ସଂସ୍କୃତି *(ପୃଷ୍ଠା ୭ରେ)*

# ୧୧ରେ ଇସଲାମାବାଦରେ ହେବ ଆମେରିକା-ଇରାନ ବୈଷୟିକ ଆଲୋଚନା !

ୱାଶିଂଟନ, ୫।୭

ଆମେରିକା ଏବଂ ଇରାନ ମଧ୍ୟରେ ପରବର୍ତ୍ତୀ ବୈଷୟିକ ଆଲୋଚନା ପାଇଁ ଇସଲାମାବାଦ ପ୍ରମୁଖ ସ୍ଥାନ ଭାବରେ ଉଭା ହୋଇଛି। ଜୁଲାଇ ୧୧ ରେ ଆଲୋଚନା ହେବାର ସମ୍ଭାବନା ରହିଛି। ସ୍ଥାନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ ଏବଂ ସ୍ୱିଜରଲ୍ୟାଣ୍ଡର ବର୍ଗେନଷ୍ଟକ୍ ରିସର୍ଟ ମଧ୍ୟ ଏନେଇ ବିଚାରାଧୀନ ଅଛି। ପଶ୍ଚିମ ଏସିଆରେ ଶାନ୍ତି ଫେରାଇ ଆଣିବା ପାଇଁ ଜୁନ୍ ୧୮ ତାରିଖରେ ଆମେରିକା ଏବଂ ଇରାନ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ କୂଟନୈତିକ ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଏହି ଆଲୋଚନା ମାଧ୍ୟରେ ପ୍ରୟାସ କରାଯିବ। ଜୁନ୍ ୨୧ ତାରିଖରେ ସ୍ୱିଜରଲ୍ୟାଣ୍ଡରେ ପାକିସ୍ତାନ ଏବଂ କତାର ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିବା ସହିତ ବୈଷୟିକ ସ୍ତରୀୟ ଆଲୋଚନା ହୋଇଥିଲା ଏବଂ ପରବର୍ତ୍ତୀ ବୈଠକରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ପ୍ରତିବନ୍ଧକରୁ ମୁକ୍ତି, ବିଦେଶରେ ଇରାନ ସମ୍ପତ୍ତିକୁ ଅନ୍-ଫ୍ରିଜ୍ କରିବା ଏବଂ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବ ବୋଲି ଆଶା କରାଯାଉଛି। ଆଲୋଚନାରେ ହର୍ମୁଜ୍ ପ୍ରଣାଳୀରେ ସ୍ଥିରତା ବଜାୟ ରଖିବା ଏବଂ ଲେବାନନରେ ଅସ୍ତ୍ରବିରତି ବଜାୟ ରଖିବା ପାଇଁ ପ୍ରୟାସ କରାଯିବ।

ଆଲୋଚନା ପାଇଁ ଦୁଇଟି ସମ୍ଭାବ୍ୟ ସ୍ଥାନ ଅଛି। ଇସଲାମାବାଦ ଏବଂ ସ୍ୱିଜରଲ୍ୟାଣ୍ଡର ବର୍ଗେନଷ୍ଟକ୍ ରିସର୍ଟ ବୋଲି କୂଟନୈତିକ ସୂତ୍ରରୁ ସୂଚନା ମିଳିଛି। ତେବେ ଇସଲାମାବାଦ ହେଉଛି ଅଧିକ ସମ୍ଭାବ୍ୟ ବିକଳ୍ପ। ହେବାକୁଥିବା ଏହି ବୈଠକ ଇସଲାମାବାଦ ବୁଝାମଣାପତ୍ର ଅନୁଯାୟୀ ସ୍ଥିର ହୋଇଥିବା ଢାଞ୍ଚାକୁ ଆଗକୁ ନେବା ପାଇଁ ଉଦ୍ଦିଷ୍ଟ, ଯାହା ଉଭୟ ପକ୍ଷକୁ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ସମ୍ବନ୍ଧିତ ପ୍ରସଙ୍ଗ ଉପରେ ଏକ ବ୍ୟାପକ ଚୁକ୍ତିନାମା ଆଲୋଚନା ପାଇଁ ୬୦ ଦିନ ସମୟ ଦେଇଥିଲା।

ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ବହୁଦିନିଆ ରାଷ୍ଟ୍ରୀୟ ଅନ୍ତିମ ସଂସ୍କାର ସମାରୋହ ଯୋଗୁଁ ଆଲୋଚନା ଅସ୍ଥାୟୀ ଭାବରେ ବିଳମ୍ବିତ ହୋଇଛି। ଇରାନୀ ଅଧିକାରୀମାନେ କହିଛନ୍ତି ଯେ, ଅନ୍ତିମ ସଂସ୍କାର ସମାପ୍ତ ହେବା ପରେ ତେହେରାନର ପ୍ରତିନିଧିମଣ୍ଡଳର ଗଠନ ଘୋଷଣା କରାଯିବ।




## ଆଜିର ମୁଖ୍ୟ ଖବର

- ତୀଜନ ବାଇଙ୍କ ବିୟୋଗରେ ଶୋକ ବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ନେତା।
- ମୁମ୍ବାଇ ବିମାନ ବନ୍ଦରରେ ୪ କିଲୋ ସୁନା ସହ ମହିଳା ଯାତ୍ରୀ ଗିରଫ।
- ବ୍ୟାଙ୍କକରୁ କାଠମାଣ୍ଡୁ ଆସୁଥିବା ଭାରତୀୟ ଯାତ୍ରୀ ୨.୮ କିଲୋଗ୍ରାମ ଗଞ୍ଜେଇ ସହିତ ଗିରଫ।
- ଲକ୍ଷ୍ନୌରେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକ୍ ସହିତ କାର ଧକ୍କା, ଦୁଇ ଯୁବକଙ୍କ ମୃତ୍ୟୁ।
- ବାଲେନ୍ଦ୍ର ସରକାର ୧୦୦ ଦିନ ପୂରଣ କଲେ, ବୈଦେଶିକ ମନ୍ତ୍ରଣାଳୟ ସଫଳତା ତାଲିକା ପ୍ରଦାନ କଲା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୭୩ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୪୫୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧, ୦୦୫ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୦ (+୦)

# ଗ୍ୟାସ୍ ଭଣ୍ଡାର ସୃଷ୍ଟି କରାଯିବ: ସଙ୍କଟ ସମୟରେ ବ୍ୟବହାର ହେବ



ନୂଆଦିଲ୍ଲୀ, ୫।୭

ଅଶୋଧିତ ତୈଳ ଭଳି ପ୍ରାକୃତିକ ଗ୍ୟାସ୍ ଗଚ୍ଛିତ ରଖିବା ଲାଗି ନୂଆ ଭଣ୍ଡାର ସୃଷ୍ଟି କରିବାକୁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଯୋଗାଣରେ ଦେଖାଦେଇଥିବା ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ନିଜ ପାଖରେ କିଛି ଦିନର ଗ୍ୟାସ୍ ଗଚ୍ଛିତ ରଖିବାକୁ ଚାହୁଁଛନ୍ତି। ସେଥିପାଇଁ ତୈଳ କମ୍ପାନିଗୁଡ଼ିକ ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛନ୍ତି। ଭୂତଳ ଗୁମ୍ଫା କିମ୍ବା ଭୂପୃଷ୍ଠ ଉପରେ କ୍ରାୟୋଜେନିକ ଏଲ୍ଏନଜି ଟ୍ୟାଙ୍କରରେ ଗ୍ୟାସ୍ ରହିବ। ଖାଲି ହୋଇଯାଇଥିବା ଗ୍ୟାସ୍ କ୍ଷେତ୍ରରେ ମଧ୍ୟ ଗ୍ୟାସ୍ ଭର୍ତ୍ତି କରିବା ସମ୍ପର୍କରେ ଆଲୋଚନା କରାଯାଉଛି। ଦେଶରେ ଅଶୋଧିତ ତୈଳ ଭଣ୍ଡାରଗୁଡ଼ିକୁ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ (ଆଇଏସ୍ଆରପିଏଲ୍) ପରିଚାଳନା କରୁଛି।

ଗ୍ୟାସ୍ ଭଣ୍ଡାର ପରିଚାଳନା କରିବା ପାଇଁ ଏହି ସଂସ୍ଥା ପାଖରେ ଅଭିଜ୍ଞତା ନାହିଁ। ତେଣୁ ଏଭଳି ଭଣ୍ଡାର ସୃଷ୍ଟି କରିବାକୁ ଆବଶ୍ୟକ ପ୍ରଯୁକ୍ତି ଓ ଢାଞ୍ଚାର ଆବଶ୍ୟକତାର ଅନୁଶୀଳନ କରାଯାଉଛି। ଇଞ୍ଜିନିୟର୍ସ ଇଣ୍ଡିଆ ମାଧ୍ୟମରେ ସର୍ବେକ୍ଷଣ କରାଯାଇଛି। ଭୂତଳ ଗୁମ୍ଫାରେ ଗ୍ୟାସ୍ ସଂରକ୍ଷଣ ରଖିବାର ସମ୍ଭାବନା ଉପରେ ତେଲ କମ୍ପାନିଗୁଡ଼ିକ ବିଚାର କରୁଛନ୍ତି। ଭାରତ ଏହାର ଅଧାରୁ ଅଧିକ ଗ୍ୟାସ୍ ଆବଶ୍ୟକତା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଜରିଆରେ *(ପୃଷ୍ଠା ୭ରେ)*

### ଆଜି ଆକାଶରେ ଘଟିବ ଏକ ଚମତ୍କାର ମହାଜାଗତିକ ଘଟଣା
# ସୂର୍ଯ୍ୟଠାରୁ ସର୍ବାଧିକ ଦୂରତାରେ ପହଞ୍ଚିବ ପୃଥିବୀ

ଭୋପାଳ, ୫।୭

ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହୀ ଲୋକଙ୍କ ପାଇଁ ସୋମବାର, ଜୁଲାଇ ୬ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ ହେବାକୁ ଯାଉଛି। ଏହିଦିନ, ଆମ ଗ୍ରହ ପୃଥିବୀ ବର୍ଷସାରା ସୂର୍ଯ୍ୟ ଠାରୁ ଏହାର ଦୂରତମ ବିନ୍ଦୁରେ ପହଞ୍ଚିବ।

ମଧ୍ୟପ୍ରଦେଶର ଜାତୀୟ ପୁରସ୍କାର ବିଜେତା ଜ୍ୟୋତିର୍ବିଜ୍ଞାନ ପ୍ରସାରକ ସାରିକା ଘାରୁ ରବିବାର ଦିନ ଏହି ପ୍ରସଙ୍ଗରେ ବୈଜ୍ଞାନିକ ତଥ୍ୟ ସେୟାର କରି କହିଛନ୍ତି ଯେ ଜୁଲାଇ ୬ ତାରିଖ ରାତି ୧୧ଟାରେ ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ସବୁଠାରୁ ଅଧିକ ହେବ। ଜ୍ୟୋତିର୍ବିଜ୍ଞାନରେ, ଏହି ଆଶ୍ଚର୍ଯ୍ୟଜନକ ସ୍ୱର୍ଗୀୟ ଘଟଣାକୁ ଏକ ଏଫିଲିଅନ୍ କୁହାଯାଏ।

ସାରିକା ଦର୍ଶାଇଛନ୍ତି ଯେ ସୂର୍ଯ୍ୟ ଚାରିପଟେ ପୃଥିବୀର କକ୍ଷପଥ ସମ୍ପୂର୍ଣ୍ଣ ଗୋଲାକାର ପରିବର୍ତ୍ତେ ସାମାନ୍ୟ ଉପବୃତ୍ତାକାର । ଏହି କାରଣରୁ ବର୍ଷକୁ ଥରେ ପୃଥିବୀ ସୂର୍ଯ୍ୟର ସବୁଠାରୁ ନିକଟତର ଏବଂ ଥରେ ସବୁଠାରୁ ଦୂରରେ ରହିଥାଏ। ସୋମବାର, ଜୁଲାଇ ୬ରେ ଏହି ସ୍ୱର୍ଗୀୟ ଘଟଣା ସମୟରେ, ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଦୂରତା ପ୍ରାୟ ୧୫୨ ନିୟୁତ କିଲୋମିଟରକୁ ବୃଦ୍ଧି ପାଇବ, ଯେତେବେଳେ ଜାନୁଆରୀ ୩ରେ ପୃଥିବୀ ସୂର୍ଯ୍ୟଙ୍କ ନିକଟତମ ଥିଲା। ଏହି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଘଟଣାକୁ ପେରିହେଲିୟନ କୁହାଯାଏ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜୁଲାଇ, ୨୦୨୬ ସୋମବାର





# ପାନୀୟ ଜଳ ପ୍ରକଳ୍ପରୁ ମିଳୁନି ପିଇବା ପାଣି : ୧୦୩ରୁ ୨୨ ଅଚଳ, ବଢୁଛି ଜନ ଅସନ୍ତୋଷ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ୨୫ଟି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ସ୍ଥାପିତ ୧୦୩ଟି ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୨୨ଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଜନଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି।

ପଦ୍ମନାଭପୁର ପଞ୍ଚାୟତର ଭୂଷୁଣ୍ଡା ଗ୍ରାମରେ ଥିବା ୨୦ ହଜାର ଲିଟର କ୍ଷମତା ବିଶିଷ୍ଟ 'ବସୁଧା' ପାନୀୟ ଜଳ ପ୍ରକଳ୍ପର ଓଭରହେଡ୍ ଟ୍ୟାଙ୍କକୁ ନୂତନ ଭାବେ ରଙ୍ଗ କରାଯାଇ ନବକଳେବର ଦିଆଯାଇଥିଲେ ମଧ୍ୟ ପ୍ରକଳ୍ପରୁ ଲୋକଙ୍କୁ ପାଣି ମିଳୁନାହିଁ। ପ୍ରାୟ ୧୦ ବର୍ଷ ପୂର୍ବରୁ ନିର୍ମିତ ଏହି ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ଗ୍ରାମବାସୀ କୂଅ ଓ ନଳକୂପ ଉପରେ ନିର୍ଭର କରୁଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଦିଗରେ ବିଭାଗୀୟ ଅଧିକାରୀଙ୍କ ତତ୍ପରତା ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେହିପରି କରପଡ଼ା, ନିମଖଣ୍ଡିପେଣ୍ଟ, ଆଙ୍କୋରଡ଼ା ଓ ଗୋକର୍ଣ୍ଣପୁର ପଞ୍ଚାୟତର ମେଘଝୋଳି, ରାଜପୁର ଓ ପିତାମ୍ବରପୁର ଗ୍ରାମର ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଏନେଇ ଦିଗପହଣ୍ଡି ବ୍ଲକ ପଞ୍ଚାୟତରାଜ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ଭୀମା ରାଓ କହିଛନ୍ତି ଯେ, କରପଡ଼ା ଗ୍ରାମର ପ୍ରକଳ୍ପରେ ପାଣି ଉପଲବ୍ଧ ଥିଲେ ମଧ୍ୟ ମୋଟର ଚାଳନା ପାଇଁ ନିଯୁକ୍ତ କର୍ମଚାରୀଙ୍କୁ ଦୀର୍ଘବର୍ଷ ହେଲା ନିର୍ଦ୍ଧାରିତ ୩୨୦୦ ଟଙ୍କା ପ୍ରଦାନ କରାଯାଉ ନ ଥିବାରୁ ସେ ନିୟମିତ ଭାବେ ମୋଟର ଚଳାଉ ନାହାନ୍ତି।

ରାଜପୁର ଗ୍ରାମରେ ବୋରୱେଲ ଖୋଳାଯାଇଥିଲେ ମଧ୍ୟ ଜଳସ୍ତର ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ମେଘଝୋଳି ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ବିଛାଯାଇଥିଲେ ମଧ୍ୟ ଗ୍ୟାପ୍ କ୍ଲୋଜିଂ କାମ ଶେଷ ହୋଇନଥିବାରୁ ଜଳ ଯୋଗାଣ ଆରମ୍ଭ ହୋଇପାରୁ ନାହିଁ। ଏନେଇ ସମ୍ପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ବିଭାଗ କ୍ଷୋଭ ପ୍ରକାଶ କରିଛି। ଅନ୍ୟପକ୍ଷରେ ପିତାମ୍ବରପୁର ଗ୍ରାମର ପ୍ରକଳ୍ପକୁ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଥିବା ବେଳେ ଭୂତଳରେ ପାଇପ ବିଛାଯାଇନାହିଁ ଏବଂ ପ୍ୟାନେଲ ବୋର୍ଡ ଚୋରି ହୋଇଯାଇଥିବାରୁ ପ୍ରକଳ୍ପଟି ଦୟନୀୟ ଅବସ୍ଥାରେ ପଡ଼ିରହିଛି। ପ୍ରକଳ୍ପ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ମିଳୁ ନଥିବାରୁ ଅନେକ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଖରାଦିନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ : ମଇଳା ପାଣି ଜମୁଥିବାରୁ ଲୋକେ ହନ୍ତସନ୍ତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ସହର ମଧ୍ୟରେ ଥିବା ବିଭିନ୍ନ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମ ତଥା ଜାତୀୟ ରାଜପଥ ପାର୍ଶ୍ୱ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି ଅଞ୍ଚଳବାସୀ। ଘର ଏବଂ ସେଠାରେ ପେଟ ପାଟଣା ପାଇଁ ଗଢି ଉଠିଥିବା ଦୋକାନର ବ୍ୟବହୃତ ପାଣି ସବୁ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଜମିଥିବା ଆବର୍ଜନା ମଇଳା ପାଣି ଦ୍ୱାରା ମଶାମାଛି ଉପଦ୍ରବ ବୃଦ୍ଧିବା ସହ ଅପ୍ରତିକାର ପରିବେଶ ସୃଷ୍ଟି ହେଉଛି। ଏହା ଦ୍ୱାରା ରୋଗ ବ୍ୟାପିବା ନିଶ୍ଚିତ ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

ସାହି ବାସିନ୍ଦା ଏନେଇ ଏନଏସି ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବା ଭିକାରି ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବର୍ଷା ଦିନ ହେଲେ ସମସ୍ୟା ଦ୍ୱିଗୁଣିତ ହୋଇ ପଡୁଛି। ବର୍ଷା ପାଣି ଘରେ ପଶୁଛି। ଲୋକ ଦେଖାଣିଆ ଭାବେ ଜେସିବି ଲଗେଇ ଟିକେ ଆଡେଇ ଦେଇ ଚାଲି ଯାଉଥିବା ସେ କହିଛନ୍ତି। ମୋଟା ଅଙ୍କର ବିଲ୍ କରି ତଳସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଭାଗ ବାଣ୍ଟି ଦୁର୍ନୀତି କରାଯାଉଥିବା ଅଞ୍ଚଳବାସୀ କହିଛନ୍ତି।

ଅନ୍ୟପଟେ ସହରର ମୁଖ୍ୟ ନାଳ କଥା ନ କହିଲେ ଭଲ। ସୁଧାରି ପ୍ରତିକାର ବଦଳରେ ସେମିତି ଟିକେ ଆଡ଼େଇ ଚୁପ୍ ରହିଯାଉଛି ଏନଏସି ପ୍ରଶାସନ। ଏସମ୍ପର୍କରେ ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରେ ଟେଣ୍ଡର ପ୍ରକ୍ରିୟା ସରିଛି ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଆଧାର କାର୍ଡ ନଥିବାରୁ ୬ ବର୍ଷ ଧରି ରାସନରୁ ବଞ୍ଚିତ ପରିବାର : ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବାପା-ଝିଅ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଗରିବ ଓ ଖଟିଖିଆ ପରିବାରଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଅନେକ ପ୍ରକୃତ ହିତାଧିକାରୀ ଆଜି ମଧ୍ୟ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ କନକତୋରା ପଞ୍ଚାୟତର ଲୁହାବଗା ଗାଁରେ। ଗାଁର ବୃନ୍ଦାବନ ସୁନା (୪୮) ଏବଂ ତାଙ୍କର ଦୁଇ ଝିଅ ଶାନ୍ତି ସୁନା (୨୨) ଓ ଆରତୀ ସୁନା (୧୮) ବିଗତ ଛଅ ବର୍ଷରୁ ଅଧିକ ସମୟ ଧରି ଖାଦ୍ୟ ସୁରକ୍ଷା ଯୋଜନାର ଲାଭରୁ ବଞ୍ଚିତ ରହି ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ପାଞ୍ଚ ସଦସ୍ୟ ବିଶିଷ୍ଟ ଏହି ପରିବାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରାସନ ସାମଗ୍ରୀ ପାଉଥିଲେ। କିନ୍ତୁ ୨୦୧୯ ମସିହାରେ ଲଗାଣ ବର୍ଷାରେ ସେମାନଙ୍କର ଚାଳଛପର ଘର ଭାଙ୍ଗିଯିବା ସହ ବୃନ୍ଦାବନ ଓ ତାଙ୍କ ଦୁଇ ଝିଅଙ୍କର ଆଧାର କାର୍ଡ ନଷ୍ଟ ହୋଇଯାଇଥିଲା। ପରେ ରାସନ କାର୍ଡ ସହ ଆଧାର ସଂଯୋଗ ବାଧ୍ୟତାମୂଳକ ହେବାରୁ ପରିବାରର ଏହି ତିନି ସଦସ୍ୟ ଯୋଜନାରୁ ବାଦ ପଡ଼ିଥିଲେ।

ନୂତନ ଆଧାର କାର୍ଡ ପ୍ରାପ୍ତି ପାଇଁ ସେମାନେ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ଆବଶ୍ୟକ ପ୍ରମାଣପତ୍ରର ଅଭାବରୁ ଆଧାର କାର୍ଡ ପୁନଃ ନିର୍ମାଣ ହୋଇପାରୁନାହିଁ। ଫଳରେ କେବଳ ରାସନ ସାମଗ୍ରୀ ନୁହେଁ, ଝିଅମାନଙ୍କ ଉଚ୍ଚଶିକ୍ଷା ଓ ଅନ୍ୟାନ୍ୟ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧାରୁ ମଧ୍ୟ ପରିବାର ବଞ୍ଚିତ ହେଉଛି। ଦିନ ମଜୁରି କରି ପରିବାର ଚଳାଉଥିବା ବୃନ୍ଦାବନ ସୁନା କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି। ପ୍ରଶାସନ ମାନବିକ ଦୃଷ୍ଟିକୋଣରୁ ତାଙ୍କ ସମସ୍ୟାକୁ ବିଚାର କରି ଶୀଘ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଆଧାର କାର୍ଡ ପୁନଃ ପ୍ରାପ୍ତିରେ ସହାୟତା କରିବାକୁ ସେ ନିବେଦନ କରିଛନ୍ତି। ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଉଛି ଯେ, କେବଳ ଦଲିଲ ଅଭାବରୁ ଜଣେ ପ୍ରକୃତ ଗରିବ ପରିବାର ସରକାରୀ ସୁବିଧାରୁ ବଞ୍ଚିତ ହେବା କେତେଦୂର ଯୁକ୍ତିସଙ୍ଗତ। ସମ୍ପୃକ୍ତ ବିଭାଗ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

## ବେଆଇନ୍ ମଦ ଓ ଗଞ୍ଜେଇ ବିକ୍ରି ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସଦରଥାନା ଅନ୍ତର୍ଗତ ନାନକାର ଗ୍ରାମର ଶତାଧିକ ଗ୍ରାମବାସୀ ତାଙ୍କ ଗ୍ରାମରେ ବେଆଇନ୍ ଚୋରା ମଦ ଓ ଗଞ୍ଜେଇ ବିକ୍ରି ହେଉଥିବା ବନ୍ଦ କରିବା ପାଇଁ ଦାବି କରିଛନ୍ତି। ନାନକାର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦୁଇବର୍ଷ ହେଲା ଗ୍ରାମରେ ବେଆଇନ୍ ମଦ ଓ ଗଞ୍ଜେଇ ବିକ୍ରି କରି ଆସୁଛି। ଯାହାଫଳରେ ଗ୍ରାମର ପରିବେଶ ନଷ୍ଟ ହେବା ସହ ମହିଳା, ବୃଦ୍ଧ, ବୃଦ୍ଧା, ସ୍କୁଲ୍ ଛାତ୍ରଛାତ୍ରୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ମଦୁଆ ଓ ଗଞ୍ଜିଡିମାନେ ନିଶାସକ୍ତ ଅବସ୍ଥାରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଯାତାୟତ କରୁଥିବା ବାଟୋଇମାନଙ୍କୁ ଆକ୍ରମଣ କରୁଛନ୍ତି। ଏ ବିଷୟରେ ଗ୍ରାମବାସୀ ସଦରଥାନା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ମଦ ଓ ଗଞ୍ଜେଇ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଞ୍ଜୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲୋଚନ ମଳିକ, ଶୁଶାନ୍ତ ବେହେରା, ଅନାମ ବିଶ୍ୱାଳ, ତ୍ରିଲୋଚନ ନାୟକ, ଦିବାକର ବାରିକ ପ୍ରମୁଖ ଦାବି କରିଛନ୍ତି।

# ରାସ୍ତା ନଥାଇ ୨୦ ଲକ୍ଷ ଟଙ୍କାର ପୋଲ ଛିଡ଼ା ହୋଇଛି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମ ପାତ୍ରସାହି ନିକଟରେ 'ଜ' ନଦୀ ଉପରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ପୋଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଅସନ୍ତୋଷ ଦେଖାଦେଇଛି। ୨୦୧୯ ମସିହାରେ ନିର୍ମାଣ ହୋଇଥିବା ଏହି ପୋଲର ଉଭୟ ପାର୍ଶ୍ୱରେ ସଂଯୋଗକାରୀ ରାସ୍ତା ନଥିବାରୁ ଏହା ଦୀର୍ଘଦିନ ଧରି ଅବ୍ୟବହୃତ ଅବସ୍ଥାରେ ଛିଡ଼ା ହୋଇ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୋଲର ଗୋଟିଏ ପାର୍ଶ୍ୱରେ ଜ ନଦୀର ବନ୍ଧ ଓ ଅନ୍ୟ ପାର୍ଶ୍ୱରେ ବିଲ ଏବଂ ଚାଷଜମି ରହିଥିବା ବେଳେ ଯାତାୟାତ ପାଇଁ କୌଣସି ରାସ୍ତା ନାହିଁ। ନଦୀ ଉପରେ ପୋଲ ଛିଡ଼ା ହୋଇରହିଛି। ଫଳରେ ପୋଲ ଥିଲେ ମଧ୍ୟ ଲୋକମାନେ ଏହାକୁ ବ୍ୟବହାର କରିପାରୁ ନାହାନ୍ତି। ଆବଶ୍ୟକତା ନଥିବା ସ୍ଥାନରେ ସରକାରୀ ଅର୍ଥ ବ୍ୟୟ କରି ପୋଲ ନିର୍ମାଣ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପୋଲଟି ଏବେ ଜନସାଧାରଣଙ୍କ ପାଇଁ ଅକାମୀ ସାବ୍ୟସ୍ତ ହୋଇଛି। ଏହି ପୋଲଟିକୁ ଗ୍ରାମବାସୀମାନେ ବ୍ୟଙ୍ଗାତ୍ମକ ଭାବେ 'ଚୋରା ପୋଲ' ନାମ ଦେଇଛନ୍ତି। ସରକାରୀ ଅର୍ଥର ସଠିକ୍ ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇ ସେମାନେ କହିଛନ୍ତି, ଯେଉଁଠାରେ ରାସ୍ତା ନାହିଁ ଓ ଯାତାୟାତର ସୁବିଧା ନାହିଁ, ସେଠାରେ କେଉଁ ଆଧାରରେ ପୋଲ ନିର୍ମାଣ ପାଇଁ ଅନୁମୋଦନ ଦିଆଗଲା। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ପ୍ରକଳ୍ପର ଆବଶ୍ୟକତା, ଅନୁମୋଦନ ପ୍ରକ୍ରିୟା ଏବଂ ବ୍ୟୟ ଅର୍ଥର ଉପଯୋଗିତା ସମ୍ପର୍କରେ ସ୍ୱଚ୍ଛ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଦାୟୀ ଅଧିକାରୀଙ୍କ ବିରୋଧରେ ଯଥୋଚିତ ପଦକ୍ଷେପ ନେବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ଏନେଇ ଡ୍ରେନେଜ ବିଭାଗର ଅଧିକାରୀ ପ୍ରଦୀପ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କ ପାଖରେ ଏହି ପୋଲ ସମ୍ପର୍କିତ କୌଣସି ତଥ୍ୟ ନାହିଁ। ତେବେ ସେଠାରେ ପୋଲ ନିର୍ମାଣ ପାଇଁ ନିଶ୍ଚିତ ଭାବେ କୌଣସି ଆବଶ୍ୟକତା ଥିବ, ସେଥିପାଇଁ ଏହା ନିର୍ମାଣ କରାଯାଇଥିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ରାସ୍ତା ବିହୀନ ପୋଲ ନିର୍ମାଣ ପଛରେ ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଜନସାଧାରଣଙ୍କ ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପ କେବେ ଲୋକଙ୍କ କାମରେ ଆସିବ।

## ଉଠା ଜଳସେଚନ ପ୍ରକଳ୍ପ ଅଚଳ, ବିଦ୍ୟୁତ ସଂଯୋଗ ପାଇଁ ଦାବି କଲେ ଚାଷୀ

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସରକାର କୃଷି ଓ କୃଷକର କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରି ଚାଷୀମାନଙ୍କୁ ବର୍ଷସାରା ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପାଣି ପାଉ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ମୋଟାବାଡ଼ି ପଞ୍ଚାୟତରେ। ଏହି ପଞ୍ଚାୟତର ୧୬ ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩ଟି କ୍ଲଷ୍ଟର ମାଧ୍ୟମରେ ୨୦ ହାଜାର ଟଙ୍କା ଲେଖାଏଁ ଦେବା ପରେ ବୋରୱେଲ ଖୋଳାଯାଇ ଥିଲା। ୨୦୨୨ରୁ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଅଭାବରୁ ମୋଟର ଚାଲୁ ହୋଇ ପାରୁନାହିଁ। ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଜଳସେଚନ ସୁବିଧା ନ ମିଳିବାରୁ ଧାନ ସମେତ ଅନ୍ୟାନ୍ୟ ଫସଲ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଯଦି ଶୀଘ୍ର ଏହାର ସମାଧାନ କରା ନ ଯାଏ ତେବେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ସୀମା ନିର୍ଦ୍ଧାରଣରେ ତ୍ରୁଟି : ଦୋଛକିରେ କୁଲାବେଡ଼ାବାସୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତର କୁଲାବେଡ଼ାରେ ଏପରି ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। ସୀମା ନିର୍ଦ୍ଧାରଣରେ ତ୍ରୁଟି ଥିବାରୁ ସମସ୍ୟାରେ ପଡ଼ିଛନ୍ତି କୁଲାବେଡ଼ାବାସୀ। ଘର, ଚାଷ ଜମି, ପାଠପଢ଼ା କୋରାପୁଟରେ। ଜୀବିକା ପଡ଼ୋଶୀ ଜିଲ୍ଲା ମାଲକାନଗିରି। ପ୍ରଶାସନ ମଧ୍ୟ ସୀମା ନିର୍ଦ୍ଧାରଣ ନ କରି ଯୋଗାଇ ଚାଲିଛି ସେବା। ଫଳରେ ଗୋଟିଏ ଗାଁରେ ୨ଟି ଜିଲ୍ଲାର ସ୍କୁଲ ଓ ଅଙ୍ଗନୱାଡ଼ି ଚାଲିଛି। କୋରାପୁଟ ଜିଲ୍ଲା ପ୍ରଶାସନ ଦଣ୍ଡାବାଡ଼ିକୁ ରାଜସ୍ୱ ଗାଁ ମାନ୍ୟତା ଦେଇଛି। ଗ୍ରାମବାସୀଙ୍କ ଚାଷ ଜମି ଓ ରେକର୍ଡ଼ପତ୍ର ରହିଛି କୋରାପୁଟ ଜିଲ୍ଲାରେ। ଅପରପକ୍ଷରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଖୁଟୁଣିପାଲ୍ଲି ପଞ୍ଚାୟତର କୁଲାବେଡ଼ା ଗାଁ ଭାବି ମାଲକନଗିରି ଜିଲ୍ଲା ସମସ୍ତ ସରକାରୀ ଯୋଜନା ଗ୍ରାମବାସୀଙ୍କୁ ଯୋଗାଇ ଚାଲିଛି। ଗାଁର ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଲୋକଙ୍କୁ ମାଲକାନଗିରି ଜିଲ୍ଲା ସୁବିଧା। ଏମିତିକି ଜନଗଣନା ସମୟରେ ଗାଁ ଲୋକ କୋରାପୁଟ ଜିଲ୍ଲା ଜନଗଣନା ଅଧିକାରୀଙ୍କୁ ବିରୋଧ କରି ମାଲକାନଗିରି ଜିଲ୍ଲାରେ ସାମିଲ ପାଇଁ ଦାବି କରିଥିଲେ। ଜୟପୁର ଉପଜିଲ୍ଲାପାଳ ଓ ବୈପାରିଗୁଡ଼ା ତହସିଲଦାର ଗାଁକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ। କୁଲାବେଡ଼ାରୁ ଉଭୟ ଜିଲ୍ଲାର ପଂଚାୟତ କାର୍ଯ୍ୟାଳୟ ପ୍ରାୟ ୧୪ କି.ମି. ଦୂର। ଦଣ୍ଡାବାଡ଼ିକୁ ଘାଟି ରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି। ଅନ୍ୟ ଦିଗରେ ଖୁଟୁଣିପାଲ୍ଲିକୁ ସମତଳ ଓ ପକ୍କା ରାସ୍ତା ରହିଛି। ଗାଁରୁ ବୈପାରିଗୁଡ଼ା ବ୍ଲକ୍ ସଦରମହକୁମା ୩୫ କି.ମି. ଓ ମାଥିଲି ବ୍ଲକ୍ ୧୭ କି.ମି.। ଦୈନନ୍ଦିନ ଜୀବିକା ଓ ସରକାରୀ ସୁବିଧା ପାଇଁ କୁଳବେଡ଼ାବାସୀ ମାଲକାନାଗିରି ଜିଲ୍ଲା ଉପରେ ନିର୍ଭରଶୀଳ। ଗାଁର ୧୧୪ ପରିବାର ମଧ୍ୟରୁ କୋରାପୁଟ ଜିଲ୍ଲା ଅଧୀନରେ ୧୧୦ ଓ ମାଲକାନଗିରି ଜିଲ୍ଲାର ରାଜସ୍ୱ ଗାଁରେ ୪ଟି ପରିବାର ରହୁଛନ୍ତି। ଏହି ଗାଁରେ ଦୁଇଟି ଜିଲ୍ଲାର ୨ଟି ସ୍କୁଲ ଓ ୨ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। କୋରାପୁଟ ଜିଲ୍ଲା ସ୍କୁଲରେ ପିଲା କମ୍, ମାଲକାନାଗିରି ଜିଲ୍ଲା ସ୍କୁଲରେ ଅଧିକ ପିଲା। ଉଚ୍ଚଶିକ୍ଷା ପାଇଁ ମାଥିଲି କଲେଜ ଉପରେ ଛାତ୍ରଛାତ୍ରୀ ନିର୍ଭରଶୀଳ। ମାଲକାନାଗିରି ଜିଲ୍ଲା ପ୍ରଶାସନ ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଭତ୍ତା, ରାସନ, ମନରେଗାରେ ଜବ୍ କାର୍ଡ, ଆବାସ ଯୋଜନା, କୃଷି ଉପକରଣ, ସ୍ୱାସ୍ଥ୍ୟବୀମା ସମସ୍ତ ସୁବିଧା ଯୋଗାଉଛି। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ବି ଅନୁରୂପ ସେବା ଯୋଗାଇ ଦିଆଯାଉଛି। ଗ୍ରାମବାସୀଙ୍କ ପାଖରେ ଉଭୟ ଜିଲ୍ଲାର ଭୋଟରକାର୍ଡ ରହିଛି। ବିଧାନସଭା ନିର୍ବାଚନରେ ଗାଁରେ ୩୭୫ ଭୋଟର କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସୀମାନିର୍ଦ୍ଧାରଣ କରି ଗ୍ରାମବାସୀଙ୍କୁ ନ୍ୟାୟ ଦେବାକୁ ଦାବି ହୋଇଛି।

## ତୁରନ୍ତ ପଟ୍ଟା ଦେବାକୁ ଆବେଦନକାରୀଙ୍କ ଦାବି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଶେରଗଡ଼ ତହସିଲରେ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜମି ଓ ଘର ନୂଆ ପଟ୍ଟା ପାଇଁ ନିୟମ ଅନୁଯାୟୀ ବହୁ ବ୍ୟକ୍ତି ଆବେଦନ କରିଥିଲେ ମଧ୍ୟ ଦୀର୍ଘ ଦିନ ହେଲା ପଟ୍ଟା ପାଇନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତୁରନ୍ତ ଶେରଗଡ଼ ତହସିଲଦାର ଘଟଣାର ଅନୁଧ୍ୟାନ କରି ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ନୂତନ ଗୃହ ନିର୍ମାଣରେ ମଧ୍ୟ ବ୍ୟାପକ ଅନିୟମିତତା

# ବିଦ୍ୟାଳୟ ଅଛି ହେଲେ ଛାତ ନାହିଁ, ଶିକ୍ଷକ ଅଛନ୍ତି ହେଲେ ପାଠପଢ଼ା ନାହିଁ

**ଥୁଆମୂଳ ରାମପୁର, ନ୍ୟୁଜ୍ ବ୍ୟୁରୋ**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମପଞ୍ଚାୟତ ଅଧୀନ ତୁମୋନୀଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୦୯ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ଶୂନ ହୋଇ ରହିଛି।

ଗତ ୨୦୨୪ ଏପ୍ରିଲ ମାସରେ କାଳବୈଶାଖୀ ଯୋଗୁଁ ବିଦ୍ୟାଳୟର ଆଜବେଷ୍ଟସ ଛାତ ଉଡ଼ିଯାଇଥିଲା। ଏନେଇ ପ୍ରଶାସନକୁ ଲିଖିତ ଅଭିଯୋଗ କରାଯିବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ହେଁ ମୁଖ୍ୟ ଗୃହର ମରାମତି ହୋଇନାହିଁ। ଫଳରେ ପିଲାମାନେ ବାରଣ୍ଡାରେ ଏବଂ ଅସହ୍ୟ ଖରା ସମୟରେ ନିକଟସ୍ଥ ଏକ ତେନ୍ତୁଳି ଗଛ ମୂଳେ ବସି ପାଠ ପଢୁଛନ୍ତି। ଏବେ ପୁଣି ବର୍ଷା ଦିନ ଆସିଯାଇଥିବାରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୂର୍ବରୁ ଖବର ପ୍ରକାଶ ପାଇବା ପରେ ବିଡ଼ିଓଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ପାର୍ଶ୍ୱରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ନୂତନ ଗୃହଟି ଅତ୍ୟନ୍ତ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୃହର ପଛ ପାର୍ଶ୍ୱରେ ନା ପ୍ଲାଷ୍ଟରିଂ କରାଯାଇଛି, ନା ଆଜବେଷ୍ଟସ ଉପରେ କଂକ୍ରିଟ୍ ବାଇଣ୍ଡିଂ (ମୁରକରି) କରାଯାଇଛି। ସାମାନ୍ୟ ପବନ କିମ୍ବା ବର୍ଷା ହେଲେ ଏହି ଛାତଟି ମଧ୍ୟ ଉଡ଼ିଯିବାର ଆଶଙ୍କା ଦେଖାଦେଇଛି। ଏଥିସହ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ଗୃହ, ସୁରକ୍ଷା ପାଚେରୀ, ପାନୀୟ ଜଳ କିମ୍ବା ଶୌଚାଳୟ ଭଳି କୌଣସି ପ୍ରାଥମିକ ସୁବିଧା ନାହିଁ। ଅପରପକ୍ଷରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମସିଂ ମାଝୀ ଏବଂ ସହ-ଶିକ୍ଷକ ପ୍ରମୋଦ ଦଣ୍ଡସେନାଙ୍କ କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଦୁଇ ଶିକ୍ଷକ ମାସକୁ ପାଳି କରି ମାତ୍ର ୪ରୁ ୧୦ ଦିନ ବିଦ୍ୟାଳୟକୁ ଆସୁଛନ୍ତି। ବିଦ୍ୟାଳୟକୁ ଆସିବା ଦିନ ମଧ୍ୟ ଶିକ୍ଷାଦାନ ନଦେଇ ପ୍ରାୟ ସମୟରେ ମଦ ଓ ମାଂସ ଖାଇ ଭୋଜିଭାତ କରିବାରେ ବ୍ୟସ୍ତ ରହୁଛନ୍ତି କିମ୍ବା ମୋବାଇଲ୍ ଫୋନ୍‌ରେ ସମୟ କାଟୁଛନ୍ତି। ଏହି ସମ୍ପର୍କରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତପିମନି ଜାନୀଙ୍କୁ ପଚାରିବାରୁ ସେ କହିଛନ୍ତି, "ଛାତ ଉଡ଼ିଯାଇଥିବା ଘଟଣା ସମ୍ପର୍କରେ ବିଡ଼ିଓଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ଏହାର ସ୍ଥାୟୀ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।" ଅପରପକ୍ଷରେ, ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି କହିଛନ୍ତି ଯେ ପ୍ରଶାସନ ଏହି ବିଷୟରେ ସମ୍ପୂର୍ଣ୍ଣ ଅବଗତ ଅଛି ଏବଂ ଅତି ଶୀଘ୍ର ବିଦ୍ୟାଳୟର ମରାମତି ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ପ୍ରଶାସନିକ ପ୍ରତିଶ୍ରୁତି ପରେ କୋମଳମତୀ ଶିଶୁଙ୍କ ସମସ୍ୟାର କେତେ ଶୀଘ୍ର ସମାଧାନ ହେଉଛି, ତାହା ଦେଖିବାକୁ ବାକି ରହିଲା।

# ଡ୍ରେନେଜ୍ ବ୍ୟବସ୍ଥା ନାହିଁ : ପାଣିରେ ବୁଡ଼ିବ ରାଣୀତାଲ ବଜାର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**




ବର୍ଷା ଋତୁ ଆସିଗଲା। ଆଉ କିଛିଦିନ ପରେ ଡାଳିବ ବର୍ଷା ହେଲେ ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ପୂର୍ବବର୍ଷ ଭଳି ଏଥର ବି ରାଣୀତାଲ ବଜାର ପାଣିରେ ବୁଡ଼ିବ। ସୂଚନା ଅନୁସାରେ ଭଦ୍ରକ ଜିଲ୍ଲାର ଶେଷ ସୀମାରେ ଥିବା ରାଣୀତାଲ ବଜାରର ଆଖ ପାଖରେ ପ୍ରାୟ ଶହେ ଏକର ଜମିର ପାଣି ଗଡ଼ି ରାଣୀତାଲ ବଜାର ଦେଇ କେନାଲକୁ ଯାଉଛି। ସେପଟେ ଜୁଡ଼ାଗଡ଼ିଆ ହେଉ କି ସରସତିଆ, ରମ୍ଭିଳା ହେଉ କି ରାହାଞ୍ଜି ସବୁ ଅଞ୍ଚଳର ପାଣି ରାଣୀତାଲ ଦେଇ କେନାଲକୁ ଯାଉଛି। ୧୬ ନମ୍ବର ଜାତୀୟ ରାଜପଥ କାମ ବେଳେ ନା ଏହି ଡ୍ରେନେଜ୍ ବ୍ୟବସ୍ଥା ଠିକ କରାଗଲା ନା କୁପାରୀ ରାଣୀତାଲ ରାଜ୍ୟ ରାଜପଥ କାମ ବେଳେ ଏହାକୁ ଦୃଷ୍ଟି ଦିଆଗଲା। ସମସ୍ତେ ରାଣୀତାଲ ଗଳାପୋଲ ପାଖରେ ନିଜ କାମ ରଖି ଠିକାଦାର ଛୁ ମାରିଲେ। ରାଣୀତାଲ ବଜାର ପାଖରୁ କେନାଲକୁ ମାତ୍ର ୨୦୦ ମିଟର ଦୂର ହୋଇ ଥିଲେ ବି ଡ୍ରେନେଜ୍ ସିଷ୍ଟମ୍ ନଥିବାରୁ ବର୍ଷାଦିନେ ପାଣି ନିଷ୍କାସନ କମ୍ ହେଉଛି। କେତେକ ଦୋକାନୀ ହୋମ୍ ପାଇପ ପକାଇ ନିଜ ଦୋକାନକୁ ରାସ୍ତା ନେଇଥିବା ବେଳେ ପତ୍ରଦୂନା ଆଦି ପଡ଼ି ସେ ନାଳ ଏବେ ବନ୍ଦ। ଗତ ବର୍ଷ ବର୍ଷାରେ ଦୀର୍ଘ ୫ ଦିନ ଧରି ରାଣୀତାଲ ବଜାର ବୁଡ଼ିରହିବା ପାରେ ସ୍ଥାନୀୟ କିଛି ବୁଦ୍ଧିଜୀବୀ ଏ ବିଷୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ। ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ ନିଜେ ଠିଆ ହୋଇ ନାଳ ନିଷ୍କାସନ କାର୍ଯ୍ୟ ତଦାରଖ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। ହେଲେ କାମ ଯେଉଁଠି ଅଟକି ଥିଲା ସେଇଟି ଅଟକିଛି ହେଲେ ପୁଣି ବର୍ଷଦିନ ଆସି ପହଞ୍ଚିଲାଣି। ରାଜନେତା ହେଉ କି ଜିଲ୍ଲା ପ୍ରଶାସନର ଏଥି ପ୍ରତି ନିଘା ଥିବା ଭଳି ମନେ ହେଉ ନାହିଁ। ଏହାର ସ୍ଥାୟୀ ସମାଧାନ ନ କଲେ ଆଗକୁ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗଞ୍ଜାମରେ ଥମୁନାହିଁ ମନ୍ଦିର ଲୁଟ୍ ଘଟଣା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ମନ୍ଦିର ଲୁଟ୍ ଘଟଣା ଥମିବାର ନାଁ ଧରୁନି। କିଛି ଦିନର ବ୍ୟବଧାନ ମଧ୍ୟରେ ଗୋଟିଏ ପରେ ଗୋଟିଏ ମନ୍ଦିର ଲୁଟ୍ ହେବାରେ ଲାଗିଛି। ପୁଲିସ ମନ୍ଦିର ଲୁଟେରା ମାନଙ୍କୁ କାବୁ କରିପାରୁ ନଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏବେ ପୁଣି ଲୁଟେରାମାନେ ବୈଦ୍ୟନାଥ ପୁର ଥାନାର ଚଣ୍ଡିମନ୍ଦିରରେ ପଶି ହୁଣ୍ଡିଭାଙ୍ଗି ଟଙ୍କାପଇସା ଲୁଟି ନେଇଛନ୍ତି।

# ବୃଦ୍ଧା ମାଆ ଭରସାରେ ଭେଣ୍ଡିଆ ପୁଅ, ଆହା କରିବାକୁ କେହି ନାହାନ୍ତି

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଦିନେ ସେ ଟ୍ରାକ୍ଟର ଚଲାଇ ପରିବାର ଚଳାଉଥିଲେ, କିନ୍ତୁ ଜାଣି ନଥିଲେ ଦିନେ ସେ ପରିବାରର ବୋଝ ପାଲଟି ଯିବେ। ସୁଖର ସପନ ଦେଖୁ ଦେଖୁ ଭାଗ୍ୟ ଏମିତି ଏକ ଦୋ ଛକିରେ ଆଣି ରଖିଦେବ ସେ ଜାଣି ପାରି ନଥିଲେ। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ଜଗତରାମ ନାଗ। ବୟସ ୩୭ ବର୍ଷ। ତାଙ୍କରି ଦୁଃଖ କହିଲେ ନସରେ। ୫ ବର୍ଷ ହେଲା ଶଯ୍ୟାଶାୟୀ ଜଗତଙ୍କ ପାଇଁ ଏକମାତ୍ର ସାହା ଭରଷା ସତୁରି ବର୍ଷୀୟା ବୃଦ୍ଧା ମାଆ। ତାଙ୍କରି ଭରସାରେ ଜୀବନ ଜିଇଁବାକୁ ପଡୁଛି। ଜଗତ ଆଗରୁ ଟ୍ରାକ୍ଟର ଡ୍ରାଇଭର ଥିଲେ ଓ ବାପା ମାଆଙ୍କୁ ପୋଷୁଥିଲେ। କିନ୍ତୁ ଦଇବ ଦାଉ ସାଜିଲା। ୨୦୨୧ ମସିହା ମାର୍ଚ୍ଚ ୨୧ ତାରିଖ, ସେଦିନ ଥିଲା ହୋଲି। ଜଗତ ଟ୍ରାକ୍ଟର ନେଇ ଶ୍ରମିକ ମାନଙ୍କ ସହ ମାଟି ଆଣିବାକୁ ଯାଇଥିଲେ। ଶ୍ରମିକ ମାନେ ମାଟି ହାଣୁଥିବା ବେଳେ ହଠାତ୍ ମାଟି ଅତଡା ତାଙ୍କ ଉପରେ ପଡ଼ି ଯାଇଥିଲା। ସେ ଗୁରୁତର ଆହତ ହେବା ସହ ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ପ୍ରଥମେ ଖଡ଼ିଆଳ ଓ ପରେ ନୂଆପଡ଼ା ଡାକ୍ତରଖାନାରେ ଭର୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ବୁର୍ଲା ରେଫର କରି ଦେଇଥିଲେ। ବୁର୍ଲା ଠାରେ ଉନ୍ନତ ଚିକିତ୍ସା ସୁବିଧା ହୋଇ ନ ପାରିବାରୁ ତାଙ୍କୁ ରାୟପୁର ସ୍ଥିତ ରାମକୃଷ୍ଣ କେୟାର ହସ୍ପିଟାଲ ନିଆଗଲା। ସେଠାରେ ତାଙ୍କର ମେରୁଦଣ୍ଡ ଅସ୍ତ୍ରୋପଚାର କରାଗଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ସହ ଘର ତିଆରି ପାଇଁ ରଖିଥିବା ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଗଲା। ସେଠାରୁ ଆସିଲା ପରେ ଘରେ ଶଯ୍ୟାଶାୟୀ ହୋଇ ପଡ଼ି ରହିଲେ। ବୃଦ୍ଧ ବାପା ମାଆ ତାଙ୍କୁ ଯତ୍ନ ନେବାକୁ ଲାଗିଲେ। ଜଗତ ଖଟରୁ ଉଠି ପାରନ୍ତି ନାହିଁ। ତେଣୁ ସେଠାରେ ସ୍ନାନ, ଶୌଚ, ଖାଇବା ପିଇବା କରନ୍ତି। ଏତିକିରେ ଦୁଃଖର ଅନ୍ତ ହେଲା ନାହିଁ। ଦୁଇ ବର୍ଷ ତଳେ ପେଟ ରୋଗରେ ପଡି ବାପା ଯୁଗେ ନାଗ ଆର ପାରି କି ଚାଲି ଯାଇଛନ୍ତି। ଏବେ ଦୁଇ ପଇସା ଉପାର୍ଜନ କରିବା ପାଇଁ କେହି ନାହିଁ। ମାଆ ପୁଅଙ୍କ ମାସିକ ଭତା ଓ ୩୫ କିଲୋଗ୍ରାମ ଚାଉଳ ହିଁ ସେମାନଙ୍କ ବଂଚିବାର ଭରସା। ଜଗତଙ୍କ ଔଷଧ ପାଇଁ ସପ୍ତାହକୁ ତିନି ହଜାର ଟଙ୍କା ଖର୍ଚ୍ଚ ହେଉଥିଲା। ଟଙ୍କା ନ ଥିବାରୁ ଔଷଧ ଖାଇବା ବନ୍ଦ କରି ଦେଇଛନ୍ତି। ଜଗତ ଓ ତାଙ୍କ ମାଆ ପଲିଥିନ ଘରେ ରହି ଆସୁଥିଲେ। ଘରେ କବାଟ ନଥିବା ବେଳେ ଉପରେ ପଲିଥିନ ଢ଼ଙ୍କା ହୋଇଛି। ନିଜ ଘର ନଥିବାରୁ ବାପା ମାଆଙ୍କ ସହ ଆଗେ ଲୋକଙ୍କ ଘରେ ରହୁଥିଲେ। ୨୦୦୮ ରେ ଘର ଖଣ୍ଡେ ଆରମ୍ଭ କରିଥିଲେ ମଧ୍ୟ କାମ ଆଗେଇ ପାରି ନଥିଲା। ବାପା ମାଆ ଓ ଜଗତ ପରିଶ୍ରମ କରି ଧିରେ ଧିରେ ତିନି ଲକ୍ଷ ଟଙ୍କା ସଂଚୟ କଲେ। ଆଶା ଥିଲା ଏଥର ଘର ତୋଳା ହୋଇଯିବ। କିନ୍ତୁ ଜଗତଙ୍କ ଦୁର୍ଘଟଣା ପରେ ଚିକିତ୍ସା ଓ ଔଷଧ ଖର୍ଚ୍ଚରେ ସବୁ ସରିଗଲା। ବାଧ ହୋଇ ଅଧା ତିଆରି ଘରେ ଜରି ପଲିଥିନ ଢାଙ୍କି ଦୁଇ ବର୍ଷ ହେଲା ରହୁଛନ୍ତି। ସରକାରଙ୍କ ଆବାସ ଯୋଜନା ସେମାନଙ୍କ ପାଇଁ ସାତ ସପନ। ଜଗତଙ୍କ ଚିକିତ୍ସା ସହ ଘର ଖଣ୍ଡେ ପାଇଁ ସମସ୍ତେ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା କେନ୍ଦ୍ରର ମେଡିକାଲ ଇନ୍ ଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏକ ଟିମ୍ ପଠାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ତଦନ୍ତ କରିବେ ଓ ଚିକିତ୍ସା ସେବା ଯୋଗାଇ ଦେବେ ବୋଲି କହିଛନ୍ତି। ଏନେଇ ଆମେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ଭେଟିବାରୁ ତାଙ୍କୁ ଆର୍ଥିକ ସହଯୋଗ ସହ ଦ୍ୱିତୀୟ ପର୍ଯ୍ୟାୟରେ ଘର ଆସିଲେ ଅଗ୍ରାଧିକାର ଭିତିରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୫ ବର୍ଷ ପରେ ଚୋରି ସୁନା ଉଦ୍ଧାର, କନ୍ୟାକୁମାରୀରୁ ୨ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ପ୍ରାୟ ୫ ବର୍ଷ ତଳେ ମାଲକାନଗିରି ସହରରେ ଘଟିଥିବା ବହୁଚର୍ଚ୍ଚିତ ୭୦୦ ଗ୍ରାମ ସୁନା ଗହଣା ଲୁଟ୍ ମାମଲାରେ ପୋଲିସକୁ ମିଳିଛି ବଡ଼ ସଫଳତା। ତାମିଲନାଡୁର କନ୍ୟାକୁମାରୀରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ମାଲକାନଗିରି ଆଦର୍ଶ ଥାନା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ମଦାସୁ ଜନ ପଲ୍ ଓରଫ ଜଗଦିଶ ଏବଂ ଇନ୍ତୁରି ଓରୁଣା ଓରଫ ଅର୍ଚ୍ଚନା। ଉଭୟେ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ବାସିନ୍ଦା ବୋଲି ପୋଲିସ ସୂଚନା ଦେଇଛି। ୨୦୨୧ ମସିହାରେ ମାଲକାନଗିରି ସହରର ପ୍ରସାଦ ଜୁଏଲର୍ସରର ମାଲିକ ସୁବାଷ ପାଟିଲଙ୍କୁ ପୂଜା ଭୋଗ କହି ନିଶା ମିଶ୍ରିତ ମିଠା ଖୁଆଇ ଅଭିଯୁକ୍ତମାନେ ପ୍ରାୟ ୭୦୦ ଗ୍ରାମ ସୁନା ଗହଣା ଲୁଟି ନେଇଥିଲେ। ଘଟଣା ପରେ ପୋଲିସ ଦୀର୍ଘସମୟ ଧରି ତଦନ୍ତ ଚଳାଇଥିଲା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଜୁଲାଇ ୨୦୨୬ ସୋମବାର





# ବାରିପଦାରେ ପିଏମଏୱାଇ (ସହରୀ) ୨.୦ର ୫ମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ

**ବାରିପଦା, ନ୍ୟୁଜ ବ୍ୟୁରୋ**



ବାରିପଦା ପୌରସଭା କନଫରେନ୍ସ ହଲ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ର ୫ମ ପର୍ଯ୍ୟାୟର ୬୧ ସଂଖ୍ୟକ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଉପନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନସିଲରମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେଓ ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପୌରାଞ୍ଚଳର ୨୮ଟି ୱାର୍ଡରେ ଯୋଗ୍ୟ ଭାବେ ଚିହ୍ନଟ କରାଯାଇଥିବା ହିତାଧିକାରୀଙ୍କୁ ମନ୍ତ୍ରୀ କର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ମ୍ୟୁନିସିପାଲ ଯନ୍ତ୍ରୀ, ପୌରପାଳିକାର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୋଜନାର ଲାଭାର୍ନ୍ଧିତମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ନଗର ଉନ୍ନୟନକୁ ଆଗକୁ ବଢ଼ାଇବା ସହ ଗରିବ ଓ ଆବାସହୀନ ପରିବାରମାନଙ୍କୁ ସ୍ଥାୟୀ ବାସଗୃହ ସୁବିଧା ଯୋଗାଇବା ପ୍ରତି ଗୁରୁତ୍ୱ ଆରୋପ କରାଯାଇଥିଲା।

## ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ରଥଯାତ୍ରା ଓ ବାହୁଡାଯାତ୍ରାର ନୀତି ନିର୍ଘଣ୍ଟ ନେଇ ବିସ୍ତୃତ ଆଲୋଚନା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ପ୍ରସିଦ୍ଧ କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡାଯାତ୍ରା ନୀତି ନିର୍ଘଣ୍ଟ, ରାସ୍ତାଘାଟ ମରାମତି, ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଟ୍ରାଫିକ୍ ନିୟନ୍ତ୍ରଣ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଏହା ବ୍ୟତୀତ ରଥଦାଣ୍ଡ ସଫେଇ, ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡଦାଣ୍ଡରେ ରଥଯାତ୍ରାଠାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ ନ ବସିବା ପାଇଁ ବାରଣ କରାଯିବା, ସଫେଇ ବ୍ୟବସ୍ଥା ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି, ହାଇମାକ୍ସ ଲାଇଟ୍ ବ୍ୟବସ୍ଥା, ରଥଦାଣ୍ଡରେ ଆମିଷ ସମ୍ପୂର୍ଣ୍ଣ ବିକ୍ରୀ ବନ୍ଦ କରିବା, ଅସ୍ଥାୟୀ ସିସିଟିଭି କ୍ୟାମେରା ଲଗାଇବା, ଠାକୁରଙ୍କ ସାମ୍ନାରେ ସେବାୟତମାନେ ଭିଡ ନ କରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଚଳିତ ରଥଯାତ୍ରା ଓ ବାହୁଡା ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ ଓ ସେବାୟତମାନଙ୍କ ସାହାର୍ଯ୍ୟ ସହଯୋଗ କାମନା କରାଯାଇଛି । ଗତବର୍ଷ ଭଳି ଏ ବର୍ଷ ମଧ୍ୟ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ ଗୋଟି ଷ୍ଟଲ୍ ଖୋଲାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସ ଏବଂ ବାହୁଡା ଯାତ୍ରାର ପ୍ରଥମ ଓ ଦ୍ୱିତୀୟ ଦିବସରେ ସମୁଦାୟ ଚାରିଦିନ ପାଇଁ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ନବକ୍ରିଷ୍ଣ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଅମିତାଭ୍ ସୁଆର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ, ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟବେର୍ଡ ସଭ୍ୟ ଧୀରେନ୍ ସାହୁ, ପଣ୍ଡିତ ହୃଷୀକେଶ ରଥ, ସେବକ ନୃସିଂହ ପ୍ରସାଦ ପତ୍ରିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଖପ୍ରାଖୋଲରେ ବିକଶିତ ଭାରତ ଜି.ରାମ.ଜି ଯୋଜନାର ଶୁଭାରମ୍ଭ

# ଗ୍ରାମୀଣ ଭିତ୍ତି ଭୂମିର ବିକାଶ ପାଇଁ ଜୀବନ ଜୀବିକାକୁ ଗୁରୁତ୍ୱ

**ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବିକଶିତ ଭାରତ ଜି.ରାମ.ଜି ଯୋଜନାର ବ୍ଲକ ସ୍ତରୀୟ ଲୋକାର୍ପଣ ଉତ୍ସବ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ବ୍ଲକ ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ, ଏସବିଆଇ ଶାଖା ପରିଚାଳକ ଅନୀଲ କୁମାର ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଯୋଗଦେଇଥିଲେ। ଗତ ୧ ତାରିଖରୁ ସାରାଦେଶରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବଦଳରେ ବିକଶିତ ଭାରତ ଜି ରାମ ଜି ଅଧିନିୟମ ୨୦୨୫ ଅନୁସାରେ ବିକଶିତ ଭାରତ ଜି ରାମ ଜି ଯୋଜନା ଶୁଭାରମ୍ଭ ହୋଇଛି। ଏହି ଅବସରରେ ବ୍ଲକ ସ୍ତରରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏହି ଆଇନ ତଥା ଯୋଜନାର ବୈଶିଷ୍ଟ୍ୟ, ଲକ୍ଷ, ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ ପରିଚାଳନା ଉପରେ ବିଡ଼ିଓ ଉପସ୍ଥାପନ କରିଥିଲେ। ଏହି ଯୋଜନା ୧୨୫ଦିନ ର କାମ ଅଣକୁଶଳୀ ଶ୍ରମିକଙ୍କୁ ଯୋଗାଇବାକୁ ଗ୍ୟାରେଣ୍ଟି ଦେଉଥିବି ବେଳେ ଜଳ ସଂରକ୍ଷଣ, ଗ୍ରାମୀଣ ଭିତ୍ତି ଭୂମିର ବିକାଶ ଓ ଜୀବନ ଜୀବିକା ସୁନିଶ୍ଚିତ କରିବ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ମଧ୍ୟ ନିଜ ମତରଖିଥିଲେ। କାର୍ଯ୍ୟକ୍ରମରେ ବୈଦ୍ୟନାଥ ମିଶ୍ର, ମୁନା ପୁରୋହିତ , ଦେବରାଜ ପ୍ରଧାନ, ରମେଶ ପାଢ଼ୀ, ପୃଥ୍ୱରାଜ ରାଉତ, ମୋହନ ବେହେରା, ରାମାନନ୍ଦ ବେହେରା, ବୁଲୁ ବାରିକ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଏଓ, ଜବ କାର୍ଡ ଧାରୀ ଉପସ୍ଥିତ ଥିଲେ।

## ପାଞ୍ଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ.ଏସ.ଏମ.ଇ କାର୍ଯ୍ୟକ୍ରମ- ୨୦୨୬' ସଫଳତାର ସହ ଉଦ୍‌ଯାପିତ

# ଜିଲ୍ଲାର ସ୍ଥାୟୀ ବିକାଶ ହାସଲ କରିବା ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଜିଲ୍ଲା ଶିଳ୍ପ କେନ୍ଦ୍ର (ଡି.ଆଇ.ସି), ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ପାଞ୍ଚଦିନିଆ "ଉଦ୍ୟମୀ ଓଡ଼ିଶା ଏମ.ଏସ.ଏମ.ଇ କାର୍ଯ୍ୟକ୍ରମ- ୨୦୨୬' ସଫଳତାର ସହ ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଉଦ୍ୟମୀ ହେବାକୁ ଇଚ୍ଛୁକ ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ଆର୍ଥିକ ଅନୁଷ୍ଠାନ ଏବଂ ଶିଳ୍ପ ପ୍ରତିନିଧିମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଉଦ୍ୟୋଗିକତାର ପ୍ରସାର, ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଯୁବପିଢ଼ୀଙ୍କୁ ସ୍ୱରୋଜଗାର ଓ ଉଦ୍ୟୋଗ ସ୍ଥାପନ ଦିଗରେ ପ୍ରେରିତ କରିବା। ଗତ ଜୁନ୍ ୨୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ ଭବ୍ୟ ଉଦଘାଟନୀ ସମାରୋହ ମାଧ୍ୟମରେ ହୋଇଥିଲା। ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ତଥା ବୀରମହାରାଜପୁରର ବିଧାୟକ ଇଂ .ରଘୁନାଥ ଜଗଦଲା ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ.ଏଚ.ଜି) ଓ ଅଣୁ. କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ) ମାନଙ୍କ ଉତ୍ପାଦ ପ୍ରଦର୍ଶନୀର ମଧ୍ୟ ଉଦଘାଟନ କରାଯାଇଥିଲା। ବକ୍ତାମାନେ ଉଦ୍ୟୋଗୀ ସଚେତନତା ଓ ଋଣ ସହାୟତାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍ୟୋଗୀ ଦକ୍ଷତା ବିକାଶ ଓ ସ୍ୱୟଂ ସହାୟକ ଗୋଷ୍ଠିଙ୍କ ପାଇଁ ସହାୟତା ସମ୍ବନ୍ଧରେ ଅଧିବେଶନ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ସକ୍ରିୟ ଭାବରେ ଆଲୋଚନାରେ ଭାଗ ନେଇ ନିଜର ସନ୍ଦେହ ଦୂର କରିଥିଲେ। ତୃତୀୟ ଦିନରେ ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା -ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମାର୍କେଟିଂ, ନବସୃଜନ, ଷ୍ଟାର୍ଟଅପ୍ ସୁଯୋଗ, ବ୍ରାଣ୍ଡିଂ, ବଜାର ସଂଯୋଗ ଏବଂ ପ୍ରଭାବଶାଳୀ ଉଦ୍ୟୋଗ ପରିଚାଳନା ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଉଦ୍ୟମୀ ହେବାକୁ ଇଚ୍ଛୁକ ଯୁବମାନଙ୍କୁ ଆଧୁନିକ ବ୍ୟବସାୟ ପଦ୍ଧତି ଅନୁସରଣ କରିବା ଓ ବିଭିନ୍ନ ଏମଏସଏମଇ ଏବଂ ଷ୍ଟାର୍ଟଅପ୍ ଯୋଜନାର ସୁବିଧାର ସର୍ବୋତ୍ତମ ବ୍ୟବହାର କରିବା ପାଇଁ ପ୍ରେରିତ କରାଯାଇଥିଲା । ଚତୁର୍ଥ ଦିନରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ମହାବିଦ୍ୟାଳୟ ଏବଂ ଆଇ. ଟି. ଆଇ ଗୁଡିକର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗିକତା ସମ୍ପର୍କିତ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରବନ୍ଧ ଲେଖନ, ଚିତ୍ରାଙ୍କନ, ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ନବସୃଜନ, ସୃଜନଶୀଳତା ଓ ଉଦ୍ୟୋଗିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥିଲା। ପଞ୍ଚମ ଏବଂ ଶେଷ ଦିନରେ ସୋନପୁର ପୌରପରିଷଦର ପୌରାଧ୍ୟକ୍ଷା ଶ୍ରୀମତୀ ତାମସୀ ତାମସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସମାରୋହଟି ସମ୍ପର୍ଣ୍ଣ ହୋଇଥିଲା ଏଥିରେ ପଏଁରୀ ଅନୁଷ୍ଠାନ ଦ୍ୱାରା ଗୀତ ମାଧ୍ୟମରେ ଏମ.ଏସ.ଏମ.ଇ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନା ଏବଂ ଅଭିଯୋଗ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ବିଶିଷ୍ଟ ଅତିଥି, ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବ୍ୟାଙ୍କର, ଉଦ୍ୟୋଗୀ ଓ ଅଂଶଗ୍ରହଣକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଆର୍ଥିକ ସ୍ୱାବଲମ୍ବନ, ରୋଜଗାର ସୃଷ୍ଟି ଏବଂ ସ୍ଥାୟୀ ବିକାଶ ହାସଲ କରିବାରେ ଉଦ୍ୟୋଗିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କୁଇଜ୍, ବିତର୍କ, ପ୍ରବନ୍ଧ ଲେଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପାଞ୍ଚଦିନିଆ ଉଦ୍ୟୋଗିକତା କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ଅଂଶଗ୍ରହଣ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁବର୍ଣପୁରର ସାଧାରଣ ପରିଚାଳିକା ଇଂ. ସୁଷମା କରାଲି ସମସ୍ତ ବିଶେଷଜ୍ଞ, ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଆର୍ଥିକ ଅନୁଷ୍ଠାନ, ଉଦ୍ୟୋଗୀ, ଗଣମାଧ୍ୟମ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଆନ୍ତରିକ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓମିନି ଗାଡ଼ି ସହ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ

**ରାଇଘର, ନ୍ୟୁଜ ବ୍ୟୁରୋ**

ଏକ ଦୁଃଖଦ ସଡ଼କ ଦୁର୍ଘଟଣା। ଓମିନି ଗାଡ଼ି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ ଜଣଙ୍କ ହେଲେ ଟିମନପୁର ପଞ୍ଚାୟତ ଅନ୍ତର୍ଗତ ବୁଡ୍ରାରାପାରା ଗ୍ରାମର ତୁଲାରାମ ମାଝୀ ବୋଲି ଜଣାପଡ଼ିଛି। ବାଇକ୍ ଯୋଗେ ଡିଜେଲ ନେଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଓମିନି ଧକ୍କାରେ ବାଇକ ଚାଳକ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତୁରନ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ଆଠଗଡ ଓ ଟିଗିରିଆରେ ଚାଲିଛି ବେଧଡ଼କ ନିଶା କାରବାର : ପୋଲିସ, ପ୍ରଶାସନ ଚୁପ୍

**ଆଠଗଡ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ପକ୍ଷରୁ ଜମା ରାଶି ୩ ଲକ୍ଷ ଟଙ୍କା ଲେଖାଏ ଅମାନତ ରଖି ଜିଲ୍ଲା ପ୍ରଶାସନ ଦ୍ୱାରା ଲଟେରୀ ମାଧ୍ୟମରେ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ କରିବା ଲାଗି ସ୍ୱୀକୃତି ପ୍ରଦାନ କରାଗଲା । ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସାରା ରାଜ୍ୟରେ ନିଶାମୁକ୍ତ ଅଭିଯାନ ଆରମ୍ଭକରିବା ସହିତ ଆଗାମୀ ୨୦୨୯ ମସିହା ସୁଦ୍ଧା ରାଜ୍ୟକୁ ନିଶା ମୁକ୍ତ ରାଜ୍ୟ କରିବା ଲାଗି ନିଶାମୁକ୍ତ ଅଭିଯାନ ଓ ସଚେତନତା କାର୍ଯ୍ୟ ଆରମ୍ଭ ହୋଇଛି । ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଜିଲ୍ଲା ମାନଙ୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏଥିଲାଗି ଭିଡିଓ କନଫ୍ରେନ୍ସ ମାଧ୍ୟମରେ ଏହି ଅଭିଯାନକୁ ସଫଳ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପ୍ରରିପ୍ରେକ୍ଷୀରେ ଗୁରୁଡିଝାଟିଆ ଖୁଣ୍ଟୁଣୀ ଥାନା ପକ୍ଷରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନକୁ ଜୋରଦାର କରାଯାଇ ପ୍ରଚାର ପ୍ରସାର ଦେଖିବାକୁ ମିଳିଥିଲା ବେଳେ ଅନୁରୂପ ଭାବେ ଆଠଗଡ ଓ ଟିଗିରିଆ ଥାନା ପକ୍ଷରୁ ମଧ୍ୟ ନିଶା ମୁକ୍ତ ଓଡିଶା ସଚେତନତା କାର୍ଯ୍ୟକ୍ରମ ହୋଇଥିବା ଶୁଣିବାକୁ ମିଳିଥିଲା । ଜନସାଧାରଣଙ୍କ ସହଯୋଗ ମିଳିଲେ ଆଗାମୀ ୨୦୨୯ ମସିହା ସୁଦ୍ଧା ଓଡିଶା ନିଶାମୁକ୍ତ ରାଜ୍ୟରେ ପରିଣତ ହୋଇପାରିବ ବୋଲି ସଚେତନତା କାର୍ଯ୍ୟକ୍ରମରେ ପ୍ରଚାର ପ୍ରସାର କରାଯାଥିଲା। ଏଥିରେ ସ୍କୁଲ କଲେଜ ଓ ଗ୍ରାମାଞ୍ଚଳର ମହିଳାଙ୍କୁ ସାମିଲ କରାଗଲେ ନିଶାମୁକ୍ତ ଓଡିଶା ଗଠନ ସଚେତନତା ଅଭିଯାନ ସଫଳ ହୋଇପାରିବ ବୋଲି ସଚେତନତା କାର୍ଯ୍ୟକ୍ରମରେ ପ୍ରକାଶ କରାଯାଇଥିଲା। ଥାନା ପକ୍ଷରୁ ସଚେତନତା କାର୍ଯ୍ୟ ଧର୍ମକୁ ଆଖି ଠାର ସଦୃଶ୍ୟ । ପୋଲିସ ଓ ଅବକାରୀ ବିଭାଗ ମିଳିତ ସହଯୋଗରେ ଓଡିଶାର ପଶ୍ଚିମାଞ୍ଚଳ ଜିଲ୍ଲା ଗୁଡିକରେ ରେ ଗଞ୍ଜେଇ ଚାଷ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ପ୍ରାୟ ୨ ହଜାର କୋଟି ଟଙ୍କାରୁ ଉର୍ଦ୍ଧ ବିଭିନ୍ନ ନିଶା ଦ୍ରବ୍ୟକୁ ନଷ୍ଟ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ, ଆଉ ଯେଉଁ ଥାନା ଅଞ୍ଚଳ ନିଶା କାରବାର ହେଉଥିବ ସେହି ନିଶା ମାଫିଆଙ୍କୁ ଖୋଜି ବାହାର କରାଯିବା ସହିତ ନିଶା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚେତନତା କରାଯାଇଥିଲା। କିନ୍ତୁ ଆଠଗଡ ଥାନା ଗ୍ରାମ ରୁ ସହର ସବୁଠି ବେଆଇନ ଦେଶୀ ବିଦେଶୀ ମଦ କାରବାର ଦିବାରାତ୍ରି ଚାଲିଥିବା ବାରମ୍ବାର ଅଭିଯୋଗ ପରେ ଆଠଗଡ ପୋଲିସ ପ୍ରଶାସନର ନିଦ ଭାଙ୍ଗୁନି ଥାନା ଠାରୁ କୋରାଙ୍ଗା ମାତ୍ର ଅଳ୍ପ ଦୂର ଦିନ ରାତି ଦେଶୀ ରନ୍ଧା ହଉଚି କିନ୍ତୁ ପୋଲିସ କିଛି ଜାଣି ପାରୁନି ଏପଟେ ଖୁଣ୍ଟୁଣୀ ଥାନା ଡ଼ାଲୁଆ, ସରସ୍ୱତିପୁର, ଅଡାଳ ସଂରକ୍ଷିତ ଜଙ୍ଗଲ ପାଲଟିଛି ବେଆଇନ ନକଲି ଦେଶୀ ବିଦେଶୀ ମଦ ପ୍ରସ୍ତୁତ ହବ, ଗୁରୁଡିଝାଟିଆ ଥାନା ଅଞ୍ଚଳରେ ମଧ ନକଲି ଦେଶୀ ବିଦେଶୀ ମଦ କାରବାରର ହବ ପାଲଟିଛି । ସେହିପରି ଟିଗିରିଆ ଥାନା ଭୀରୁଡ଼ା ଅଞ୍ଚଳରେ ସର୍ବାଧିକ ନକଲି ଦେଶୀ ବିଦେଶୀ ମଦ ପ୍ରସ୍ତୁତ କରାଯାଇ ସାର ରାଜ୍ୟକୁ ଚାଲାଣ ଲାଗି ପ୍ରସିଦ୍ଧି ଲାଭ କରିଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ଏଥିଲାଗି ଆଠଗଡ଼ ଉପଖଣ୍ଡ ଓଡିଶା ରେ ସଦା ସର୍ବଦା ଚର୍ଚ୍ଚାରେ ରହି ଆସିଛି । ସବୁଠାରୁ ଅତି ଦୁଃଖ ଦାୟକ ଯେ ଆଠଗଡ଼ରେ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ ଗୁଡିକ ସବୁ ଆଠଗଡ଼ ସହର ମୂଖ୍ୟ ବଜାର ଚାନ୍ଦବାଲି ଛକ, କାନ୍ତୋଲ ବଜାର ଜନ ଗହଳି ପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ଅଛି ଯେଉଁଥି ପାଇଁ ନିଶା ଶକ୍ତ ମଦ୍ୟପ ମାନେ ରାସ୍ତା ପାର୍ଶ୍ୱରେ ଜନ ଗହଳି କରି ରାସ୍ତାକୁ ସଙ୍କୁଚିତ କରି ରଖୁଥାନ୍ତି । ଏହି ରାସ୍ତା ଦେଇସାଧାରଣ ଜନତା ଙ୍କ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନେ ଦୈନଦୀନ ଯାତାୟାତ କରିଥାନ୍ତି । ଏମାନଙ୍କ ଉପରେ କେତେଯେ କୁ ପ୍ରବାହ ପଡୁବ ତାହା କଣ କାହାକୁ ଜଣା ପଡୁ ନାହିଁ କି ପୋଲିସ ପ୍ରଶାସନକୁ ଏହା ଦେଖା ଯାଉ ନାହିଁ। ତଥାପି ସଚେତନତା କାର୍ଯ୍ୟକ୍ରମ କାହା ସ୍ୱାର୍ଥରେ ବୋଲି ସାଧାରଣରେ ଅଭିଯୋଗ।

## ନିଶାମୁକ୍ତ ସମାଜ ଗଠନ ପାଇଁ ଏସ୍‌ପିଙ୍କ ଆହ୍ୱାନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଅବୈଧ ମାଦକ କାରବାର ବିରୋଧରେ ବୌଦ୍ଧ ଜିଲ୍ଲା ପୋଲିସର ଅଭିଯାନକୁ ମିଳିଛି ଆଉ ଏକ ବଡ଼ ସଫଳତା । ଗତ ଜୁନ୍ ମାସରେ 'ଅପରେସନ୍ ଦହନ' ଅନ୍ତର୍ଗତ ଜିଲ୍ଲା ପୋଲିସ ୯୭ଟି ଏନ୍‌ଡିପିଏସ୍ ମାମଲାରେ ଜବତ ହୋଇଥିବା ୩୭,୪୮୪ କିଲୋଗ୍ରାମ ୮୮୫ ଗ୍ରାମ ଗଞ୍ଜେଇକୁ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ସଫଳତାର ସହ ଧ୍ୱଂସ କରିଛି। ଏନ୍‌ଡିପିଏସ୍ ଆଇନର ଧାରା ୫୨ଏ ଅନୁଯାୟୀ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ କରାଯିବା ପରେ ସ୍ୱଚ୍ଛ ଓ ଆଇନସମ୍ମତ ପଦ୍ଧତିରେ ଏହି ଦହନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଅବୈଧ ମାଦକ ଦ୍ରବ୍ୟ କାରବାର ବିରୋଧରେ ବୌଦ୍ଧ ପୋଲିସର ଜିରୋ ଟଲୋରେନ୍ସ ନୀତି ପୁଣିଥରେ ସ୍ପଷ୍ଟ ହୋଇଛି। କେବଳ କଡ଼ା ଆଇନ ପ୍ରୟୋଗ ନୁହେଁ, ବରଂ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ି ଏବଂ ସାଧାରଣ ଜନତାଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ଓ ଏସମ୍ବନ୍ଧୀୟ ଆଇନଗତ ପରିଣାମ ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ଜିଲ୍ଲା ପ୍ରଶାସନ, କୃଷି ଓ ଉଦ୍ୟାନ ବିଭାଗ ସହ ସମନ୍ୱୟ ରକ୍ଷା କରି ଚାଷୀମାନଙ୍କୁ ପନିପରିବା, ଉଦ୍ୟାନ କୃଷି ଓ ଅନ୍ୟାନ୍ୟ ଆୟବର୍ଦ୍ଧକ ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ କ୍ଲବ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହଯୋଗରେ ନିଶାମୁକ୍ତ ସମାଜ ଗଠନ ଦିଗରେ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଉଛି। ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା 'କଡ଼ା ଆଇନ ପ୍ରୟୋଗ, ସଚେତନତା ଓ ବିକଳ୍ପ ଜୀବିକାକୁ ମୂଳ ଆଧାର ଭାବେ ନେଇ ବୌଦ୍ଧ ଜିଲ୍ଲା ପୋଲିସ ଏକ ନିଶାମୁକ୍ତ, ସୁସ୍ଥ ଓ ସୁରକ୍ଷିତ ବୌଦ୍ଧ ଗଠନ ପାଇଁ ଦୃଢ଼ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୦୭।୨୦୨୬, ଆଷାଢ଼ ଦ୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୫୯ ଚନ୍ଦ୍ରୋଦୟ- ରାଘ ୧୦।୪୫।୩୩**

ଷଷ୍ଠୀ ଦିଘ ୧।୪୯ ପର୍ଯ୍ୟନ୍ତ। **ପୂର୍ବାଭାଦ୍ର ନକ୍ଷତ୍ର-** ଦିଘ ୪।୦୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୯।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, ମୀନ ରାଶିର । ଦିଘ ୯।୫୮ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୯।୧୧ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୪୯ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଦିଘ ୧୦।୩୪ ମଧ୍ୟେ। **ପର୍ବୋତ୍ସବ-** ଶରଣ ଶେଷ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ପାରିବାରିକ ଜୀବନ ହସିଲା ପୂରିଲା ହେବ । ଦେହ ଭଲ ରହିବ । ଦେବ ଦର୍ଶନ ସହିତ ଦୂରକୁ ମଧ୍ୟ ଯାତ୍ରା କରିପାରନ୍ତି ।



**ବୃଷ:** ବ୍ୟବସାୟରେ ଆଶାନୁରୂପକ ସଫଳତା ହାସଲ କରିବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ଶତ୍ରୁ ନାଶ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ସ୍ଥିର ରହିବ ।



**ମିଥୁନ:** ଦିନଟି ଆପଣଙ୍କର ପାଇଁ ମଧ୍ୟମ ଧରଣର ହେବ । କୌଣସି ଖବର ମନକୁ ବିଚଳିତ କରିବ । ପରେ ଅଶାନ୍ତି ଦେଖାଦେବ । ରୋଜଗାରର ମାତ୍ରା ବଢିବ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମାଲିମୋକଦ୍ଦମାରେ ଶୁଣାଣୀ ସାପେକ୍ଷ ଜନିତ ହେବ ।



**ସିଂହ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶରୀର ସୁସ୍ଥ ରହିବ । ଘରେ ଖୁସିର ବାତାବରଣ ଖେଳିବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ସାପେକ୍ଷ ଜନିତ ହେବ ।



**କନ୍ୟା:** ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ପରେ ଆନ୍ଦ ଦେଖାଦେବ ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟର ପରିମାଣ ବୃଦ୍ଧି ପାଇବା



**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢିବ । ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।



**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଖୁସି ଦେଖାଦେବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସୀର ବାତାବରଣ ଖେଳିଯିବ ।



**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି ।



**ମୀନ:** ବ୍ୟବସାୟରେ କ୍ଷତି ଘଟିପାରେ । ଘରେ ଅଶାନ୍ତି ଦେଖାଦେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ବ୍ୟୟ ପରିମାଣ ବଢିବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ପିଲାମାନେ ଅସ୍ଥିରମନା ହେବେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୭।୨୦୨୬, ଆଷାଢଦି୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୫।୨୦ ଚନ୍ଦ୍ରୋଦୟ-ରାଘ୧୧।୨୦।୪୧**

**ସପ୍ତମୀ-**ଦିଘ୧।୨୭ପର୍ଯ୍ୟନ୍ତ । ଉତ୍ତରାଭାଦ୍ର **ନକ୍ଷତ୍ର ଦିଘ ୪।୨୫**ପର୍ଯ୍ୟନ୍ତ । ମୀନଚନ୍ଦ୍ର-ଅହୋରାତ୍ର **ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ,ମିଥୁନ,କନ୍ୟା,ତୁଳା,ମକର,ମୀନ ରାଶିର **ଘାତ ଚନ୍ଦ୍ର-ଧନୁ ରାଶୀର** । **ଶ୍ରାଦ୍ଧନିର୍ଣ୍ଣୟ-**ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ତାଳ ଦିଘ୧।୨୭ଗତେ ନଡିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-**ପ୍ରାଘ ୫।୧୯ ଗତେ ଦିଘ ୬।୫୮ମଧ୍ୟେ । ଦିଘ ୯।୪୧ ଗତେ ଦିଘ ୧୨।୧୯ ମଧ୍ୟେ । ପର୍ବୋତ୍ସବ-ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ରବି ଧାନ ସଂଗ୍ରହରେ ରେକର୍ଡ

୩ ଜୁଲାଇ ସୁଦ୍ଧା ୨୦.୨୦ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଛି। ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ୨୦୨୫-୨୬ ରବି ଧାନ ସଂଗ୍ରହରେ ରେକର୍ଡ। ୩ ଜୁଲାଇ ୨୦୨୬ ସୁଦ୍ଧା ୨୦.୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି। ଏଥିରେ ୩.୫୯ ଲକ୍ଷରୁ ଅଧିକ ଚାଷୀ ନିଜ ଧାନ ବିକ୍ରି କରିଛନ୍ତି। ଚାଷୀଙ୍କୁ ୪,୦୬୯.୩୧ କୋଟି ଟଙ୍କା MSP ଓ ୧,୨୫୫.୬୬ କୋଟି ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯାଇଛି। ଏପର୍ଯ୍ୟନ୍ତ ୧୯.୦୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ମିଲରଙ୍କ ଦ୍ୱାରା ଉଠାଯାଇଥିବା ବେଳେ, ପ୍ରାୟ ୧.୫୧ ଲକ୍ଷ ମେଟ୍ରିକ୍ ଟନ୍ ଧାନର ଗ୍ରହଣ ପ୍ରକ୍ରିୟା ବାକି ରହିଛି। ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨୦ ଲକ୍ଷ ମେଟ୍ରିକ ଟନର ଟାର୍ଗେଟ୍ ପୂରଣ ହେଲା। ରବିରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଲେନି। ସରକାର ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ବିରୋଧୀଙ୍କ ପାଖରେ ଆଉ କିଛି କହିବାକୁ ନାହିଁ। ଆଉ ଧାନ ବଳିନି, ତେଣୁ ଧାନ କିଣା ସମୟ ବଢିବ ନାହିଁ। ସୂଚନା ଥାଉକି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ୩୦ ତାରିଖରେ ୩ ଜୁଲାଇ ପର୍ଯ୍ୟନ୍ତ ରବି ଧାନ କିଣା ଅବଧି ବଢ଼ାଯାଇଥିଲା। ରାଜ୍ୟର ୫ଟି ଜିଲ୍ଲାରେ ଚାଷୀଙ୍କ ଧାନ ପଡ଼ି ରହିଥିବାରୁ ସରକାର ଏହି ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେଣୁ ୩ ଦିନ ମଧ୍ୟରେ ସବୁ ଧାନ ଉଠିଯିବ, ଆଉ ଅବଧି ବଢେଇବାର ଆବଶ୍ୟକତା ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହିଥିଲେ। ସେପଟେ ଚଳିତ ବର୍ଷ ସାରା ସାରର ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ୟୁରିଆ ସାର ସବୁ ପାକ୍ସରେ ମହଜୁଦ ରଖାଯାଇଛି। ଆଜି ସୁଦ୍ଧା ୮୧ ହଜାର ଟନ୍ ଷ୍ଟକ୍ ଅଛି। ଆହୁରି ସାର ଆସୁଛି। ଗତ ବର୍ଷ ବି ସାରର ଅଭାବ ନଥିଲା। ଗତ ସରକାର ୧୦୦ ଟଙ୍କା ବି ବୋନସ ଦେଇନଥିଲେ। ଯେଉଁଥିପାଇଁ ବିଜେପି ସରକାର ୮୦୦ ଟଙ୍କା ଦେବନି ବୋଲି ଲୋକେ ଭୟ କଲେ। ହେଲେ ବିଜେପି ସରକାର ୮୦୦ ଟଙ୍କା ଇନପୁଟ ସବସିଡି ଦେବା ପରେ ଚାଷୀ ଧାନ ଚାଷ କଲେ। ଗତ ବର୍ଷ ଚାଷ ଅନୁକୂଳ ପାଗ ହୋଇଥିଲା। ୨୦୨୪ରେ ଯେତିକି ୟୁରିଆ ଦିଆଯାଇଥିଲା, ୨୦୨୫ରେ ତାଠାରୁ ୪ ଲକ୍ଷ ୧୩ ହଜାର ଟନ ଅଧିକ ସାର ଦେବା ପରେ ଅଭାବ ରହିଲା। ଏଥିରେ ସରକାରଙ୍କ ଭୁଲ ନାହିଁ, ଅଧିକ ଚାଷ ହେଲା। ନିଜ ଜମି ସମେତ ସରକାରୀ ଜମି ଦଖଲ କରି ବି ଚାଷ ହେଲା। ଚଳିତ ବର୍ଷ ୮୦ ହଜାର ୬୬୯ ଟନ୍ ୟୁରିଆ ଅଛି, ୯ ହଜାର ଟନ୍ MOP ଅଛି, ୧୭ ହଜାର ଟନ୍ DAP ଅଛି, ୨୯ ହଜାର ଟନ NPKS ଅଛି, ୨୮୫ ଟନ SSP ଅଛି। ସବୁ ପ୍ରକାର ସାର ମହଜୁଦ ଅଛି। ସେପ୍ଟେମ୍ବର ଶେଷ ଆଡ଼କୁ ଧାନ ବାହାରିଲେ ସାର ଦରକାର ହେବ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସମ୍ଭବ**

ହେ ଭକ୍ତ ସମ୍ଭବପର ସବୁ ହୋଇପାରେ । ସେହି ଭକ୍ତ, ଯେ ନିଷ୍କାମ ଓ ନିଷ୍ଠାର ସହିତ ସତ୍ୟକୁ ଆଧାର କରି ସମୟର ପ୍ରତ୍ୟେକ ମୁହୂର୍ତ୍ତକୁ ଶାନ୍ତିର ବାଣୀ ଦ୍ୱାରା ପରିଚାଳନା କରିଥାଏ । ସେହି ଭକ୍ତ ହିଁ ସମାଜ ପାଇଁ ସମ୍ଭବପର ହୋଇଥାଏ । କାରଣ ତା ପାଖରେ ଅସମ୍ଭବ କିଛି ନାହିଁ । କାରଣ ତାର କାୟ ମନ ବାକ୍ୟରେ ସମ୍ବଳ ହିଁ ସ୍ୱୟଂ ଈଶ୍ୱର । ତେଣୁ ସେ ନିର୍ଭିକ ବିବେକବାନ ସେ ହିଁ ଧର୍ମ । ସେ ହିଁ ସନାତନ ।

ତେଣୁ ହେ ଭକ୍ତ ସମ୍ଭବକୁ ଅସମ୍ଭବ ଭାବିବା ଭାରି ସହଜ କିନ୍ତୁ ତାକୁ ପାଳନ କରିବା ଭାରି କଷ୍ଟ । କିନ୍ତୁ ସମ୍ଭବ ଭକ୍ତର ଭାଷାକୁ ବୁଝିବା ଭାରି କଷ୍ଟ । ତାର ବାକ୍ୟକୁ ଗ୍ରହଣ କରିବା ସବୁଠାରୁ କଷ୍ଟ । ସେତିକି ନିଷ୍ଠା ଥିବା ଦରକାର । ଯେପରି ଅଙ୍ଗୁର ଖାଇ ନପାରିଲେ ଖଟା ବୋଲି କହିଥାଆନ୍ତି ସେହିପରି ଭକ୍ତର ମନକୁ ନ ବୁଝି ତାକୁ ହେୟ ଜ୍ଞାନ କରିଥାଆନ୍ତି ଏହି ବଦ୍ଧଜୀବମାନେ । ତେଣୁ ହେ ଭକ୍ତ ପାତ୍ରରେ ଦାନ ଦିଅ । ଅ ପାତ୍ରରେ ନୁହେଁ । ତାର ଅର୍ଥ ହେଲା –

"ମୂର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମହତ୍ୟା ଦୋଷ ।"
ତେଣୁ ବୁଝି ବିଚାରୀ କାର୍ଯ୍ୟ କଲେ
ପ୍ରମାଦ ନ ପଡଇ ଭଲେ । ହରି ଓଁ । ◆◆

# ଜ୍ୱର ପୀଡ଼ିତ କାଳିଆରାଜା ଅଣସର ବାସରେ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



ପତିତପାବନ ଶ୍ରୀଜଗନ୍ନାଥ। ଭକ୍ତର ଭକ୍ତି ଡୋରିରେ ବନ୍ଧା। ଭକ୍ତଟିଏ, ଥାଉ ପଛେ ସହସ୍ର ଯୋଜନ ଦୂରରେ, ପ୍ରଭୁ ଡେରିଥାଆନ୍ତି ଶ୍ରୁତିକୁ। ତା' ଆରତ ଶୁଣନ୍ତି। ଦୁଃଖ ହରନ୍ତି। ସେ ପରା କରୁଣା ସାଗର, ଦୀନବନ୍ଧୁ, ଭାବଗ୍ରାହୀ! ସଦା ଭାବରେ ବଶ। ସେ ଦାରୁବ୍ରହ୍ମ, ଅସୀମ ତାଙ୍କ ଲୀଳାଖେଳା, ଅଦ୍ଭୁତ ତାଙ୍କ ବିଭୂତି। ତାଙ୍କ ମାୟା ତାଙ୍କୁ ଅଗୋଚର, ବ୍ରହ୍ମା-ଶିବ ବି ଜାଣିପାରି ନାହାନ୍ତି। ଯେ ଯେମିତି ଡାକିଛି, ସେଇ ଭାବେ ପାଇଛି। ଭକ୍ତ-ମନ-ଚାତକ ତୃଷ୍ଣା ମେଣ୍ଟିଛି। ବର୍ଷସାରା ଦାରୁବ୍ରହ୍ମ ରତ୍ନବେଦୀରେ। କେତେ ଭାବ ଲଗେଇଛନ୍ତି ନୀଳକନ୍ଦରରେ। ଏସବୁକୁ ଦେଖିବା ସବୁବର୍ଗର ଭକ୍ତ ପାଇଁ ସମ୍ଭବ ନୁହେଁ। ସର୍ବଧର୍ମ ସମନ୍ୱୟ ପୀଠ ନୀଳାଚଳ ଧାମ; ମାତ୍ର କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା। ଅନ୍ତର୍ଯ୍ୟାମୀ, ଭାବ ବିନୋଦିଆ, ବୁଝନ୍ତି ସେଇସବୁ ଭକ୍ତଙ୍କ ମନକଥା। ଓହ୍ଲାଇ ଆସନ୍ତି ରତ୍ନ ସିଂହାସନରୁ ଦେବସ୍ନାନ ପୂର୍ଣ୍ଣିମାରେ। ବିଜେ କରନ୍ତି ସ୍ନାନ ବେଦୀରେ। ସେଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ଅଣସର ପିଣ୍ଡିକୁ। ପନ୍ଦର ଦିନର ଅଣସର (ଅନବସର ବାସ)। ଆସେ ଆଷାଢ଼ ଶୁକ୍ଳ ଦ୍ୱିତୀୟା। ମହାପ୍ରଭୁଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଗଡ଼େ ତିନିରଥ। ସମଗ୍ର ପୃଥିବୀ ବାସୀ ଆଖିପୂରେଇ ଦେଖନ୍ତି ଶ୍ରୀଜୀଉମାନଙ୍କୁ। ଘୋଷଯାତ୍ରାର ଆଉ ଏକ ବିଶେଷତ୍ୱ। ବିଭିନ୍ନ ପର୍ବପର୍ବାଣିରେ ଶ୍ରୀଜୀଉମାନଙ୍କର ସୁନାବେଶ (ରାଜରାଜେଶ୍ୱର ବେଶ)। ତାହା ସବୁ ବର୍ଗର ଭକ୍ତ ଦେଖି ପାରନ୍ତିନି। ପରମ କାରୁଣିକ କାଳିଆ ସାଆନ୍ତେ। ମହଣ ମହଣ ସୁନାରେ ସୁସଜ୍ଜିତ ତିନି ଦିଅଁ। ଏଇ ବେଶ ବାହୁଡ଼ା ନବମୀରେ ରଥ ଉପରେ। ଭକ୍ତ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ମହାବାହୁ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା, ତନ୍ମଧ୍ୟରେ ସ୍ନାନ, ଗୁଣ୍ଡିଚା ସ୍ୱତନ୍ତ୍ର। ଏ କଥା ଲେଖିଲେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ – "ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯା'ର / ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର।" (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଜ୍ୟେଷ୍ଠପୂର୍ଣ୍ଣିମା। ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନୋତ୍ସବ। ସ୍ୱୟଂ ଦାରୁବ୍ରହ୍ମଙ୍କର ପହଣ୍ଡି ବିଜେ ସ୍ନାନବେଦୀକୁ। ଶ୍ରୀମନ୍ଦିରରେ ଅନ୍ୟ କେତେକ ଉତ୍ସବ, ନୀତିକାନ୍ତିରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା। କେତେକ କ୍ଷେତ୍ରରେ ଚକ୍ରରାଜ ସୁଦର୍ଶନ ବିଜେ କରନ୍ତି; ମାତ୍ର ସ୍ନାନ, ଗୁଣ୍ଡିଚା – ଏ ଯାତ୍ରାରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ବିଜେ କରନ୍ତି। ସ୍ନାନପୂର୍ଣ୍ଣିମା ପୂର୍ବଦିନ, ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ। ଏହି ଦିନଠାରୁ ଦଇତା ସେବକମାନଙ୍କର ସେବା ଆରମ୍ଭ, ଚାଲେ ଦୀର୍ଘ ଏକ ମାସ, ଠାକୁରଙ୍କ ନୀଳାଦ୍ରିବିଜେ ପର୍ଯ୍ୟନ୍ତ। ତ୍ରୟୋଦଶୀ ତିଥିରେ ବଡ଼ସିଂହାର ବେଶ ଶେଷ। ଦଇତାମାନେ ବାହୁଟ କଷ୍ଟ କରନ୍ତି। କୋଠ ସୁଆଁସିଆମାନେ ଚାରମାଳ ବାନ୍ଧନ୍ତି। ତିନି ଦିଅଁଙ୍କୁ ସେନାପଟା ଲାଗି ହୁଏ, ତା' ପରେ ପହୁଡ଼ ଆଳତି। ମଦନମୋହନ, ଲକ୍ଷ୍ମୀଙ୍କର ବିଜେ ଦକ୍ଷିଣ ଗୃହକୁ। ଭୂଦେବୀ, ମାଧବଙ୍କର ବିଜେ ଖଟଶେଯ ଘରକୁ। ତା' ପରଦିନ ପୂର୍ଣ୍ଣିମା। ମହାପ୍ରଭୁଙ୍କ ମହାସ୍ନାନ। ଏ ଦିନର ନୀତି ହେଲା – ମଙ୍ଗଳାର୍ପଣ, ଡୋରଲାଗି, ପୁଷ୍ପାଞ୍ଜଳି, ପହଣ୍ଡି ଆରମ୍ଭ, ପହଣ୍ଡି ଶେଷ, ସ୍ନାନବେଦୀରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶଶେଷ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଜଳବିଜେ, ପୂଜା ସହ ସ୍ନାନ। ଛେରା ପହଁରା, ହାତୀବେଶ, ସାହଣମେଳା, ବାହୁଡ଼ା ବିଜେ, ସୁନାଚିତା, ରାହୁରେଖା ମଇଲମ – ଏସବୁ ବିଶେଷ ବିଶେଷ ନୀତିକାନ୍ତି। ପ୍ରାତଃରୁ ଆରମ୍ଭ ହୁଏ ପହଣ୍ଡି ବିଜେ। ଠାକୁରମାନେ ଆସନ୍ତି ଧାଡ଼ି ପହଣ୍ଡିରେ। ଅତ୍ୟନ୍ତ ମନୋରମ ସେଇ ଦୃଶ୍ୟ।

ଘଣ୍ଟ, ଘଣ୍ଟା, କାହାଳୀର ମଧୁର ଧ୍ୱନି। ପଡୁଛି ଆଲଟ ଚାମର। ଛତାରମାନଙ୍କ ହାତରେ ଛତା। ଆଗରେ ଚକ୍ରରାଜ ସୁଦର୍ଶନ, ପଛକୁ ପଛ ବଳଭଦ୍ର, ମାତା ସୁଭଦ୍ରା। ସର୍ବ ପଶ୍ଚାତରେ କାଳିଆ ଆସନ୍ତି ହଲି ହଲି, ଝୁଲି ଝୁଲି। ଏମିତି ଧାଡ଼ି ପହଣ୍ଡି। ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ନାନ ବେଦୀରେ ବିଜେ। ସର୍ବଶେଷରେ ମହାଜନମାନେ ବିଜେ କରାନ୍ତି ମଦନମୋହନଙ୍କୁ। ଶ୍ରୀମଦନମୋହନ ପହଣ୍ଡି ବିଜେ ହୁଏ ନାହିଁ। ବିଜେ ସମୟର ଅନନ୍ୟ ଦୃଶ୍ୟ। ଶ୍ରୀଜୀଉଙ୍କ ମସ୍ତକ ଟାହିଆ। ସାତ ପାହାଚଠାରେ ଲାଗି ହୁଏ। ଯୋଗାଇ ଥାଆନ୍ତି ରାଘବ ଦାସ ମଠ। ଶ୍ରୀଜୀଉମାନେ ସ୍ନାନବେଦୀରେ। ଆରମ୍ଭ ହେବ ମହାସ୍ନାନ। ବଡ଼ଦେଉଳ ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ମନ୍ଦିର। ସନ୍ନିକଟରେ ସୁନାକୂଅ (ଶୀତଳାଙ୍କ କୂଅ)। ବର୍ଷସାରା ଏ କୂଅ ଅବ୍ୟବହୃତ। ଜ୍ୟେଷ୍ଠ ଶୁକ୍ଳ ଦଶମୀଠାରୁ ଭାରତବର୍ଷର ସକଳ ତୀର୍ଥ। ସବୁର ସମାଗତ ହୁଏ ସୁନାକୂଅରେ। ପୂର୍ଣ୍ଣିମା ଦିନ ୧୦୮ ନୂତନ କୁମ୍ଭରେ ଏହି କୂଅରୁ ଜଳ ଆସେ। ବଡ଼ ସେବକମାନେ ଏଇ ଜଳ ଆଣନ୍ତି। ମୁଦିରଥ, ସୁନା ଗୋସେଇଁ, ଜଳ ଅଧିବାସ କରି ରଖିଥାଆନ୍ତି। ଚୂଆ-କର୍ପୂର-ଚନ୍ଦନ ଆଦି ମିଶ୍ରିତ ଏଇ ଶୀତଳ ଜଳ। ଦିଅଁମାନେ ସ୍ନାନ କରନ୍ତି। ୧୦୮ କୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥ ୩୫ କୁମ୍ଭ, ବଳଭଦ୍ର ୩୩ କୁମ୍ଭ, ସୁଭଦ୍ରା ୨୨ କମ୍ଭ ଓ ସୁଦର୍ଶନ ୧୮ କୁମ୍ଭ ଜଳରେ ସ୍ନାନ କରନ୍ତି। ଗରାବଡୁ ସେବକ, ପ୍ରତିଟି କୁମ୍ଭ ଉପରେ ଖଣ୍ଡେ ଖଣ୍ଡେ କରିଆର ଆଉ ଗୋଟିଏ ନାରୀକେଳ। ଆସନ୍ତି ଧାଡ଼ିରେ। ସେମାନଙ୍କ ମୁହଁରେ ମୁହଁବନ୍ଧା। ଆଗରେ ତିଳଛ ମହାପାତ୍ର, ପ୍ରଧାନୀ ସେବକ, ହାତପୈଠ ହୋଇ ଆସନ୍ତି। ଚାରିବାଡ଼ରେ ଜଳଛେକ ବିଜେ ପ୍ରସ୍ତୁତି ଶେଷ। ତିନିଜଣ ପୂଜାପଣ୍ଡା। ଷୋଡ଼ଶ ଉପଚାରରେ ପୂଜା ଚାଲେ। ତା' ପରେ ସ୍ନାନ ପର୍ବ ଆରମ୍ଭ। ତିନିଜଣ ମେକାପ ସେବକଙ୍କ ହାତରେ ରୁପା ପିଙ୍ଗଣ। ସେଥିରେ ଗରାବଡୁ ସେବକ ଜଳ ଢାଳନ୍ତି। ପୂଜାପଣ୍ଡାମାନେ ଉକ୍ତ ଜଳକୁ ଶ୍ରୀଜୀଉଙ୍କୁ ଲାଗି କରନ୍ତି। ହରିବୋଲ ହୁଳହୁଳି ଧ୍ୱନି। ବଡ଼ଦାଣ୍ଡ ପ୍ରକମ୍ପିତ। ଘୋର ଗ୍ରୀଷ୍ମ, ନିଦାଘ କାଳ। ଘର୍ମ ଉପଶମ ଲୋଡ଼ା। ସୁବାସିତ ଶୀତଳ ଜଳ। ଠାକୁରମାନେ ମନଭରି ସ୍ନାନ କରନ୍ତି। ତା' ପରେ ଠାକୁର ରାଜାଙ୍କ ଛେରା-ପହଁରା ନୀତି। ତାଙ୍କ ଅନୁପସ୍ଥିତିରେ ମୁଦିରସ୍ତ ଏ ଦାୟିତ୍ୱ ତୁଲାନ୍ତି। ଆରମ୍ଭ ହୁଏ ଜଗା, ବଳିଆଙ୍କ ହାତୀବେଶ। ଗୋପଳ ତୀର୍ଥ ମଠ, ରାଘବଦାସ ମଠ – ଉଭୟ ହାତୀବେଶ ଉପକରଣ ଯୋଗାଇ ଦିଅନ୍ତି। ସୋଲ, ଜରିଜମ୍ବୁରା, କଦଳୀପଟରେ ତରାସ ଚୂଳ, କରପଲ୍ଲବ, ପୁଷ୍ପମାଲ୍ୟ ଏସବୁ ମୁଖ୍ୟ ଉପକରଣ। ମସ୍ତକରେ ମୁକୁଟ, ଗଳାରେ ହାର, ହାତୀକର, ଦନ୍ତ ଅନୁରୂପ ଶୋଭା ଗଜାନନ ବେଶରେ ବିଜଡ଼ିତ।

ସ୍ନାନବେଦୀରେ ମହାପ୍ରଭୁଙ୍କ ହାତୀବେଶ ଅତୀବ ରମଣୀୟ। ସ୍ନାନୋତ୍ସବରେ ଜଗନ୍ନାଥଙ୍କ ଗଣେଶ ବେଶ ଗାଣପତ୍ୟ ସମ୍ପ୍ରଦାୟର ଉତ୍ସବ। ଏଇଟି ସ୍ମାର୍ତ୍ତମତ। ଗଜାନନ ବେଶ ସମ୍ବନ୍ଧୀୟ କିମ୍ବଦନ୍ତୀଟେ। ମହାରାଷ୍ଟ୍ରର ଶ୍ରୀଗଣପତି ଭଟ୍ଟ, ଗଣେଶଙ୍କର ପରମ ଭକ୍ତ। ଆସିଲେ ଶ୍ରୀକ୍ଷେତ୍ର। ଦେଖିବେ ଦାରୁବ୍ରହ୍ମଙ୍କୁ ଗଜାନନ ରୂପେ। ପ୍ରଭୁ ପୂର୍ଣ୍ଣ କଲେ ତାଙ୍କ ମନସ୍କାମନା। ରଖିଲେ ଶ୍ରୀ ଭଟ୍ଟଙ୍କ ମିନତି – "ଆଜହୁଁ ଏ ଦେବ ସ୍ନାନ ଯାତ / ଯେବେ ହୋଇବ ଜଗନ୍ନାଥ / କେବଳ ହସ୍ତୀବେଶ ହୋଇ / ବିଜେ କରିବ ଭାବଗ୍ରାହୀ / ଏତିକି ମାତ୍ର ଆଜ୍ଞା ହେଉ / ଏକଥା ଯୁଗେ ଯୁଗେ ରହିଥାଉ।" ପ୍ରଭୁ କଲେ ତଥାସ୍ତୁ। ସେଇଦିନୁ ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ହାତୀବେଶ। ବଡ଼ ମନଜିଣା ଏ ଦୃଶ୍ୟ। ଦେବ, ଦାନବ, ନର, କିନ୍ନର – ସମସ୍ତେ ଦେଖନ୍ତି ମହାବିଷ୍ଣୁଙ୍କୁ ଗଜାନନ ବେଶରେ। ଇନ୍ଦ୍ର କରନ୍ତି ପୁଷ୍ପବୃଷ୍ଟି। ଚାଲେ ସାହାଣ ମେଳା ଦର୍ଶନ। ପ୍ରଭୁଙ୍କ ଏ ବେଶର ଆଉ ଏକ ବିଧି। ତିନିବାଡ଼ରେ ଲାଗି କରାଯାଏ ରତ୍ନଚିତା, ସୁବର୍ଣ୍ଣ ବାହୁରେଖା। ହାତୀବେଶ ମଇଲମ ପରେ ଏ ସବୁ ଓଲାଗି ହୁଏ। ପୂର୍ଣ୍ଣିମାର ସମସ୍ତ ପୂଜାବିଧି ଶେଷ। ତା' ପରେ ଚାଲେ ଗୋଟିପହଣ୍ଡି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଜେ ଅଣସର ପିଣ୍ଡିକୁ। ସ୍ନାନଯାତ୍ରା ବିଧି ସମାପ୍ତ।

ମହାପ୍ରଭୁଙ୍କ ଅତ୍ୟଧିକ ସ୍ନାନ। ଏବେ ପୀଡ଼ିତ କମ୍ପଜ୍ୱରରେ। ଲୋଡ଼ା ଉପଚାର। ଏ ସବୁର ବ୍ୟବସ୍ଥା ଅଣସର ଘରେ। ଦିଅଁମାନେ ରହନ୍ତି ଗୋଟିଏ ପକ୍ଷ। ଉକ୍ତ ସମୟ ଠାକୁରଙ୍କ ଅନବସର ବାସ ବା ଅଣସର ବାସ। ଅଣସର ପିଣ୍ଡି ଚାରିପଟେ ବାଉଁଶ ତାଟି। ଠୋକ ସୁଆରାଁସିଆ ସେବକମାନେ ଭିଡ଼ି ଥାଆନ୍ତି। ବାହାରେ ଖଟଟିଏ। ଖଟ ଉପରେ ପଟିଦିଅଁ (ବାସୁଦେବ, ଭୁବନେଶ୍ୱରୀ, ନାରାୟଣ)। ଦକ୍ଷିଣ ଘରୁ ସାତମୂର୍ତ୍ତି ଦେବଦେବୀ ଅଣାଯାଏ। ଦୋଳଗୋବିନ୍ଦ, ରାମ, ନୃସିଂହ ବଡ଼ ବାଡ଼ରେ। ଶ୍ରୀଦେବୀ, ଭୂଦେବୀ ମଝିବାଡ଼ରେ। ମଦନମୋହନ କୃଷ୍ଣ ଜଗନ୍ନାଥଙ୍କ ବାଡ଼ରେ। ଏମାନେ ଖଟ ଉପରେ ବିଜେ କରନ୍ତି। ଏଇ ଦଶ ଦେବଦେବୀ, ଦଶ ଅବତାର ଠାକୁର। ତିନି ପଟିଦିଅଁଙ୍କୁ ତାଟି ଦହିରେ ରୁନ୍ଧାଯାଏ। ଦଶାବତାର ଠାକୁରଙ୍କ ଠାରେ ନିତିଦିନିଆ ନୀତିକାନ୍ତି ସମ୍ପନ୍ନ ହୁଏ। ଅଣସର ଗୃହକୁ କେବଳ ଦଇତାଙ୍କ ସହ ପତି ମହାପାତ୍ରଙ୍କ ପ୍ରବେଶ, ଅନ୍ୟମାନଙ୍କୁ ପ୍ରବେଶ ନିଷେଧ। ଠାକୁରମାନଙ୍କ ପରିଧାନ ଶୁକ୍ଳବସ୍ତ୍ର। ଶୁକ୍ଳଫୁଲ ଲାଗି ହୁଏ। ପତି ମହାପାତ୍ର ପଣାଭୋଗ ଅର୍ପଣ କରନ୍ତି। ଦଶାବତାର ଦିଅଁଙ୍କ ବଡ଼ଶିଙ୍ଗାର ଶେଷ ହୁଏ। ତା' ପରେ ଅଣସର ଦିଅଁଙ୍କ ପାଇଁ ଚକଟା ଭୋଗ। ଏହି ଭୋଗ ଧୁଆମୁଗ, ପଣସ ଇତ୍ୟାଦିରେ ପ୍ରସ୍ତୁତ। ଅଣସର ବାସରେ ଠାକୁରମାନଙ୍କର ପରିଧାନ ଏକ ବସ୍ତ୍ର। ଦଇତାମାନେ ମଧ୍ୟ ଏକ ବସ୍ତ୍ର ପରିଧାନ କରନ୍ତି।

ଅଣସର ବାସରେ ସ୍ୱତନ୍ତ୍ର ବ୍ୟବସ୍ଥା। ଦ୍ୱିତୀୟ ଦିନ ସ୍ନାନଯାତ୍ରା। ପହଣ୍ଡି ବସ୍ତ୍ର ଉତ୍ତରାଯାଏ। ଚତୁର୍ଥ ଦିନ ଶ୍ରୀଅଙ୍ଗ ଫିଟା ନୀତି। ମୁଖ୍ୟତଃ ଶ୍ରୀମୁଖ, ଶ୍ରୀଅଙ୍ଗ ଖୋଲାଯାଏ। ପଞ୍ଚମ ଦିନ 'ଫୁଲୁରି ଲାଗି'। ରାଶିତେଲ, ଚୂଆ, କର୍ପୂରରେ ଫୁଲୁରି ପ୍ରସ୍ତୁତ। ତିଆରି କରନ୍ତି ଦଇତାମାନେ। ଷଷ୍ଠୀରୁ ନବମୀ ଯାଏ 'ଓଷୁଅ ଲାଗି' ବିଧି। ଅଣସର ସୁଧ ସୁଆର ଝୁଣାବାଟି ଓଷୁଅ ପ୍ରସ୍ତୁତ କରିଥାଆନ୍ତି। ଦଶମୀଦିନ 'ଚକାବଇଠି' ନୀତି। ଏକାଦଶୀରେ ଚନ୍ଦନ ସହିତ ବଟା କର୍ପୂର କେଶର ଠାକୁରଙ୍କୁ ଲାଗି କରାଯାଏ। ଶ୍ରୀଜୀଉମାନେ ଅସୁସ୍ଥ। ପୂର୍ଣ୍ଣ ବିଶ୍ରାମ ଲୋଡ଼ା। ସେଇଥି ପାଇଁ ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ନିରବ। ମାତ୍ର ଅଣସର ବାସର ଏକାଦଶ ଦିନ। ବାଜେ ଘଣ୍ଟ, ଘଣ୍ଟା, କାହାଳୀ। ଅଣସର ବାସରେ ପତି ମହାପାତ୍ର ସର୍ପାମଣୋହି କରି ପୂଜା କରନ୍ତି। ଏହି ପୂଜାରେ ଘଣ୍ଟି, ଶଙ୍ଖ, ପିଢ଼ା, ଥାଳି ଆଦିର ବ୍ୟବହାର ନିଷେଧ। ଦ୍ୱାଦଶୀ ଦିନ ରାଜପ୍ରସାଦ ନୀତି। ତ୍ରୟୋଦଶୀ ଦିନ 'ଘଣାଲାଗି ନୀତି'। ଶ୍ରୀପୟର ପୂଜା ହୁଏ। ମହାପ୍ରଭୁଙ୍କୁ ପାଟ ଡୋର, ଖଳିପ୍ରସାଦ ଆଉ ଖଡ଼ିପ୍ରସାଦ ଲାଗି କରାଯାଏ। ସେଇ ତ୍ରୟୋଦଶୀରେ 'ଶ୍ରୀମୁଖ ଓତା' ନୀତି। ଚତୁର୍ଦ୍ଦଶୀରେ ପତ୍ରି ମହାପାତ୍ର ଶ୍ରୀଜୀଉଙ୍କୁ ବନକ ଲାଗି କରନ୍ତି। ତା' ପରେ ହୁଏ ଚକା ଅଣସର ଲାଗି। ଦଶାବତାରଙ୍କ ଠାରେ ଆଳତି, ଅବକାଶ ନୀତି ସମାପ୍ତ ହୁଏ। ତା' ପରେ ପାଞ୍ଚ ମୂର୍ତ୍ତି ଦକ୍ଷିଣ ଘରକୁ। ଶ୍ରୀଦେବୀ, ଭୂଦେବୀ ଖଟ ଶେଯଘର, ପଟିଦିଅଁଙ୍କ ବିମଳା ମନ୍ଦିର ନିକଟସ୍ଥ ମଣ୍ଡଣି ଘରକୁ ବିଜେ। ମହାଜନମାନେ ଏ କାର୍ଯ୍ୟ ସମ୍ପନ୍ନ କରନ୍ତି। ଆସେ ଅମାବାସ୍ୟା ସକାଳ, ଏ ଦିନ ନବଯୌବନ ଦର୍ଶନ। ଏଇ ଦିନରେ ଏକ ବିଶିଷ୍ଟ ନୀତି 'ନେତ୍ରୋତ୍ସବ'। ପତି ମହାପାତ୍ରଙ୍କ ଦ୍ୱାରା ସଂସ୍କାରିତ ଚନ୍ଦନ, ଦଇତାପତିମାନେ ତାହା ଲାଗି କରନ୍ତି। ତା' ପରେ ମଇଲମ ନୀତି। ତିନି ଠାକୁରଙ୍କୁ ନ' ଖଣ୍ଡ, ସୁଦର୍ଶନଙ୍କୁ ଖଣ୍ଡେ, ବୋଇରାଣୀ ବସ୍ତ୍ର ଲାଗିହୁଏ। ଦତ୍ତମହାପାତ୍ରଙ୍କ ଅକ୍ଷତ, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳୀ ବନ୍ଦାପନା ସରେ। ତିନୋଟି ରୁପା ବଟାରେ ପ୍ରସ୍ତୁତ ଥାଏ କଳା। ତିନିଜଣ ଦତ୍ତ ମହାପାତ୍ର ତାହା ସହିତ ତିନିଟି କାଠି ତିନି ପୂଜା ପଣ୍ଡାଙ୍କୁ ପ୍ରଦାନ କରନ୍ତି। ପୂଜାପଣ୍ଡା ଶ୍ରୀନେତ୍ର ଲାଗି କରନ୍ତି। ଏହା ଜୀଉମାନଙ୍କର ନେତ୍ରୋତ୍ସବ। ଏ ଦିନ ଚନ୍ଦନ ଲାଗି ବା ସର୍ବାଙ୍ଗ ନୀତି। ସର୍ବାଙ୍ଗ ପରେ ଠାକୁରମାନଙ୍କର ବେଶଲାଗି ନୀତି। ପରବର୍ତ୍ତୀ ନୀତିକାନ୍ତି ଘୋଷଯାତ୍ରାର ଆନୁସଙ୍ଗିକ ବିଧିବିଧାନ। ଅଣସର ବିଧିବିଧାନ, ଶ୍ରୀଜୀଉମାନଙ୍କର ମାନବୀୟ ଲୀଳାର ଅଂଶବିଶେଷ।

ପ୍ରଭୁଙ୍କ ଅଣସର ବାସକୁ ନେଇ ପୌରାଣିକ ତଥ୍ୟଟେ। ସୃଷ୍ଟି ଆରମ୍ଭ କଥା। ନୀଳ ସୁନ୍ଦର ପର୍ବତ। ଅବସ୍ଥିତ ସମୁଦ୍ରକୂଳ ଗୋଟେ ଟାପୁରେ। ନଦୀ, ସମୁଦ୍ର ବେଷ୍ଟିତ ଏଇ ଟାପୁ ଅତୀବ ସୁନ୍ଦର। ସାଗର ମନ୍ଥନରୁ ମହାଲକ୍ଷ୍ମୀ ଉଦ୍‌ଭବ ହେଲେ; ମାତ୍ର ଏହାର ବହୁ ପୂର୍ବ ପ୍ରସଙ୍ଗ। ତାଙ୍କର ଅଗ୍ରଜା ଅଲକ୍ଷ୍ମୀଙ୍କର ଆବିର୍ଭାବ। ବିଷ୍ଣୁ ଯୋଗ୍ୟ ସେଇ ଦେବଭୂମି। ଅକ୍ତିଆର କରିନେଲେ ଅଲକ୍ଷ୍ମୀ। ତାଙ୍କ କବଳରୁ ଦେବଭୂମି ମୁକ୍ତ ହେବା ଆବଶ୍ୟକ। ଏଥି ପାଇଁ ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ବିଷ୍ଣୁ ସମସ୍ୟା ସମାଧାନ କଲେ। ଅଲକ୍ଷ୍ମୀ ରୂପବତୀ; ମାତ୍ର ଭୟଙ୍କରା। ବିଶାଳା କର୍ଣ୍ଣ, ଉତ୍କଟ ଗର୍ଜନ। ତାଙ୍କ ସ୍ୱର କର୍କଶ। ନିଘଞ୍ଚ ଜଙ୍ଗଲ। ତନ୍ମଧ୍ୟରେ ଏକ ଅଶ୍ୱତ୍ଥ ବୃକ୍ଷ। ତା'ରି ମୂଳରେ ବସିଲେ ଅଲକ୍ଷ୍ମୀ। ଉଦ୍ଦାଳକ ଋଷି ବିବାହ କର୍ମ ସମାପନ କରିବେ। ଆମନ୍ତ୍ରଣ କରିବାକୁ ଗଲେ ବିଷ୍ଣୁ। ବିଷ୍ଣୁଙ୍କ ମାୟା, ଜାଣି ପାରିଲେନି ଅଲକ୍ଷ୍ମୀ। ଉଦ୍ଦାଳକ ମନ୍ତ୍ର ପାଠ କରୁଥାଆନ୍ତି; ମାତ୍ର ଅଲକ୍ଷ୍ମୀଙ୍କ ସହ ଉଦ୍ଦାଳକଙ୍କ ବିବାହ ସମ୍ପନ୍ନ ହେଇଗଲା। ଶେଷରେ ଜାଣିଲେ ଅଲକ୍ଷ୍ମୀ। ତାଙ୍କ ଦେହରେ ଆବେଗମୟ କମ୍ପନ। ସେଇଦିନୁ ବିନା ପବନରେ ଅଶ୍ୱତ୍ଥ ବୃକ୍ଷରେ କମ୍ପନ। ଅଲକ୍ଷ୍ମୀ ଛଳନାକାରୀ ବିଷ୍ଣୁଙ୍କୁ ଦେଲେ ଅଭିଶାପ। ବିବାହର ମିଥ୍ୟା ପ୍ରଲୋଭନରୁ ତାଙ୍କ ଦେହରେ ସୃଷ୍ଟ କମ୍ପନ। ସେଇ କମ୍ପନ ପ୍ରତିବର୍ଷ ବିଷ୍ଣୁ ପାଇବେ। ତାହା ସତ୍ୟ ହେଲା। ପ୍ରଭୁଙ୍କ ରହଣି ଅଣସର ବାସରେ। ଭୁଲ ପାଇଁ ଶାସ୍ତି ଅଛି। ଏଥିରୁ ବି ବିଷ୍ଣୁ ବାଦ୍ ପଡ଼ିନାହାନ୍ତି।

ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ। ଆସେ ଆଷାଢ଼ ଶୁକ୍ଳ ପୁଷ୍ୟା ନକ୍ଷତ୍ର ଯୁକ୍ତା ଦ୍ୱିତୀୟା ତିଥି। ଅଣସର ପିଣ୍ଡିରୁ ସିଧା ପହଣ୍ଡି ବିଜେ ରଥ ତ୍ରୟୀକୁ। ନବଦିନାତ୍ମକ ଗୁଣ୍ଡିଚା ଯାତ୍ରା ମହାପ୍ରଭୁଙ୍କର – ଶ୍ରୀମନ୍ଦିରରୁ ଯଜ୍ଞବେଦୀ, ପତିତପାବନଙ୍କ ପତିତ ଉଦ୍ଧାର ପାଇଁ ଏଇ ଲୀଳାଖେଳା। ମହାପ୍ରଭୁ ଜଗତବାସୀଙ୍କ କଲ୍ୟାଣ କରନ୍ତୁ। ନୀଳାଚଳିଆଙ୍କ ଠାରେ ଏତିକି ବିଶ୍ୱର ମିନତି। ତାଙ୍କ ପଦତଳେ କୋଟି ପ୍ରଣତି –

**"ନୀଳାଚଳ ନିବାସାୟ ନିତ୍ୟାୟ**
**ପରମାତ୍ମନେ**
**ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ**
**ତେ ନମଃ।**
**ଜଗଦାନନ୍ଦକନ୍ଦାୟ ପ୍ରଣତାର୍ତ୍ତି**
**ହରାୟ ଚ**
**ନୀଳାଚଳ ନିବାସାୟ**
**ଜଗନ୍ନାଥାୟତେ ନମଃ।"**

# ନଅ ବର୍ଷର ଜିଏସଟି: ସରଳୀକୃତ ଟିକସ ବ୍ୟବସ୍ଥା, ସୁଦୃଢ଼ ଭାରତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ଼,
ମୋ-୯୪୩୭୯୯୪୩୭୯

ବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧି ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା ଏହାର ଜଟିଳ ତଥା ବିଭକ୍ତ ଟିକସ ବ୍ୟବସ୍ଥା, ଯାହାକୁ ବଦଳାଇବା ପାଇଁ ୧ ଜୁଲାଇ ୨୦୧୭ ରେ ଦେଶରେ ବସ୍ତୁ ଏବଂ ସେବା କର ଅର୍ଥାତ୍ ଜିଏସଟି (GST - Goods and Services Tax) ଲାଗୁ କରାଯାଇଥିଲା। ବର୍ତ୍ତମାନ ଏହି ଐତିହାସିକ ଟିକସ ସଂସ୍କାର ସଫଳତାର ସହ ନଅ ବର୍ଷ ଅତିକ୍ରମ କରିସାରିଛି ଏବଂ 'ନଅ ବର୍ଷର ଜିଏସଟି: ସରଳୀକୃତ ଟିକସ ବ୍ୟବସ୍ଥା, ସୁଦୃଢ଼ ଭାରତ' ଶୀର୍ଷକ ଏହି ସମୟସୀମା କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଆଧୁନିକ ଭାରତୀୟ ଅର୍ଥନୀତିର ଏକ ବାସ୍ତବ ଚିତ୍ରକୁ ପ୍ରଦର୍ଶନ କରୁଛି। ଜିଏସଟି ଲାଗୁ ହେବା ପୂର୍ବରୁ ଭାରତୀୟ ବ୍ୟବସାୟୀ ଏବଂ ସାଧାରଣ ଗ୍ରାହକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅନେକ ପ୍ରକାରର ପରୋକ୍ଷ କର ଯେପରିକି ଏକ୍ସାଇଜ୍ ଡ୍ୟୁଟି, ସର୍ଭିସ୍ ଟ୍ୟାକ୍ସ, ଭାଟ୍ (VAT), ବିଳାସପୂର୍ଣ୍ଣ କର ଏବଂ ଚୁଙ୍ଗି କର ଭଳି ପ୍ରାୟ ୧୭ ଟି ବଡ଼ ପରୋକ୍ଷ କର ଏବଂ ୨୩ଟି ସେସ୍ ଜାଲରେ ଛନ୍ଦି ହୋଇ ରହିଥିଲେ, ଯାହାଫଳରେ ଟିକସ ଉପରେ ଟିକସ ଲାଗିବା କାରଣରୁ ବସ୍ତୁର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଥିଲା ଏବଂ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଥିଲା। ଏହି ସମସ୍ତ ଜଟିଳତାକୁ ଦୂର କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର 'ଏକ ଦେଶ, ଏକ ଟ୍ୟାକ୍ସ, ଏକ ବଜାର' (One Nation, One Tax, One Market) ର ସଂକଳ୍ପ ନେଇ ଜିଏସଟି ପ୍ରବର୍ତ୍ତନ କଲେ, ଯାହା ସମଗ୍ର ଭାରତୀୟ ଭୌଗୋଳିକ ସୀମାକୁ ଏକ ଏକୀକୃତ ଅର୍ଥନୈତିକ ବଜାରରେ ପରିଣତ କରିବାରେ ସଫଳ ହେଲା। ବିଗତ ନଅ ବର୍ଷ ମଧ୍ୟରେ ଜିଏସଟି କେବଳ ରାଜସ୍ୱ ସଂଗ୍ରହ ବୃଦ୍ଧି କରିନାହିଁ, ବରଂ ଏହା ଦେଶର ସାଧାରଣ ନାଗରିକଙ୍କ ଆର୍ଥିକ ବୋଝକୁ ହ୍ରାସ କରିବା ସହ ବ୍ୟବସାୟିକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଏବଂ ସମଗ୍ର ସଂଘୀୟ ବ୍ୟବସ୍ଥା ବା କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ମଜଭୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ସାଜିଛି। ଜିଏସଟି ଆସିବା ପରେ ସବୁଠାରୁ ବଡ଼ ପରିବର୍ତ୍ତନ ଟିକସ ପ୍ରଶାସନର ସରଳୀକରଣ କ୍ଷେତ୍ରରେ ଦେଖିବାକୁ ମିଳିଛି, କାରଣ ପୂର୍ବ ଭଳି ବ୍ୟବସାୟୀମାନଙ୍କୁ ବିଭିନ୍ନ ବିଭାଗକୁ ଦୌଡ଼ିବାକୁ ପଡୁନାହିଁ ଏବଂ ଜିଏସଟି ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ରିଟର୍ଣ୍ଣ ଦାଖଲ, ଟ୍ୟାକ୍ସ ପେମେଣ୍ଟ ଏବଂ ରିଫଣ୍ଡ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅନଲାଇନ୍ ତଥା କାଗଜବିହୀନ (Paperless) ହୋଇଯାଇଛି। ପ୍ରଯୁକ୍ତିବିଦ୍ୟାର ଏହି ସଫଳ ପ୍ରୟୋଗ ଯୋଗୁଁ ଟିକସ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବା ସହ ଦୁର୍ନୀତି ଏବଂ ଟିକସ ଚୋରି ହେବାର ସମ୍ଭାବନା ବହୁ ମାତ୍ରାରେ ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଜିଏସଟି ପରିଷଦ (GST Council) ଦ୍ୱାରା ନିୟମିତ ବ୍ୟବଧାନରେ ହେଉଥିବା ବୈଠକ ମାଧ୍ୟମରେ ସାଧାରଣ ଜନତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରୁ କର ହାର ହ୍ରାସ କରାଯାଇଛି, ଯେଉଁଥିପାଇଁ ପୂର୍ବରୁ ଅନେକ ସାମଗ୍ରୀ ଉପରେ ଲାଗୁ ହେଉଥିବା ପ୍ରାୟ ୩୧ ପ୍ରତିଶତର ପରୋକ୍ଷ କର ଭାର ବର୍ତ୍ତମାନ ହ୍ରାସ ପାଇ ମୁଖ୍ୟତଃ ୧୨ ରୁ ୧୮ ପ୍ରତିଶତ ସ୍ଲାବ୍ ମଧ୍ୟରେ ସୀମିତ ରହିଛି, ଏବଂ ଅଟା, ଚାଉଳ, କ୍ଷୀର ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀକୁ କରମୁକ୍ତ କରାଯାଇଛି, ଯାହା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ପରିବାରକୁ ବଡ଼ ଆଶ୍ୱାସନା ଦେଇଛି। ବ୍ୟବସାୟ କ୍ଷେତ୍ରରେ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' (Ease of Doing Business) ବା ବ୍ୟବସାୟ କରିବାର ସହଜତାକୁ ଏହା ବହୁଗୁଣିତ କରିଛି, ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (MSMEs) ମାନଙ୍କ ପାଇଁ କମ୍ପୋଜିସନ୍ ସ୍କିମ୍ ଏବଂ ଟ୍ୟାକ୍ସ ଛାଡ଼ର ସୀମା ବୃଦ୍ଧି କରାଯାଇ ସେମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରାଯାଇଛି। ଲଜିଷ୍ଟିକ୍ସ କ୍ଷେତ୍ରରେ ଜିଏସଟି ଏବଂ ଇ-ୱେ ବିଲ୍ (E-way Bill) ବ୍ୟବସ୍ଥାର ପ୍ରବର୍ତ୍ତନ ଫଳରେ ରାଜ୍ୟ ସୀମାନ୍ତରେ ଥିବା ଚେକ୍‌ପୋଷ୍ଟଗୁଡ଼ିକ ଉଚ୍ଛେଦ ହୋଇଛି, ଯାହାଦ୍ୱାରା ସାରା ଦେଶରେ ମାଲ୍ ପରିବହନ କରୁଥିବା ଟ୍ରକ୍ ଏବଂ ଗାଡ଼ିଗୁଡ଼ିକର ଯାତ୍ରା ସମୟ ପ୍ରାୟ ୨୦ ରୁ ୩୦ ପ୍ରତିଶତ ହ୍ରାସ ପାଇଛି, ଯାହା ଇନ୍ଧନ ବଞ୍ଚାଇବା ସହ ଦେଶର ଉତ୍ପାଦନ ଶିଳ୍ପର ଦକ୍ଷତାକୁ ବଢ଼ାଇଛି। ଅର୍ଥନୈତିକ ସୁଦୃଢ଼ତା ଦୃଷ୍ଟିରୁ ଦେଖିଲେ ଜିଏସଟି ରିଟର୍ଣ୍ଣ ଦାଖଲକାରୀଙ୍କ ସଂଖ୍ୟା ବିଗତ ନଅ ବର୍ଷରେ ପ୍ରାୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହା ଦର୍ଶାଉଛି ଯେ ଭାରତୀୟ ଅର୍ଥନୀତି କେତେ ଦ୍ରୁତ ଗତିରେ ଆନୁଷ୍ଠାନିକ ବା ଫର୍ମାଲାଇଜ୍ ହେବାରେ ଲାଗିଛି। ମାସିକ ଜିଏସଟି ରାଜସ୍ୱ ସଂଗ୍ରହ ବର୍ତ୍ତମାନ କ୍ରମାଗତ ଭାବେ ୧.୭ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରୁଛି, ଯାହା ସରକାରଙ୍କୁ ଦେଶର ବୃହତ ଭିତ୍ତିଭୂମି ବିକାଶ ଯେପରିକି ଜାତୀୟ ରାଜପଥ, ରେଳବାଇର ଆଧୁନିକୀକରଣ, ଗ୍ରାମୀଣ ଗୃହ ନିର୍ମାଣ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ କରିବା ପାଇଁ ଶକ୍ତିଶାଳୀ ଆର୍ଥିକ ସମ୍ବଳ ଯୋଗାଇ ଦେଉଛି। ସରକାରୀ ରାଜସ୍ୱର ଏହି ସ୍ଥିରତା ଏବଂ ଦ୍ରୁତ ବୃଦ୍ଧି ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥିତିକୁ ସୁଦୃଢ଼ କରିଛି ଏବଂ ଆନ୍ତର୍ଜାତୀୟ ସ୍ତରରେ ନିବେଶକମାନଙ୍କ ଆସ୍ଥା ଜିତିବାରେ ସାହାଯ୍ୟ କରିଛି। ନଅ ବର୍ଷର ଏହି ଯାତ୍ରା କେବଳ ସଫଳତାର କାହାଣୀ ନୁହେଁ, ବରଂ ଏହା ମଧ୍ୟରେ ଅନେକ ଆହ୍ୱାନ ମଧ୍ୟ ଆସିଛି, ଯେପରିକି ପ୍ରାରମ୍ଭିକ ପର୍ଯ୍ୟାୟରେ ପୋର୍ଟାଲରେ ଦେଖାଦେଇଥିବା ବୈଷୟିକ ସମସ୍ୟା, କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ନୂତନ ବ୍ୟବସ୍ଥାକୁ ଗ୍ରହଣ କରିବାରେ କଠିନତା ଏବଂ କୋଭିଡ-୧୯ ମହାମାରୀ ସମୟରେ ରାଜ୍ୟଗୁଡ଼ିକର କ୍ଷତିପୂରଣକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି, କିନ୍ତୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ତଥା ଜିଏସଟି ପରିଷଦର ସହକାରୀ ସଂଘବାଦ (Cooperative Federalism) ର ଶ୍ରେଷ୍ଠ ଉଦାହରଣ ଯୋଗୁଁ ପ୍ରତିଟି ସମସ୍ୟାର ସମୟୋଚିତ ତଥା ସନ୍ତୁଳିତ ସମାଧାନ କରାଯାଇପାରିଛି। ସରକାର ନିକଟରେ ଟିକସଦାତାମାନଙ୍କ ସୁବିଧା ପାଇଁ ଜିଏସଟି ଆପେଲେଟ୍ ଟ୍ରିବ୍ୟୁନାଲ୍ (GSTAT) ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ବୈଷୟିକ ଭିଡ଼ ଯୋଗୁଁ ଅପିଲ୍ ଦାଖଲର ସମୟସୀମାକୁ ବୃଦ୍ଧି କରି ଉଦ୍ୟୋଗୀମାନଙ୍କ ପ୍ରତି ସହାନୁଭୂତିଶୀଳ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି, ଯାହା ପ୍ରମାଣିତ କରେ ଯେ ଏହି ଟିକସ ବ୍ୟବସ୍ଥା କେତେ ଗତିଶୀଳ ଏବଂ ଗ୍ରାହକ-ଅନୁକୂଳ। ଆଗାମୀ ଦିନରେ ଜିଏସଟି ବ୍ୟବସ୍ଥାକୁ ଆହୁରି ସରଳ କରିବା ପାଇଁ ପେଟ୍ରୋଲିୟମ୍ ଉତ୍ପାଦ, ପ୍ରାକୃତିକ ଗ୍ୟାସ୍ ଏବଂ ବିଦ୍ୟୁତ ଶୁଳ୍କକୁ ଏହା ଅଧୀନକୁ ଆଣିବା ପାଇଁ ଚେଷ୍ଟା କରାଯାଉଛି, ଯାହା ସାରା ଦେଶରେ ଉତ୍ପାଦନ ଖର୍ଚ୍ଚକୁ ଆହୁରି କମ୍ କରିବ। ବିଗତ ନଅ ବର୍ଷର ସଫଳ ରୂପାନ୍ତରଣ ଏହା ସ୍ପଷ୍ଟ କରୁଛି ଯେ ଜିଏସଟି କେବଳ ଏକ ଆର୍ଥିକ ବ୍ୟବସ୍ଥାର ପରିବର୍ତ୍ତନ ନୁହେଁ, ବରଂ ଏହା ହେଉଛି ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ଗଠନର ଏକ ଅତି ଶକ୍ତିଶାଳୀ ଡିଜିଟାଲ୍ ସ୍ତମ୍ଭ। ଜିଏସଟି ଯୋଗୁଁ ଦେଶର ଟିକସ ଭିତ୍ତିଭୂମି ସୁଦୃଢ଼ ହେବା ସହ ଆର୍ଥିକ ଅନୁଶାସନ ପ୍ରତିଷ୍ଠିତ ହୋଇପାରିଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ପାଇଁ ମୂଳଦୁଆ ସାଜିବ। ତେଣୁ, ନଅ ବର୍ଷର ସଫଳତା ପରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଜିଏସଟି ଦେଶର ଅର୍ଥନୈତିକ ପ୍ରଗତିର ଗତିକୁ ସ୍ଥିର ଓ ଦ୍ରୁତ କରି ଭାରତୀୟ ସାମର୍ଥ୍ୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିପାରିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୬ ଜୁଲାଇ ୨୦୨୬ ସୋମବାର





## ଖଡ଼ିଆଲ-ସିନାପାଲି ରାସ୍ତା ସମ୍ପୂର୍ଣ୍ଣ ହେବ କେବେ ?

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଲ-ସିନାପାଲି ରାସ୍ତା ନିର୍ମାଣ କାମ ଚାଲିଛି। ସିନାପାଲି ଠାରୁ ନେହେନା ମିଳପଡ଼ା ପର୍ଯ୍ୟନ୍ତ କାମ ଶେଷ ହୋଇଛି। ହେଲେ ନେହେନା ମିଳପଡ଼ା ଠାରୁ ଖଡ଼ିଆଲ ତିନି କି.ମି. ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ଫୁଟ୍‌ରୁ ଚାରି ଫୁଟ୍ ମାଟି ଖୋଳି ସମ୍ପୃକ୍ତ ଠିକା ସଂସ୍ଥା ଦୀର୍ଘ ତିନି ମାସରୁ ଅଧିକ ଦିନ ହେବ ଛାଡିଦେଇଛି। ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ମୂଳକ ସୂଚନା ଫଳକ ଲଗାଯାଉନଥିବାରୁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରାସ୍ତା ଧୂଳିମୟ ହେଉଛି ଫଳରେ ସ୍ଥାନୀୟ ଜନସାଧାରଣ ଓ ପଥିକ ହଇରାଣ ହେଉଛନ୍ତି। ବିଶେଷକରି ରାତି ସମୟରେ ଖୋଲା ରାସ୍ତା, ଗଭୀର ଖାଲ ଓ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ପଡ଼ିରହୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହା ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ଓ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ତୁରନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଖଡ଼ିଆଲ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ତାହା ସମ୍ଭବ ହୋଇନଥିଲା।

## ଅବଧି ସରିଲା:କିନ୍ତୁ ସରୁନି ଗୁପ୍ତେଶ୍ୱର ପୀଠ ସୌନ୍ଦର୍ଯ୍ୟକରଣ କାମ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଅବଧି ସରିଲା କିନ୍ତୁ ସରୁନି ଗୁପ୍ତେଶ୍ୱର ପୀଠ ସୌନ୍ଦର୍ଯ୍ୟକରଣ। ଗୁପ୍ତେଶ୍ୱର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ। ଅତିଶୀଘ୍ର ସୌନ୍ଦର୍ଯ୍ୟକରଣ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଗୁପ୍ତେଶ୍ୱରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଛୁଟି ଆସୁଛନ୍ତି। ଏଥିଲାଗି ତତ୍କାଳୀନ ସରକାର ପୀଠରେ ସୌନ୍ଦର୍ଯ୍ୟକରଣ ପାଇଁ ୨୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଡବଲ୍ ଇଞ୍ଜିନ୍ ସରକାରୀଙ୍କ ୨ ବର୍ଷ କାର୍ଯ୍ୟକାଳ ଶେଷ ହୋଇଛି କିନ୍ତୁ ପୀଠର ସୌନ୍ଦର୍ଯ୍ୟକରଣ ଶେଷ ହୋଇପାରିନାହିଁ। ଆଜିବି ପୀଠରେ ଆବଶ୍ୟକ ଗୋଷ୍ଠୀ ଶୌଚାଳୟ, ବସ୍‌ଷ୍ଟାଣ୍ଡ, ଆଶ୍ରୟସ୍ଥଳୀ, ପାନୀୟଜଳ ଓ ମେଡିକାଲ୍ ଭଳି ଜରୁରୀ ବ୍ୟବସ୍ଥା ନାହିଁ, ବିଶେଷ କରି ପ୍ରାପ୍ତ ବୟସ୍କଙ୍କ ଓ ଭିନ୍ନକ୍ଷମଙ୍କ ପାଇଁ ସୁବିଧାରେ ଦର୍ଶନ ବ୍ୟବସ୍ଥା ନାହିଁ ଯାହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ। ଗତ ଦିନରେ ସ୍ଥାନୀୟ ସାଂସଦ ବଳଭଦ୍ର ମାଝୀ ଏବଂ ବିଧାୟକ ରୁପୁ ଭତ୍ରା ଏକାଧିକ ଥର ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି ଏବଂ ଠିକାଦାରକୁ ତାଗିଦ ମଧ୍ୟ କରିଛନ୍ତି। କିନ୍ତୁ ଠିକାଦାର କାହାକୁ ଖାତିର ନକରି ନିର୍ଭୟରେ ନିଜ ଇଚ୍ଛାରେ କାମ କରୁଛନ୍ତି। ପୀଠରେ ପ୍ରତିଦିନ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିବା ବେଳେ ବିଶେଷ କରି ଶ୍ରାବଣରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼, ପବିତ୍ର କାର୍ତ୍ତିକରେ ଶ୍ରଦ୍ଧାଳୁଙ୍କ ଭିଡ଼, ମହାଶିବରାତ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅଧିକ ଜନ ସାମାଗମ ରହୁଛି। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପୀଠକୁ ନେଇ ଜିଲ୍ଲା ତଥା ରାଜ୍ୟ ଗର୍ବ କରୁଥିବାବେଳେ ଏଠି ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନର ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

**/////////////// ସମସ୍ୟା ଘେରରେ ପଛିକୋଟ ହାଇସ୍କୁଲ୍ ///////////////**

# ଭଙ୍ଗା ଦଦରା କୋଠରୀରେ ଭବିଷ୍ୟତ ଗଢୁଛନ୍ତି ଛାତ୍ରଛାତ୍ରୀ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ପିଲାମାନେ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ। ଭଲ ପରିବେଶ ଓ ସୁରକ୍ଷିତ ଭାବେ ସେମାନେ ଯେଭଳି ପାଠ ପଢିବେ ସରକାର ସ୍କୁଲ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ମଧ୍ୟ ହେଉଛି । ବିନା ଆଶଙ୍କା ଓ ବିନା ଭୟରେ କୋଠାଘର ଛାତ ତଳେ ବସି ଯେଭଳି ପାଠ ପଢିବେ ଏ ହେଉଛି ଲକ୍ଷ୍ୟ । ହେଲେ ଏହା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏକ ଭଙ୍ଗା ଦଦରା ବିପଦ ସଂକୁଳ ଆଜ୍‌ବେଷ୍ଟସ୍ ତଳେ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତ ଗଢୁଛନ୍ତି। କ୍ଷଣେ କ୍ଷଣେ କେ ମୁଣ୍ଡ ଉପରେ ବିପଦ ଥିଲେ ହେଁ ପିଲାମାନଙ୍କୁ ଏକଥା କହିବାକୁ ଯୁ ନାହିଁ। ସତେ ଯେପରି ଭଙ୍ଗା ଘରେ ଭାଙ୍ଗି ଯାଉଛି ବିଦ୍ୟାର୍ଥୀଙ୍କ ସ୍ୱପ୍ନ। ଏତଦ୍‌ବ୍ୟତୀତ ବିଭିନ୍ନ ସମସ୍ୟାରେ ମଧ୍ୟ ଛନ୍ଦି ହୋଇପଡିଛି ସ୍କୁଲ। ଯାଜପୁର ଜିଲ୍ଲା କୋରେଇ ବ୍ଲକର ପୁରାତନ ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ଏ ଅବସ୍ଥା। ୧୯୫୮ ମସିହାରେ ସ୍ଥାପିତ ଏହି ପୁରାତନ ସ୍କୁଲଟି ବର୍ତ୍ତମାନ ନାନାଦି ସମସ୍ୟା ଦେଇ ଗତି କରୁଛି। ଏଠାରେ ନବମ ଓ ଦଶମ ଶ୍ରେଣୀ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୧୩। ୧୦ ଶ୍ରେଣୀରେ ଏବିସି ସେକ୍ସନ୍ ଅନୁଯାୟୀ ୧୬୫ ଓ ନବମ ଶ୍ରେଣୀରେ ମଧ୍ୟ ଏବିସି ସେକ୍ସନ୍‌ରେ ୧୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ଭଙ୍ଗା ଆଜ୍‌ବେଷ୍ଟସ୍ ଘରର ତିନୋଟି ହଲ୍‌ରେ ବସୁଥିବା ବେଳେ ପାଖକୁ ଲାଗିଥିବା ଅନ୍ୟ ଏକ ହଲ୍‌କୁ ଅସୁରକ୍ଷିତ ଘୋଷଣା କରାଯାଇଛି। ବିଭିନ୍ନ ସ୍ଥାନରେ ଆଜ୍‌ବେଷ୍ଟସ୍ ଭାଙ୍ଗି ଗଳିପଡିବା ଯୋଗୁ ସେଠାରେ ବର୍ଷା ପାଣି ହଲ୍ ଭିତରକୁ ଗଳୁଛି। ଘରର ସୁରକ୍ଷା ପାଇଁ ଦିଆଯାଇଥିବା କାଠ ବହ୍ଲା ମଧ୍ୟ ଭାଙ୍ଗି ତଳକୁ ଝୁଲିଛି । ଆଜବେଷ୍ଟ ଅତି ପୁରୁଣା ହୋଇଥିବାରୁ ଏହା ଦୁର୍ବଳ ହୋଇ ପିଲାମାନଙ୍କ ପାଇଁ ଅଜଣା ବିପଦ ସୃଷ୍ଟି କରିଛି। ଏହିସବୁ କାରଣରୁ ଶ୍ରେଣୀ ଗୃହ ବିପଦ ସଂକୁଳ ସହିତ ଏକ ଅପରିଚ୍ଛନ୍ନ ପରିବେଶରେ ରହିଛି। ରୋଷେଇ ଘର ନଥିବାରୁ ଏକ ଗଛ ତଳେ ଖୋଲା ଆକାଶ ତଳେ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଯାହା ବିଦ୍ୟାଳୟ ପାଇଁ ଏକ ବଡ଼ ସମସ୍ୟା ହୋଇଛି। ପାଣି ନିଷ୍କାସନର ବ୍ୟବସ୍ଥା ନଥିବା ଓ ଖାଲୁଆ ଥିବାରୁ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମି ଯାତାୟାତରେ ସମସ୍ୟା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପିଲାଙ୍କ ସାଇକେଲ ଷ୍ଟାଣ୍ଡଟି ଭାଙ୍ଗି ରୁଜି ଅସୁରକ୍ଷିତ ହୋଇପଡିଛି। ବିଦ୍ୟାଳୟର ପାଚେରୀ ସମ୍ପୂର୍ଣ୍ଣ ହୋଇନଥିବାରୁ ବୁଲା ଗାଈ ଗୋରୁ ଅବାଧରେ ପ୍ରବେଶ କରି ମଳ ତ୍ୟାଗ କରୁଛନ୍ତି। ବିଦ୍ୟାଳୟ ଓ ପିଲାଙ୍କ ସୁରକ୍ଷା ପ୍ରତି ଏହା ବିପଦ ସୃଷ୍ଟି କରିଛି। ସ୍କୁଲ ପରିସରରୁ ସମୟେ ସମୟେ ବିଷଧର ସାପ ବାହାରୁଥିବା ଶୁଣିବାକୁ ମିଳେ। ସ୍କୁଲକୁ ଲାଗି ରହିଥିବା ଖେଳ ପଡିଆର ପାଚେରୀ ନଥିବାରୁ ଅନାୟାସରେ ଯିଏ ପାରିଲା ସିଏ ପ୍ରବେଶ କରି ସ୍କୁଲ ପରିବେଶକୁ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏହି ସୁଯୋଗରେ କେହି କେହି ଏହା ଭିତରେ ମଦ୍ୟପାନ କରି ପଡିଆରେ ବୋତଲ ପକାଇ ଚାଲିଯାଉଛନ୍ତି। ଯାହା ଛାତ୍ରଛାତ୍ରୀଙ୍କ ମନ ଉପରେ ଏହା ଖରାପ ପ୍ରଭାବ ପକାଉଛି। କିଛି ଦିନ ତଳେ ଜଣେ ଶିକ୍ଷୟିତ୍ରୀ ପଦୋନ୍ନତି ପାଇଁ ଅନ୍ୟତ୍ର ଚାଲିଯାଇଥିଲେ ହେଁ ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଆଉ ଦୁଇଟି ଶୌଚାଳୟର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରହିଥିବା ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପ୍‌ଚୁପ୍:ପ୍ରଶାସନର ଚଢ଼ଉ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ଚାଲିଛି ଗୁପ୍‌ଚୁପ୍ । କୋରାପୁଟ ଜିଲ୍ଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡରେ ଚାଲିଛି ଜୋରସୋର୍‌ରେ ଗୁପ୍‌ଚୁପ୍ ବେପାର । ଛୋଟ ଠାରୁ ବଡ ଯାଏ ଗୁପ୍‌ଚୁପ୍ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପ୍‌ଚୁପ୍ ପ୍ରତି ଦୁର୍ବଳତା ଥାଏ। ଯେଉଁଥିପାଇଁ କୋରାପୁଟ ଜିଲ୍ଲା ଜୟପୁର ସହର ତଥା ଏହାର ଆଖପାଖ ଅଞ୍ଚଳର ମୁଖ୍ୟ ରାସ୍ତା କଡରେ ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲା ଗାଡିରେ ଗୁପ୍‌ଚୁପ୍ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପ୍‌ଚୁପ୍‌ର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପ୍‌ଚୁପ୍‌ର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପ୍‌ଚୁପ୍ ବିକ୍ରୀ ସ୍ଥାନକୁ ଥରେ ଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପ୍‌ଚୁପ୍ ବ୍ୟବସାୟୀ ସ୍ୱଚ୍ଛତା ଭୁଲିଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗୁପ୍‌ଚୁପ୍ ବିକ୍ରୀ କରୁଥିଲେ ମଧ୍ୟ ଯାଞ୍ଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପ୍‌ଚୁପ୍ ଖାଇ ବହୁ ବ୍ୟକ୍ତି



ନାନା ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପ୍‌ଚୁପ୍‌ର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଞ୍ଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପ୍‌ଚୁପ୍ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପ୍‌ଚୁପ୍ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପ୍‌ଚୁପ୍ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଗୁପ୍‌ଚୁପ୍ ବ୍ୟବସାୟ ଜୟପୁର ଅଞ୍ଚଳରେ ହେଉଥିବା ଆକଳନ କରାଯାଉଛି । ଓଡ଼ିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁରରେ ଗୁପ୍‌ଚୁପ୍ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପ୍‌ଚୁପ୍ ବ୍ୟାବସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତା କଡରେ ବିକ୍ରୀ ହେଉଥିବା ଗୁପ୍‌ଚୁପ୍ ଓ ଖଟା ପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଞ୍ଚ କରିବା ଜରୁରୀ ହୋଇପଡିଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପ୍‌ଚୁପ୍‌ର ମାନ ଯାଞ୍ଚ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ ଦାବି ହୋଉଛି । ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଥିବା ବେଳେ ଏଥିପ୍ରତି ପ୍ରଶାସନ ନଜର ନଦେଲେ ଝାଡା ବାନ୍ତି ହେବା ଆଶଙ୍କା ଦେଖାଯାଇଛି ।

## 'ଉଦ୍ୟମୀ ଓଡ଼ିଶା' ଅଭିଯାନରେ ସମ୍ବର୍ଦ୍ଧିତ ହେଲେ ୨୫ ସଫଳ ଉଦ୍ୟୋଗୀ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଶିଳ୍ପ କେନ୍ଦ୍ର ବୌଦ୍ଧ ପକ୍ଷରୁ ଆୟୋଜିତ ୫ ଦିନିଆ 'ଉଦ୍ୟମୀ ଓଡ଼ିଶା' ଅଭିଯାନର ଉଦ୍‌ଯାପନୀ ସମାରୋହ ସ୍ଥାନୀୟ କୃଷକ ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ତୃଣମୂଳ ସ୍ତରରେ ଉଦ୍ୟୋଗୀ ସୃଷ୍ଟି, ସ୍ୱରୋଜଗାରର ପ୍ରୋତ୍ସାହନ ଏବଂ ନିବେଶକୁ ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଯାପନୀ ସମାରୋହରେ ବୌଦ୍ଧ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ, ଜିଲ୍ଲା ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ, ଶିଳ୍ପ ପ୍ରୋତ୍ସାହନ ଅଧିକାରୀ (ଆଇପିଓ) ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୦୦ରୁ ଅଧିକ ଉଦ୍ୟୋଗୀ, ପଲିଟେକ୍‌ନିକ୍, ଆଇଟିଆଇର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଷ୍ଟାର୍ଟଅପ୍ ପ୍ରତିନିଧି ଓ ସମ୍ଭାବ୍ୟ ନିବେଶକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଭିଯାନ ସମୟରେ ଉଦ୍ୟମ ପଞ୍ଜିକରଣ ଅଭିଯାନ ମାଧ୍ୟମରେ ନୂତନ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ୟୁନିଟ୍‌ଗୁଡ଼ିକର ଉଦ୍ୟମ ପୋର୍ଟାଲ୍‌ରେ ପଞ୍ଜିକରଣ କରାଯାଇଥିବାବେଳେ, ପିଏମ୍‌ଇଜିପି ଏବଂ ପିଏମ୍‌ଏଫ୍‌ଏମ୍‌ଇ ଯୋଜନା ଅଧୀନରେ ବହୁ ସଂଖ୍ୟକ ଆବେଦନ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ ପ୍ରସ୍ତୁତି, ଏକ୍‌-ଏକକ ୱିଣ୍ଡୋ ବ୍ୟବସ୍ଥା ଏବଂ ବ୍ୟାଙ୍କ ଋଣ ସହାୟତା ସମ୍ପର୍କିତ ତିନୋଟି ବୈଷୟିକ ପ୍ରଶିକ୍ଷଣ ଅଧିବେଶନ ଆୟୋଜିତ ହୋଇଥିଲା। ଡିଆଇପିଏ, ବୌଦ୍ଧ ପକ୍ଷରୁ ଜିଲ୍ଲାର ଲ୍ୟାଣ୍ଡ ବ୍ୟାଙ୍କ, ଶିଳ୍ପ ସ୍ଥାପନ ସୁବିଧା ଓ ପରବର୍ତ୍ତୀ ସହାୟତା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ଅଭିଯାନରେ ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀଅନ୍ନ ରୋଜଗାର ମିଶନ୍ ଅଧୀନରେ ସଫଳତାର ସହ ଶିଳ୍ପ ପ୍ରତିଷ୍ଠା କରିଥିବା ୨୫ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇନର୍‌ହୁଇଲ୍ କ୍ଲବ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ




**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବୃକ୍ଷ ହିଁ ଜୀବନ । ଏକଥା ସମସ୍ତେ ଉପଲବ୍ଧି କଲେଣି । କାରଣ ବୃକ୍ଷ ନ ରହିଲେ କେହି ମୁହୂର୍ତ୍ତେ ମଧ୍ୟ ବଞ୍ଚିପାରିବେ ନାହିଁ। ବୃକ୍ଷରୋପଣ କରିବା ଅର୍ଥ ବୃକ୍ଷ ଲଗାଇବା। ବୃକ୍ଷ ଆମକୁ ବିଭିନ୍ନ ଉପାୟରେ ସାହାଯ୍ୟ କରିଥାଏ । ବୃକ୍ଷ ଆମ୍ଭମାନଙ୍କର ପାରିବେଶିକ ପ୍ରଦୂଷଣକୁ ଦୂରୀଭୂତ କରି ଆମ୍ଭମାନଙ୍କ ଜୀବନ ରକ୍ଷା କରିଥାଏ । ବୃକ୍ଷ ଆମ୍ଭମାନଙ୍କୁ ଫଳ ଓ ଛାୟା ପ୍ରଦାନ କରିଥାଏ। ପରିବେଶକୁ ଶୀତଳ ରଖିଥାଏ । ଜାଳେଣି ଓ ଗୃହ ଉପକରଣ ପାଇଁ କାଠ ମଧ୍ୟ ଦେଇଥାଏ । ଜଙ୍ଗଲରେ ଘଞ୍ଚ ଭାବରେ ରହି ମେଘ ବର୍ଷଣର ମାଧ୍ୟମ ସାଜେ। ଜଙ୍ଗଲରେ ବର୍ଷା ଜଳକୁ ସଞ୍ଚିତ ରଖି ଛାଡ଼ିବା ଯୋଗୁ ବନ୍ୟା ନିୟନ୍ତ୍ରଣ କରିଥାଏ । ସବୁଠାରୁ ବଡ଼ ଉପକାର ହେଉଛି ପରିବେଶ ପ୍ରଦୂଷଣକୁ ବିନାଶ କରିଥାଏ ଓ ଅମ୍ଳଜାନ ପ୍ରଦାନ କରି ଅଙ୍ଗାରକାମ୍ଳ ଗ୍ରହଣ କରିନିଏ। କେତେକ ଔଷଧ ଜାତୀୟ ବୃକ୍ଷରୁ ଆମେ ଚେରମୂଳି ପତ୍ର ସଂଗ୍ରହ କରି ଔଷଧ ତିଆରି କରି ବିଭିନ୍ନ ରୋଗରୁ ରକ୍ଷା ପାଇଥାଉ। ଏହି ପରିପେକ୍ଷୀରେ ଇନରହୁଇଲ୍ କ୍ଲବ କଳିଙ୍ଗ ତରଫରୁ ସ୍ଥାନୀୟ ନହକା ନୋଡାଲ୍ ସ୍କୁଲ୍ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି। ସଭାପତି ରାଜଶ୍ରୀ ପରିଡ଼ା ଓ ଅନ୍ୟ ସଭ୍ୟାମାନେ ସ୍କୁଲ ପିଲାମାନଙ୍କ ସହ ବୃକ୍ଷ ରୋପଣର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଆମ୍ବ, ପିଜୁଳି, ନଡ଼ିଆ ନିମ୍ବ ଇତ୍ୟାଦି ବୃକ୍ଷ ରୋପଣ କରାଯାଇଥିଲା । ହିରଣ୍ମୟୀ ମହାନ୍ତି, ଜହ୍ନନା ପଣ୍ଡା, ସବିତା ଖୁଣ୍ଟିଆ, ଆର୍ଯ୍ୟବାଳା ପ୍ରଧାନ, ପ୍ରମୋଦିନୀ ଦାସ, ମଞ୍ଜୁଲତା ନାୟକ ପ୍ରମୁଖଙ୍କ ସହ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନୂତନ ଭାଷା ନୀତି ପ୍ରତ୍ୟାହାର କରିବାକୁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ କେନ୍ଦ୍ରାପଡା ଓ ନୂତନ ଭାଷାନୀତି ସମ୍ପୂର୍ଣ୍ଣ ପ୍ରତ୍ୟାହାର ଏବଂ ଚଳିତ ବର୍ଷ ପୁରୁଣା ବହିରେ ପାଠ ପଢାଇବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ଜିଲ୍ଲା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏସ୍‌ୟୁସିଆଇ କେନ୍ଦ୍ରାପଡା ଶାଖା ପକ୍ଷରୁ ୫ ଦଫା ଦାବିଗୁଡିକ ମଧ୍ୟରୁ ବିକୃତ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରିବା, ଚଳିତ ବର୍ଷ ପୁରୁଣା ବହିରେ ପାଠ ପଢାଇବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରାଯାଉ, ଅବୈଜ୍ଞାନିକ ଭାଷା ଶିକ୍ଷା ନୀତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ, ଆସନ୍ତା ଶିକ୍ଷା ବର୍ଷ ପାଇଁ ଅବିଳମ୍ବେ ଗଣତାନ୍ତ୍ରିକ ପଦ୍ଧତିରେ ବିଷୟ ଭିତ୍ତିକ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରି ବିଜ୍ଞାନ ସମ୍ମତ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଛାତ୍ର ଛାତ୍ରୀଙ୍କୁ ଯୋଗାଇ ଦିଆଯାଉ, ଏନ୍.ଇ.ପି -୨୦୨୦କୁ ସମ୍ପୂର୍ଣ୍ଣ ବାତିଲ୍ କରାଯାଉ ଆଦି ଦାବିଗୁଡିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଏଲିନା ସାମନ୍ତରାୟ, ପବିତ୍ର ମୋହନ ପଟ୍ଟନାୟକ, ଗଣେଶ୍ୱର ମହାନ୍ତି, ହୀରାମଣି ରାଉତ, ରୋଜିନା ବେଗମ୍, ପ୍ରହ୍ଲାଦ ନାୟକ, କୁନିବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବରେ ବୃକ୍ଷ ରୋପଣ ସହ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ




**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଘୁନସର ସ୍ଥାନୀୟ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ପରିବେଶର ସନ୍ତୁଳନ ରକ୍ଷା, ସବୁଜିମାର ପ୍ରସାର ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଲକ୍ଷ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଙ୍ଗଲ ଓ ବନ ବିଭାଗର ବରିଷ୍ଠ ଅଧିକାରୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ୍ ହୋଇ ବୃକ୍ଷ ରୋପଣ କରିଥିଲେ। ଏହି ଉତ୍ସବରେ ବନ ବିଭାଗର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ମୁଖ୍ୟଅତିଥି, ବନପାଳ୍ ବିପିନ ସାହୁ, ସୁଧୀର କୁମାର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ ଓ ସଂଜିବ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେମାନେ ନିଜ ବକ୍ତବ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମିଂ ବା ବିଶ୍ୱତାପନ ସମୟରେ ଜଙ୍ଗଲ ସୁରକ୍ଷା ଓ ଅଧିକରୁ ଅଧିକ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହିତ ବିଦ୍ୟାଳୟର ପୂର୍ବତନ ସଭ୍ୟ ଫରମସାଏ ମାଝୀ ମଧ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କ ଭାଗିଦାରୀ ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ସ୍ତରରୁ ହିଁ ପିଲାମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ବନ ବିଭାଗ ଓ ବିଦ୍ୟାଳୟର ଏହି ମିଳିତ ପ୍ରୟାସକୁ ସେମାନେ ବେଶ୍ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଏହି ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ବନମହୋତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ୍ ଇନ୍‌ଚାର୍ଜ ତଥା ବରିଷ୍ଠ ଶିକ୍ଷକ ଉତ୍ସତ ଗଡତିଆ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ବୃକ୍ଷ ରୋପଣର ମହତ୍ତ୍ୱ ବୁଝାଇଥିଲେ। ଚଳିତ ବର୍ଷର ବିଶେଷତ୍ୱ ଥିଲା ଯେ, ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରିବା ପାଇଁ ଘୁନସର ଗ୍ରାମର ମାଆ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ସରୋଜିନୀ ସାହୁ, ପଦ୍ମାଳୟା ସାହୁ ମଧ୍ୟ ଉପସ୍ଥିତ ରହି ବୃକ୍ଷ ରୋପଣକୁ ଆହୁରି ମଜବୁତ କରିଥିଲେ। ଏହି ମହତ୍ ପ୍ରୟାସରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଗୌର ମାଝୀ, ରଥ ଗୁରୁ, କୃଷ୍ଣଧର ପାତ୍ର, ତୋଳାମଣି ପଧାନ ଏବଂ ଶିକ୍ଷୟିତ୍ରୀ ଦିପାଞ୍ଜଳି ପ୍ରଧାନ ଓ ଝରଣା କର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହ ବୃକ୍ଷ ରୋପଣରେ ନେତୃତ୍ୱ ନେଇଥିଲେ। କେବଳ ଶିକ୍ଷକ ସମାଜ ନୁହେଁ, ବରଂ ବିଦ୍ୟାଳୟର କିରାଣୀ କାହ୍ନୁଚରଣ ସାହୁ, ଅଣ-ଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ପିଅନ ଦୁର୍ଯ୍ୟୋଧନ ସାହୁ, ଅଲେଖ ସ୍ୱାଇଁ, ରାତ୍ର ଜଗୁଆଳ ରମେଶ ମାଝୀ ଏବଂ ସଫେଇ କର୍ମଚାରୀ କ୍ଷମାସାଗର୍ ବାଗ ପ୍ରମୁଖ ସମ୍ପୂର୍ଣ୍ଣ ସମୟ ଉପସ୍ଥିତ ରହି ଗାତ ଖୋଳିବା ଠାରୁ ଆରମ୍ଭ କରି ଚାରା ରୋପଣ ଓ ପାଣି ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଜଙ୍ଗଲ ବିଭାଗର ଅନେକ କର୍ମଚାରୀ ମଧ୍ୟ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିଚାଳନାରେ ବୈଷୟିକ ସହଯୋଗ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କିସମର ଔଷଧୀୟ, ଫଳପ୍ରଦ ଓ ଛାୟା ପ୍ରଦାୟୀ ଚାରା ବଣ୍ଟନ କରିଥିଲେ। ବିଦ୍ୟାଳୟରେ ରୋପଣ କରାଯାଇଥିବା ସମସ୍ତ ଗଛ ଗୁଡ଼ିକର ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ସମସ୍ତେ ସମୂହ ସଂକଳ୍ପ କରିଥିଲେ। ଶେଷରେ ସମସ୍ତ ଅତିଥି, ବନ ବିଭାଗର କର୍ମଚାରୀ, ଗ୍ରାମବାସୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରାଯାଇ ଉତ୍ସବ ସାଙ୍ଗ କରାଯାଇଥିଲା।



## ମହାପୁରୁଷଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ହଜରତ ମହମ୍ମଦ (ଏସ୍‌ଏଏସ୍)ଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ କଲିକତାର ନାଜିଆ ଇଲାହି ଖାନ୍‌ଙ୍କୁ ଗିରଫ କରିବା ସହିତ ତାଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ଦାବି କରାଯାଇଛି। କେନ୍ଦ୍ରାପଡାର ସୁନୀ ତନଜିମ୍-ଉଲ୍-ଓଲମା କମିଟିର ଶତାଧିକ ସଦସ୍ୟ କେନ୍ଦ୍ରାପଡା ସାଇବର୍ ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କ ସହିତ ଆଲୋଚନା କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଏତଲା ଦେଇଛନ୍ତି। ପଶ୍ଚିମବଙ୍ଗର କଲିକତାର ନାଜିଆ ଖାନ୍ ଇସ୍‌ଲାମ୍ ଧର୍ମର ମହାନ୍ ଗୁରୁ ପ୍ରଫେଟ୍ ମହମ୍ମଦଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ପ୍ରଦାନ କରିଥିବାରୁ ସମଗ୍ର ମୁସ୍‌ଲିମ୍ ସମାଜ ପ୍ରତି ଘୋର୍ ଆଘାତ ଲାଗିଛି। ତାଙ୍କର ଏଭଳି କଟୁ ମନ୍ତବ୍ୟ ଦ୍ୱାରା ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିବା ପାଇଁ କମିଟି ପକ୍ଷରୁ ମୌଲାନା ହାଜି ଅଜମ୍‌ତୁଲା ହସମତି, ମୌଲାନା ହାଜି କମାଲ୍‌ଉଦ୍ଦିନ ହାବିବି, ମହମ୍ମଦ ମୌଲାନା ଖୁସିଦ୍ ଆଲାମ୍, ମୁଫତି ମୁସରବ ରଜା, ମହମ୍ମଦ ବଦୁରତ୍ ଜମା, ପୂର୍ବତନ କାଉନସିଲର ମୁକ୍ତାର ଖାଁ, ସେକ୍ ନସିମୁଦ୍ଦିନ୍, ସେକ୍ ସାବିର୍ ହୋସେନ୍, ସୟଦ୍ ଜହର ଅଲ୍ଲୀ, ଅୟାସ୍ ଖାନ୍, ସୟଦ୍ ଦିଲ୍‌ବର ଅଲ୍ଲୀ, ସେକ୍ ମୁଜିବ୍ ଆଲାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସବ୍‌ଇନ୍‌ସପେକ୍ଟରଙ୍କ ପ୍ରଶିକ୍ଷଣ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ସୋଲର (ବୈରୀ) ସ୍ଥିତ ରାଜ୍ୟ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଥମ ବ୍ୟାଚ୍ ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସବ୍‌ଇନ୍‌ସପେକ୍ଟର ମାନଙ୍କର ପ୍ରଶିକ୍ଷଣ ଶେଷ ପରେ ବୁଧବାର ଦିନ ଦିକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ୨୨ଜଣ ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ୧୦୦ ଜଣ ଅବକାରୀ ସବ୍‌ଇନ୍‌ସପେକ୍ଟର (ଉପନିରୀକ୍ଷକ)ଙ୍କୁ ଏହି ଦୀକ୍ଷାନ୍ତ ସମାରୋହରେ ଶପଥପାଠ କରାଯାଇଥିଲା। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ନୂତନ ଭାବେ ପଦବୀରେ ଯୋଗଦେବାକୁ ଯାଉଥିବା ରାଜ୍ୟ ଅବକାରୀ ବିଭାଗର ୨୨ଜଣ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ୧୦୦ ଜଣ ସବ୍‌ଇନ୍‌ସପେକ୍ଟର ପ୍ରଶିକ୍ଷାର୍ଥୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ଅବକାରୀ ନୀତି ନିୟମକୁ ସଠିକ୍ ଓ ଶୃଙ୍ଖଳାର ସହ ପାଳନକରି ସଞ୍ଚମତାର ସହ ନିଜର ସେବା ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଅମରକୁମାର ନାୟକ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲାବେଳେ ରାଜ୍ୟ ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡି ଯୋଗଦେଇ ଏବେ ରାଜ୍ୟରେ ଅବକାରୀ ନିତିରେ ଆସିଥିବା ସଂସ୍କାରକୁ ପ୍ରଶଂସା କରିଥିଲେ। ଏଠାରୁ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଥିବା ପ୍ରଶିକ୍ଷାର୍ଥୀ ମାନେ ନିଜ ନିଜ କର୍ମ କ୍ଷେତ୍ରରେ ଯୋଗଦେବା ପରେ ବିଭାଗରେ କର୍ମଚାରୀ ଅଭାବ ଜନିତ ସମସ୍ୟାରେ ସୁଧାର ଆସିବା ସହିତ ବିଭାଗୀୟ କାର୍ଯ୍ୟ ସଠିକ୍ ଭାବେ ପରିଚାଳନା ହୋଇପାରିବ ବୋଲି ସେ କହିଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର, ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀ ଓ ରାଜ୍ୟ ତଥା ଜିଲ୍ଲାର ବହୁ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀମାନେ ଏହି ସମାରୋହରେ ଉପସ୍ଥିତ ଥିଲେ। ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ବିବୃତ୍ତି ରଖିବା ସହ ପ୍ରଶିକ୍ଷଣ ଶେଷ କରିଥିବା ସମସ୍ତ ଅବକାରୀ ବିଭାଗ ଅଧିକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଗତ ୬ ମାସ ଧରି ଏଠାରେ ପ୍ରଶିକ୍ଷଣ ନେଇ ସବୁ ସ୍ତରେ ଶ୍ରେଷ୍ଠତ୍ୱ ପ୍ରତିପାଦିନ କରିଥିବା ସ୍ୱନକୁମାର ଭୋଇ, ବିଭୂତିଭୂଷଣ ଦ୍ୱାରୀ, ଆଦ୍ୟାଶା ସ୍ୱାଇଁ, ଅରୁପ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ମାନିତ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଶିକ୍ଷଣ ସଂସ୍ଥାନର ଡିଏସ୍‌ପି ମଧୁସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡରେ ଜଙ୍ଗଲ ହ୍ରାସ ପାଉଥିବା ବେଳେ କାଗଜପତ୍ରରେ ଚାଲିଛି ବୃଦ୍ଧି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଉପକୂଳରେ ବସବାସ କରୁଥିବା ସମସ୍ତ ଜନଜୀବନ ସହିତ ହେନ୍ତାଳବଣ ପରିପୂରକ ଭାବେ ଜଡିତ। ସାଧାରଣତ ହେନ୍ତାଳ ବଣ କହିଲେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ, ନଦୀମୁହାଣ, ଉପକୂଳବର୍ତ୍ତୀ ଦ୍ୱୀପାଞ୍ଚଳରେ ଦେଖାଯାଉଥିବା ଏବଂ ଲୁଣା ପାଣିକୁ ସହନ କରିପାରୁଥିବା ବନୀଗଛର ସମାରୋହକୁ ବୁଝାଇଥାଏ। ଓଡ଼ିଶା ଉପକୂଳର ଜୈବ ବିବିଧତା ବଢେଇବା ସହିତ ଉପକୂଳର ସୁରକ୍ଷା ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁରରେ ସମୁଦ୍ର ତଟ ନିକଟସ୍ଥ ମୁହାଣ, ଯୋର, ଜୁଆର ମାଡୁଥିବା କ୍ଷେତ୍ର, ତ୍ରିକୋଣଭୂମି ଏବଂ ନଦୀ ତଟ ଅଞ୍ଚଳରେ ହେନ୍ତାଳବଣ ଦେଖାଯାଇଥାଏ। ଉପକୂଳବର୍ତ୍ତୀ ଜନଜୀବନରେ ଲୁଣା ଜଙ୍ଗଲ ବା ହେନ୍ତାଳବଣ କେବଳ ବୃକ୍ଷ ମାନଙ୍କର ସମାରୋହ ନୁହେଁ ଏହା ଜୀବନର ଆଧାର। ଭଦ୍ରକ ଜିଲ୍ଲାରେ ଚାନ୍ଦବାଲି ତହସିଲ ଅର୍ନ୍ତଗତ ଧାମରା ଠାରୁ ଆରମ୍ଭ କରି କରଣପଲ୍ଲୀ ପଞ୍ଚାୟତ ଏବଂ ପରେ ବାସୁଦେବପୁର ଏବଂ ବାଲେଶ୍ୱର ପର୍ଯ୍ୟନ୍ତ ବନୀଜଙ୍ଗଲ ବୃଦ୍ଧି ପାଉଛି ବୋଲି ବନବିଭାଗ କହୁଥିବା ବେଳେ ଏହି ବନୀ ଜଙ୍ଗଲ ପାଇଁ କୋଟି କୋଟି ଟଙ୍କା ବ୍ୟୟ ମଧ୍ୟ କରାଯାଉଛି । ଭଦ୍ରକ ଜିଲ୍ଲାରେ ବନୀ ଜଙ୍ଗଲର ବୃଦ୍ଧି ପାଇଁ ବନୀ, ଗୁଆଁ ହେନ୍ତାଳ ଆଦି ଗଛକୁ ସମୁଦ୍ର ନିକଟବର୍ତ୍ତୀ ଇଲାକାରେ ରୋପଣ କରୁଥିବା ବେଳେ ଏହି ସମସ୍ତ ବନୀ ଜଙ୍ଗଲକୁ କେବଳ ଲୁଣା ପାଣି ସୁରକ୍ଷା ଦେଇ ପରିବେଶକୁ ସନ୍ତୁଳିତ ରଖିଥାଏ। ଅଞ୍ଚଳକୁ ଲୁଣା ପାଣିରୁ ରକ୍ଷା କରିବା ପାଇଁ ମଧ୍ୟ ଏହି ହେନ୍ତାଳ ବଣ ସୁରକ୍ଷା ଯୋଗାଇ ଦେଇଥାଏ। ମାତ୍ର ଦିନକୁ ଦିନ ଏହି ହେନ୍ତାଳ ବନ ନିଜର ସ୍ଥିତି ହରାଇବାରେ ଲାଗିଛି। ଏହାର ଏକମାତ୍ର କାରଣ ସାଜିଛି ଏହି ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଥିବା ଚିଙ୍ଗୁଡି ଚାଷ ଏବଂ ସାଧାରଣ ଜନତାଙ୍କ ଘର ନିର୍ମାଣ ପାଇଁ କାଠର ଆବଶ୍ୟକ ପଡୁଥିବା ବେଳେ ସ୍ଥାନୀୟ ଅଧିବାସୀ ଏହି ବନୀ ଗଛକୁ କାଟି ନିଜର ଘର କରିବା ପାଇଁ ବ୍ୟବହାର କରିଆସୁଛନ୍ତି। ଭଦ୍ରକ ଜିଲ୍ଲାରେ ୨୦୦୭ ମସିହା ତଥ୍ୟ ଅନୁଯାଇ ସମୁଦାୟ ଜଙ୍ଗଲ ଅଞ୍ଚଳ ୯୯ କି.ମି ପରିବ୍ୟାପ୍ତ, ତନ୍ମଧ୍ୟରୁ ୪ ଏକର ସଂରକ୍ଷିତ ଜଙ୍ଗଲ ହୋଇଥିବା ବେଳେ ୩୩ ଏକର ଅଣସଂରକ୍ଷିତ ଏବଂ ରାଜସ୍ୱ ବିଭାଗ ଅଧିନରେ ୬୦ଏକର ଜମି ଅଛି। ଭଦ୍ରକ ଜିଲ୍ଲାରେ ବନୀ ଜଙ୍ଗଲ ୩୪.୮୭ କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ । ବନବିଭାଗ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଯଥା ମିଷ୍ଟି, କାମ୍ପା, ଜେଡିଆଇସି ଆଦି ଯୋଜନାରେ ହଜାର ହଜାର ହେକ୍ଟର ଜମିରେ ଏହି ବନୀଜଙ୍ଗଲ ସୃଷ୍ଟି କରୁଥିବା କଥା ବନବିଭାଗର ସରକାରୀ ନଥିପତ୍ରରେ ଉଲ୍ଲେଖ ହୋଇଥିବା ବେଳେ ପ୍ରକୃତରେ ଏହି ବିଭାଗ କେତେ ବନୀଗଛର ପୁନଃରୁଦ୍ଧାର କରିବାରେ ସଫଳ ହୋଇଛି ତାର ତଥ୍ୟ ଉପଲବ୍ଧ ନାହିଁ। ୨୦୦୭-୨୦୧୨ ମସିହା ପର୍ଯ୍ୟନ୍ତ ଜାପାନ ବ୍ୟାଙ୍କ ଫର୍ ଇନଟର୍ ନ୍ୟାସନାଲ୍ କୋପରେସନ୍ ଭଦ୍ରକ ଡିଏଫଓଙ୍କ ଅଧିନରେ ବନୀ ଜଙ୍ଗଲ ପାଇଁ ବାର୍ଷିକ ୧ କୋଟି ଟଙ୍କା ପ୍ରଦାନ କରିଆସୁଥିଲେ। ଏହି ଅନୁଦାନ ୨୦୧୩ ମସିହା ପର୍ଯ୍ୟନ୍ତ ବଳବତର ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଅନୁଦାନରେ ବନୀ ଜଙ୍ଗଲ ସ୍ୱପ୍ନରେ ରହିଗଲା। କାମ୍ପା ଯୋଜନା ୨୦୧୮ ମସିହାରେ ଆରମ୍ଭ ହୋଇଥିବା ବେଳେ ଏହି ଯୋଜନାରେ ପ୍ରତବର୍ଷ ୫୦ ଲକ୍ଷ ଅନୁଦାନ ଆସୁଥିବା ବେଳେ ଏହାର ଆଶାନୁରୂପକ ଫଳ ମଧ୍ୟ ମିଳିପାରୁନାହିଁ। ଏହି ଯୋଜନାରେ ବାସୁଦେବପୁର ଏବଂ ଧାମରା ରେଞ୍ଜ ଅଧିନରେ ପ୍ରତିବର୍ଷ ୧ ଶହ ଏକରରୁ ଅଧିକ ଜମିରେ ବନୀ ଜଙ୍ଗଲ ସୃଷ୍ଟି କରାଯାଉଥିବା କଥା ବନ ବିଭାଗ କହୁଥିବା ବେଳେ ପ୍ରକୃତରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ବନବିଭାଗ କୋଟି କୋଟି ଟଙ୍କା କୃତ୍ରିମ ବନୀ ଜଙ୍ଗଲ ସୃଷ୍ଟି କରିବା ପାଇଁ ବ୍ୟୟ କରୁଥିବା ବେଳେ ଆଶାନୁରୂପକ ଫଳ ମିଳିପାରୁନାହିଁ। ଅନ୍ୟପଟରେ ଧାମରା ନିକଟ କାଳିନାଳୀ ଠାରେ ନୂତନ ଚଡା ୨୦୧୧-୧୨ ମସିହାରେ ସୃଷ୍ଟି ହୋଇଥିଲା । ଏହି ଚଡର ଲମ୍ବ ୨ କି.ମି ହୋଇଥିବା ବେଳେ ଏହାର ଓସାର ୦.୭୫୦ କି.ମି। ଏହି ଚଡାର ଆକାର ଆନୁମାନିକ ବାବେ ୩୨ ଏକରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏହି ଚଡରେ ପ୍ରାକୃତିକ ଭାବେ ବନୀ ଜଙ୍ଗଲ ସୃଷ୍ଟି ହୋଇଛି। ମାତ୍ର ଏହି ବନୀ ଜଙ୍ଗଲଟି କାହାର ତାହା ଆଜି ପର୍ଯ୍ୟନ୍ତ ସ୍ଥିରୀକୃତ ହୋଇପାରିନାହିଁ। ପ୍ରାଥମିକ ପଦକ୍ଷେପ ସ୍ୱରୂପ ଏହାକୁ ମାପଚୁପ କରିବା ଦାୟିତ୍ୱ ଚାନ୍ଦବାଲି ତହସିଲଦାରଙ୍କ ହୋଇଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଫଳରେ ମାପଚୁପ ହେବା ପରେ ଏହା ବନିବିଭାଗକୁ ହସ୍ତାନ୍ତରିତ କରାଯିବ । ସରକାରଙ୍କ ବନ ବିବାଗ କୃତ୍ରିମ ବନୀଜଙ୍ଗଲ ସୃଷ୍ଟି କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀଜଙ୍ଗଲ ସୃଷ୍ଟି କରିପାରୁନଥିବା ବେଳେ ପ୍ରାକୃତିକ ବନୀ ଜଙ୍ଗଲକୁ ସୁରକ୍ଷା ଦେବା ପ୍ରଶ୍ନବାଚୀ ହୋଇପଡିଛି। ତୁରନ୍ତ ଏଥିପ୍ରତି ବନବିଭାଗ ଯତ୍ନବାନ ହେବା ଜରୁରୀ। ପ୍ରତିକ୍ରିୟା-ଏସିଏସ୍‌ଫ-ସୁମିତ ମହାନ୍ତି। ଏହି ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି ଉପରୁ ନିର୍ଦ୍ଦେଶ ହେଲେ ବନୀଜଙ୍ଗଲର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଚନ୍ଦ୍ରଶେଖର ଜେନା, (ବୁଦ୍ଧିଜୀବୀ) ବନବିଭାଗ ଚିର ନିଦ୍ରାରେ ସରକାରଙ୍କ ମାଲ ଦରିଆ ମେ ଡାଲ ନୀତି ଆପଣାଉଛି ବନ ବିଭାଗ, ପ୍ରାକୃତିକ ବନୀ ଜଙ୍ଗଲକୁ ସୁରକ୍ଷା ଦେଇପାରୁନଥିବା ବନ ବିଭାଗ କୃତ୍ରିମ ଜଙ୍ଗଲ ସୃଷ୍ଟି ଏକ ହାସ୍ୟାସ୍ପଦ କଥା, କେବଳ ଜନସାଧାରଣଙ୍କ ଅର୍ଥକୁ ହରିଲୁଟ୍ କରିବା ଅଧିକାରୀଙ୍କ ଇଚ୍ଛା।

# ପାରାଗୁଏକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଲା ଫ୍ରାନ୍ସ

**ଫିଲାଡେଲଫିଆ**



ପେନାଲ୍ଟି କିକ୍‌ରୁ କିଲିଆନ ଏମ୍‌ବାପେଙ୍କ ଗୋଲ ବଳରେ ରବିବାର ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମ୍ୟାଚ୍‌ରେ ଫ୍ରାନ୍ସ ୧-୦ ଗୋଲରେ ପାରାଗୁଏକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଗୋଲ ସହ ଏମ୍‌ବାପେ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୨୦ ଗୋଲ କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କଠାରୁ ଗୋଟିଏ ଗୋଲ ପଛରେ ରହିଛନ୍ତି। ଏଥିସହିତ ସେ ଟୁର୍ଣ୍ଣାମେଣ୍ଟର ଗୋଲ୍ଡେନ ବୁଟ୍ ରେସ୍‌ରେ ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କ ସମକକ୍ଷ ହୋଇଛନ୍ତି। ଦୁହେଁ ଏପର୍ଯ୍ୟନ୍ତ ୭ଟି ଲେଖାଏଁ ଗୋଲ କରିଛନ୍ତି। ଏହି ରେସରେ ନରୱେର ଏର୍ଲିଂ ହାଲାଣ୍ଡ ଓ ଇଂଲଣ୍ଡର ହାରୀ କେନ ମଧ୍ୟ ରହିଛନ୍ତି। ଉଭୟଙ୍କ ନାମରେ ୫ଟି ଲେଖାଏଁ ଗୋଲ ରହିଛି। ଫ୍ରାନ୍ସ ତା'ର କ୍ୱାର୍ଟର ଫାଇନାଲରେ ମରକ୍କୋକୁ ଭେଟିବ।

୬୮,୩୨୪ ଦର୍ଶକଙ୍କ ଉପସ୍ଥିତିରେ ଫିଲାଡେଲଫିଆ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ୭୦ତମ ମିନିଟ୍‌ରେ ପାରାଗୁଏ ମିଡ୍‌ଫିଲ୍ଡର ଡିଏଗୋ ଗୋମେଜ ବକ୍ସ ମଧ୍ୟରେ ଡିଜାୟର ଡୋଙ୍କୁ ଟାକେଲ କରିଥିଲେ। ଏଥିଯୋଗୁ ଫ୍ରାନ୍ସକୁ ମିଳିଥିବା ପେନାଲ୍ଟି କିକ୍‌କୁ ଏମ୍‌ବାପେ ଗୋଲରେ ପରିଣତ କରିଥିଲେ। ଏହା ୧୯ ବିଶ୍ୱକପ୍ ମ୍ୟାଚ୍‌ରେ ଏମ୍‌ବାପେଙ୍କ ଲାଗି ୧୯ତମ ଗୋଲ ଥିଲା। ଏମ୍‌ବାପେ ପ୍ରଥମ ଖେଳାଳି ଭାବେ ୩ ବିଶ୍ୱକପ୍‌ର ୩ ନକ୍‌ଆଉଟ୍ ମ୍ୟାଚ୍‌ରେ ଗୋଲ କରିଛନ୍ତି। ମ୍ୟାଚ୍‌ରେ ପାରାଗୁଏ ଦଳର ଖେଳାଳିମାନେ ଅତ୍ୟଧିକ ଫିଜିକାଲ ଗେମ୍ ଖେଳିଥିଲେ। ଏଥିଯୋଗୁ ମ୍ୟାଚ୍ ସମାପ୍ତି ଲାଗି ହ୍ୱିସିଲ ବାଜିବା ପରେ ଏମ୍‌ବାପେ ପାଖରେ ଥିବା ପାରାଗୁଏ ଗୋଲକିପର ଅର୍ଲାଣ୍ଡୋ ଗିଲ୍‌ଙ୍କ ସହ ହାତ ମିଳାଇ ନ ଥିଲେ।

## ସୁଦର୍ଶନଙ୍କ ଶତକ, ଗୁରନୁରଙ୍କ ୧୦ ୱିକେଟ୍

# ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କାକୁ ଏକତରଫା ହରାଇଲା ଭାରତ

**ଗାଲେ**



ଇଣ୍ଡିଆ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଦୁଇଟି ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମ୍ୟାଚ୍ ଗାଲେଠାରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୧୦ ୱିକେଟ୍‌ରେ ଚମତ୍କାର ବିଜୟ ହାସଲ କରିଛି। ଏହା ସହିତ ଭାରତୀୟ ଦଳ ସିରିଜ୍‌କୁ ୧-୦ ରେ ନିଜ ନାମରେ କରିନେଇଛି। ଟିମ୍ ଇଣ୍ଡିଆ ନିଜର ପ୍ରଥମ ଇନିଂସରେ ୫୪୩ ରନ୍ କରି ପାଳି ଘୋଷଣା କରିଥିଲା ଏବଂ ଆୟୋଜକ ଦଳ ଉପରେ ୧୭୭ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ସାରାଂଶ ଜୈନ ୭୦ ରନ୍ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ୨୦୯ ରନ୍ କରି ଟିମ୍ ଇଣ୍ଡିଆ ସାମ୍ନାରେ ୩୩ ରନ୍‌ର ଲକ୍ଷ୍ୟ ରଖିଥିଲା। ଯାହାକୁ ଟିମ୍ ଇଣ୍ଡିଆ ସହଜରେ ହାସଲ କରିନେଇଥିଲା। ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୨୫ ରନ୍ କରି ଅପରାଜିତ ରହିଥିଲେ।

ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ୮ ୱିକେଟ୍ ହରାଇ ୫୪୧ ରନ୍ ସଂଗ୍ରହ କରିଥିଲା। ଦଳକୁ ଏହି ସ୍କୋରରେ ପହଞ୍ଚାଇବାରେ ସାଇ ସୁଦର୍ଶନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଲଗାତାର ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରି ୧୬୮ ରନ୍‌ର ଏକ ଦମଦାର ପାଳି ଖେଳିଥିଲେ। ଅନ୍ୟପଟେ ଦେବଦତ୍ତ ପଡ଼ିକ୍କଲ ୯୪ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ।

ଏହି ଖେଳାଳିଙ୍କ ବ୍ୟତୀତ ଭାରତ ପାଇଁ ଅଧିନାୟକ ଧ୍ରୁବ ଜୁରେଲ ମଧ୍ୟ ଏକ ଅର୍ଦ୍ଧଶତକୀୟ ଇନିଂସ (୫୩ ରନ୍) ଖେଳିଥିଲେ। ଏହାପରେ ଗୁରନୁର ବ୍ରାର୍ ଚମତ୍କାର ବୋଲିଂ ପ୍ରଦର୍ଶନ କରି ଶ୍ରୀଲଙ୍କାକୁ ଦ୍ୱିତୀୟ ଇନିଂସରେ ୨୦୯ ରନ୍‌ରେ ଅଲ୍-ଆଉଟ୍ କରିଦେଇଥିଲେ। ଗୁରନୁର ବ୍ରାର୍ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ୍ ଏବଂ ପ୍ରଥମ ଇନିଂସରେ ୪ଟି ୱିକେଟ୍ ନେଇ ମ୍ୟାଚ୍‌ରେ ସମୁଦାୟ ୧୦ଟି ୱିକେଟ୍ ହାସଲ କରିଥିଲେ।

ସହନ ଅରାଚିଗେ ପ୍ରଥମ ଇନିଂସରେ ଶତକ ହାସଲ କରି ଶ୍ରୀଲଙ୍କାକୁ ଆଗରେ ରଖିଥିଲେ। ୨୦୭ଟି ବଲ୍‌ର ସାମ୍ନା କରି ସେ ୧୨୭ ରନ୍‌ର ଏକ ପାଳି ଖେଳିଥିଲେ। ଯେଉଁଥିରେ ୧୩ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ପବନ ୱାରାସିଙ୍ଘେ (୩୯), ସୋହନ ଡି ଲିଭେରା (୨୮), ନୁୱାନିଦୁ ଫର୍ଣ୍ଣାଣ୍ଡୋ (୪୪) ଏବଂ ଐଶେନ ବଣ୍ଡାରା (୩୪)ଙ୍କୁ ଭଲ ଆରମ୍ଭ ତ ମିଳିଥିଲା, କିନ୍ତୁ କୌଣସି ବି ବ୍ୟାଟ୍ସମ୍ୟାନ୍ ବଡ଼ ପାଳି ଖେଳିପାରିନଥିଲେ। ଭାରତ ପକ୍ଷରୁ ଗୁରନୁର ବ୍ରାର୍ ଏବଂ ସାରାଂଶ ଜୈନ ୪ଟି ଲେଖାଏ ୱିକେଟ୍ ନେଇ ପ୍ରଥମ ଇନିଂସରେ ସବୁଠାରୁ ସଫଳ ବୋଲର ରହିଥିଲେ। ଏହାପରେ ଶ୍ରୀଲଙ୍କା ନିଜ ଦ୍ୱିତୀୟ ଇନିଂସରେ କେବଳ ୨୦୯ ରନ୍ କରି ଅଲ୍-ଆଉଟ୍ ହୋଇଯାଇଥିଲା।

# ରେକର୍ଡ ସପ୍ତମ ଥର ପାଇଁ ମହିଳା ଟି୨୦ ବିଶ୍ୱକପ୍ ଜିତିଲା ଅଷ୍ଟ୍ରେଲିଆ



**ଲଣ୍ଡନ**

ଅଷ୍ଟ୍ରେଲିଆ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ଟାଇଟଲ୍ ଜିତିଛି। ଫାଇନାଲ୍ ମ୍ୟାଚ୍‌ରେ ଦଳ ଇଂଲଣ୍ଡ ସହିତ ମୁକାବିଲା କରିଥିଲା। ଉଭୟ ଦଳ ଅପରାଜିତ ରହି ଫାଇନାଲ୍ ପହଞ୍ଚିଥିଲେ। ଅଷ୍ଟ୍ରେଲିଆ ୭ ୱିକେଟରେ ଟାଇଟଲ୍ ଜିତିଥିଲା। ଏହା ଅଷ୍ଟ୍ରେଲିଆର ୭ମ ଟାଇଟଲ୍। ଅନ୍ୟ କୌଣସି ଦଳ ଥରେରୁ ଅଧିକ ଥର ଟାଇଟଲ୍ ଜିତି ନାହାନ୍ତି। ଇଂଲଣ୍ଡ ଚତୁର୍ଥ ଥର ପାଇଁ ଫାଇନାଲରେ ହାରିଛି। ପ୍ରତ୍ୟେକ ଥର, ଅଷ୍ଟ୍ରେଲିଆ ସେମାନଙ୍କ ସହିତ ମୁହାଁମୁହିଁ ହୋଇଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪ ୱିକେଟରେ ୧୫୦ ରନ କରିଥିଲା। ଅଷ୍ଟ୍ରେଲିଆ ୧୮ତମ ଓଭରରେ ସହଜରେ ମ୍ୟାଚ୍ ଜିତିଥିଲା। ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡର ଆରମ୍ଭ ଖରାପ ଥିଲା। ଇଂଲଣ୍ଡ ସେମାନଙ୍କର ଉଭୟ ଓପନରଙ୍କୁ ସହଜରେ ହରାଇଥିଲା। ଏମି ଜୋନ୍ସ ୬ ରନ ଏବଂ ଡାନି ୱାଟ୍ ୮ ରନ କରି ଆଉଟ୍ ହୋଇଥିଲେ। ୩୨ ରନରେ ୨ ୱିକେଟ ହରାଇ ଇଂଲଣ୍ଡକୁ ଅଧିନାୟକ ନାଟ୍ ସାଇଭର-ବ୍ରଣ୍ଟ ଏବଂ ଆଲିସ୍ କ୍ୟାପସି ସ୍ଥିର କରିଥିଲେ। ଦୁଇଜଣ ତୃତୀୟ ୱିକେଟ ପାଇଁ ୩୫ ରନର ଭାଗୀଦାରି କରିଥିଲେ। କ୍ୟାପସି ୨୦ ବଲରୁ ୨୩ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଇଂଲଣ୍ଡ ହେଦର ନାଇଟ୍‌ଙ୍କ ରୂପରେ ୭୦ ରନ ସ୍କୋରରେ ଚତୁର୍ଥ ଝଟ୍‌କା ପାଇଥିଲା, ଯିଏ ମାତ୍ର ୨ ରନ କରି ଆଉଟ୍ ହୋଇଥିଲେ।

୭୦ ରନରେ ୪ ୱିକେଟ୍ ହରାଇ ଇଂଲଣ୍ଡକୁ ସ୍ଥିର କରିଥିଲେ ଅଧିନାୟକ ବ୍ରଣ୍ଟ ଏବଂ ଷଷ୍ଠ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଫ୍ରେୟା କେମ୍ପ। ଦୁହେଁ ଅପରାଜିତ ୮୦ ରନର ଭାଗୀଦାରି କରି ଦଳକୁ ୧୫୦ ରନରେ ପହଞ୍ଚାଇଥିଲେ। କେମ୍ପ ୨୮ ବଲରୁ ୪୪ ରନ କରି ଅପରାଜିତ ରହିଥିଲେ, ୧ ଛକା ଏବଂ ୪ ଚୌକା ମାରିଥିଲେ। ବ୍ରଣ୍ଟ ୫୩ ବଲରୁ ୫୮ ରନ କରି ଅପରାଜିତ ରହିଥିଲେ, ୫ ଚୌକା ମାରିଥିଲେ। ଅଷ୍ଟ୍ରେଲିଆ ପାଇଁ କିମ୍ ଗାର୍ଥ, ଲୁସି ହାମିଲଟନ୍, ଅଧିନାୟକ ସୋଫି ମୋଲିନକ୍ସ ଏବଂ ଆନାବେଲ ସଦରଲ୍ୟାଣ୍ଡ ପ୍ରତ୍ୟେକେ ୧ ୱିକେଟ୍ ନେଇଥିଲେ।

ଅଷ୍ଟ୍ରେଲିଆ ପକ୍ଷରୁ ଜର୍ଜିଆ ଭୋଲ୍ ଆଉଟ୍ ହେବା ପରେ ଦ୍ୱିତୀୟ ଓଭରରେ ପ୍ରଥମ ଝଟ୍‌କା ଲାଗିଥିଲା। ତଥାପି, ବେଥ୍ ମୁନି ଏବଂ ଫୋବି ଲିଚଫିଲ୍ଡ ୬୬ ବଲରେ ଦ୍ୱିତୀୟ ୱିକେଟ୍ ପାଇଁ ୧୦୦ ରନ ଯୋଡିଥିଲେ। ଲିଚଫିଲ୍ଡଙ୍କ ୪୮ ରନ ୩୫ ବଲରୁ ୬ ଚୌକା ଏବଂ ୨ ଛକା ମାରିଥିଲେ। ଏହି ସମୟରେ, ମୁନି ତାଙ୍କର ଅର୍ଦ୍ଧଶତକ ପୂରଣ କଲେ, ମହିଳା ଟ୨୦ ବିଶ୍ୱକପ୍ ଫାଇନାଲରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ପ୍ରଥମ କ୍ରିକେଟର ହୋଇଛନ୍ତି। ମୁନି ୪୯ ବଲରୁ ୬୪ ରନ କରି ଆଉଟ ହୋଇଥିଲେ। ଏଲିସ୍ ପେରି ୧୩ ଏବଂ ଆଶଲି ଗାର୍ଡର ୩ ରନ କରି ଦଳକୁ ବିଜୟୀ କରାଇଲେ।

# ୱେଷ୍ଟଇଣ୍ଡିଜ- ଇଂଲଣ୍ଡ ସିରିଜ୍ ଲାଗି ପାକିସ୍ତାନ ଟିମ୍ ଘୋଷଣା : ବାବର ଆଜମ୍ ହେଲେ ଅଧିନାୟକ

**ନୂଆଦିଲ୍ଲୀ**



ପାକିସ୍ତାନ କ୍ରିକେଟ ବୋର୍ଡ଼ (ପିସିବି) ପୁଣି ଥରେ ଷ୍ଟାର୍ ବ୍ୟାଟର ଆଜମଙ୍କୁ ପାକିସ୍ତାନ ଟେଷ୍ଟ ଟିମ୍‌ର ଅଧିନାୟକ ନିଯୁକ୍ତ କରିଛି। ପିସିବି ୨୦୨୩ରେ ବାବର ଆଜମଙ୍କଠାରୁ ଅଧିନାୟକତ୍ୱ ଛଡ଼ାଇ ଶାନ ମସୁଦ୍‌ଙ୍କୁ ଦେଇଥିଲା। କିନ୍ତୁ ମସୁଦ୍‌ଙ୍କ ନେତୃତ୍ୱରେ ପାକ୍ ଟିମ୍ ବାରମ୍ବାର ଖରାପ ପ୍ରଦର୍ଶନ କରୁଥିଲା। ଏବେ ପୁଣି ଥରେ ବୋର୍ଡ଼ ବାବର ଆଜମଙ୍କୁ ଟେଷ୍ଟ ଅଧିନାୟକ କରି ଦେଇଛି। ପିସିବି ୱେଷ୍ଟଇଣ୍ଡିଜ ଏବଂ ଇଂଲଣ୍ଡ ଟେଷ୍ଟ ସିରିଜ୍ ଲାଗି ପାକିସ୍ତାନ ଟିମର ଘୋଷଣା କରିଛି। ଷ୍ଟାର୍ ଦ୍ରୁତବୋଲର ଶାହୀନ ଅଫରୀଦୀଙ୍କୁ ଟିମରୁ ବାହାର କରି ଦିଆଯାଇଛି। ସେହିଭଳି ହସନ ଅଲୀ ଏବଂ ନୋମାନ ଅଲୀଙ୍କୁ ବି ଏହି ଉଭୟ ସିରିଜ ଲାଗି ଟିମ୍‌ରେ ସ୍ଥାନ ମିଳିପାରିନାହିଁ।

ଶାନ ମସୁଦଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୧୬ ଟେଷ୍ଟ ମ୍ୟାଚ୍ ଖେଳିଛି। ଏହି ସମୟରେ ତାକୁ ୧୨ ଟେଷ୍ଟରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ନିକଟରେ ପାକ୍ ଟିମ୍‌କୁ ବାଂଲାଦେଶ ବିପକ୍ଷରେ ବି ଟେଷ୍ଟ ସିରିଜ୍ ହାରିବାକୁ ପଡ଼ିଥିଲା। ଏହାସହ ସାଉଥ୍ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ହୋଇଥିବା ଟେଷ୍ଟ ସିରିଜରେ ବି ପାକ୍ ଟିମ୍ ପରାଜୟ ହୋଇଥିଲା। ପିସିବି ୱେଷ୍ଟଇଣ୍ଡିଜ ସିରିଜ ଲାଗି ୧୬ ସଦସ୍ୟ ଟିମ୍‌ର ଘୋଷଣା କରିଛି। ମାତ୍ର ଇଂଲଣ୍ଡ ଗସ୍ତ ଲାଗି ସଉଦ ସକିଲଙ୍କୁ ୧୭ତମ ଖେଳାଳି ଭାବେ ଟିମ୍‌ରେ ରଖାଯାଇଛି। କିନ୍ତୁ ଶକୀଲଙ୍କୁ ଟିମରେ ସାମିଲ ହେବା ପୂର୍ବରୁ ଫିଟନେସ ଟେଷ୍ଟରେ ସାମିଲ ହେବାକୁ ପଡ଼ିବ। ଚୟନକର୍ତ୍ତା ଟିମରେ ୪ ଯୁବ ଖେଳାଳୀଙ୍କୁ ପ୍ରଥମ ଥର ସାମିଲ କରିଛନ୍ତି। ଏହି ୪ ଖେଳାଳି ବାମ ହାତୀ ସ୍ପିନର ଅଲୀ ଉସ୍ମାନ, ବ୍ୟାଟର ମୁହମ୍ମଦ ଅବେସ ଜଫର, ଦ୍ରୁତ ବୋଲର ଉବେଦ ଶାହ ଏବଂ ୱିକେଟକିପର- ବ୍ୟାଟର ମୁହମ୍ମଦ ଗାଜୀ ଗୋରୀ ଅଟନ୍ତି।

ପାକିସ୍ତାନ ଟିମ୍ ପ୍ରଥମେ ୱେଷ୍ଟଇଣ୍ଡିଜ ଯିବ। ୱେଷ୍ଟଇଣ୍ଡିଜରେ ପାକ୍ ଟିମ୍ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ସିରିଜର ପ୍ରଥମ ଟେଷ୍ଟ ୨୫ରୁ ୨୯ଜୁଲାଇ ପର୍ଯ୍ୟନ୍ତ ଖେଳାଯିବ। ସେହିଭଳି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨ରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ପୋର୍ଟ ଅଫ ସ୍ପେନରେ ହେବ। ଏହାପରେ ପାକ୍ ଟିମ୍ ୩ ମ୍ୟାଚ୍‌ର ଟେଷ୍ଟ ସରିଜ ଲାଗି ଇଂଲଣ୍ଡ ଯିବ। ଏହି ୩ ଟେଷ୍ଟ ମ୍ୟାଚ୍ ୧୯ ଅଗଷ୍ଟରୁ ୧୩ ସେପ୍ଟେମ୍ବର ମଧ୍ୟରେ ଲିଡ୍ସ, ଲର୍ଡସ ଏବଂ ବର୍ମିଂହମରେ ଖେଳାଯିବ।

ୱେଷ୍ଟଇଣ୍ଡିଜ ଏବଂ ଇଂଲଣ୍ଡ ଗସ୍ତ ଲାଗି ପାକିସ୍ତାନର ଟେଷ୍ଟ ଟିମ୍ : ବାବର ଆଜମ୍ (ଅଧିନାୟକ), ଅମୀର ଜମାଲ, ଅବ୍ଦୁଲ୍ଲା ଫଜଲ, ଅଲୀ ଉସ୍ମାନ, ଅଜାନ ଅବେସ, ଇମାମ ଉଲ ହକ, ଖୁରମ ଶାହଜାଦ, ମହମ୍ମଦ ଅବ୍ବାସ, ମହମ୍ମଦ ଅଲୀ, ମହମ୍ମଦ ରିଜୱାନ (ୱିକେଟ କିପର), ମହମ୍ମଦ ଅବେସ ଜାଫର, ମହମ୍ମଦ ଗାଜୀ ଗୋରୀ (ୱିକେଟ କିପର), ସାଜିଦ ଖାନ, ସଲମାନ ଅଲୀ ଆଗ, ଶାନ ମସୁଦ ଏବଂ ଉବେଦ ଶାହ (ଫିଟନେସ୍ ଟେଷ୍ଟ ପାସ୍ କରିବା ପରେ ସଉଦ ଶକୀଲ ଇଂଲଣ୍ଡ ଗସ୍ତ ଲାଗି ଟିମ୍‌ର ଭାଗିଦାରୀ ହେବେ)।

# ନିର୍ବନ୍ଧର ୪ ମାସ ପରେ ପୃଥ୍ୱୀ ଶ' ସହ ସମ୍ପର୍କ ତୁଟାଇଲେ ଆକୃତି ଅଗ୍ରୱାଲ, ପ୍ରତାରଣା କରିଥିବା ଅଭିଯୋଗ

**ନୂଆଦିଲ୍ଲୀ**



ପୁଣି ଥରେ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଭାରତୀୟ କ୍ରିକେଟର ପୃଥ୍ୱୀ ଶ'। ସେ ଏବଂ ତାଙ୍କ ଭାବି ପତ୍ନୀ ଆକୃତି ଅଗ୍ରୱାଲଙ୍କ ସମ୍ପର୍କରେ ସୃଷ୍ଟି ହୋଇଛି ଫାଟ। ଚଳିତ ବର୍ଷ ମାର୍ଚ୍ଚରେ ଦୁହେଁ ପରସ୍ପର ସହ ନିର୍ବନ୍ଧ କରିଥିଲେ। ଏମିତିରେ ଉଭୟଙ୍କ ମଧ୍ୟରେ ହଠାତ ଦୂରତା ବଢ଼ିଯାଇଥିବା ନେଇ ସୋସିଆଲ ମିଡିଆରେ ଦାବି କରାଯାଉଛି।

ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବାର ଗୁଜବ ଏବେ ସତ ହୋଇଥିବା ଜଣାପଡୁଛି। କାରଣ ଆକୃତି ନିଜର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପୃଥ୍ୱୀଙ୍କ ସହ ଥିବା ସମସ୍ତ ଫଟୋ ଡିଲିଟ କରିଦେଇଥିଲେ। କେବଳ ସେତିକି ନୁହେଁ, ଗତ ମାର୍ଚ୍ଚ ମାସରେ ହୋଇଥିବା ସେମାନଙ୍କ ନିର୍ବନ୍ଧର ସୁନ୍ଦର ଫଟୋଗୁଡ଼ିକୁ ମଧ୍ୟ ସେ ପ୍ରୋଫାଇଲ୍‌ରୁ ହଟାଇ ଦେଇଛନ୍ତି। ଡିଜିଟାଲ ପ୍ଲାଟଫର୍ମରେ ନିଜ ସମ୍ପର୍କ ଶେଷ ହେବାର ସଂକେତ ଦେଇ ସେ ପୃଥ୍ୱୀଙ୍କୁ ଅନଫଲୋ ମଧ୍ୟ କରିଛନ୍ତି। କେବଳ ସେତିକି ନୁହେଁ ପୃଥ୍ୱୀ ମଧ୍ୟ ତାଙ୍କୁ ଅନଫଲୋ କରିଥିବା ଦେଖିବାକୁ ମିଳିଛି।

ଇନଷ୍ଟାଗ୍ରାମରେ ଆକୃତିଙ୍କର ଏକ ଷ୍ଟୋରୀର ସ୍କ୍ରିନସଟ ଭାଇରାଲ ହେବାରେ ଲାଗିଛି, ଯାହାକୁ ସେ ପୋଷ୍ଟ କରିବାର କିଛି ଘଣ୍ଟା ପରେ ଡିଲିଟ୍ କରିଦେଇଥିଲେ ବୋଲି ଦାବି କରାଯାଉଛି। ଭାଇରାଲ ଷ୍ଟୋରୀରେ ଆକୃତି ଲେଖିଛନ୍ତି:"ମୋ ସହ ଅନେକ ଥର ପ୍ରତାରଣା (ଧୋକା) ହୋଇଛି, ତଥାପି ମୁଁ ପଦେ ହେଲେ କଥା କହିନାହିଁ। ଏବେ ବି ବିଶ୍ୱାସ ହେଉନାହିଁ ଯେ ଜୀବନରେ ଗୋଟିଏ ପାଦ ଆଗକୁ ବଢ଼ାଇବା ପରେ ମଧ୍ୟ... ସୋସିଆଲ ମିଡିଆରେ ଚାଲିଥିବା ପ୍ରତ୍ୟେକ ଗୁଜବ ଓ କଥା ସମ୍ପୂର୍ଣ୍ଣ ସତ।"

# ଇଗା ସ୍ୱିଆଟେକଙ୍କୁ ହରାଇ ଆଲେକ୍ସଜାଣ୍ଡ୍ରା ଏଲା ଲେଖିଲେ ନୂଆ ଇତିହାସ

**ନୂଆଦିଲ୍ଲୀ**



ଇଗା ସ୍ୱିଆଟେକଙ୍କ ୱିମ୍ବଲଡନ ଟାଇଟଲ୍ ରକ୍ଷା କରିବା ଅଭିଯାନ ତୃତୀୟ ରାଉଣ୍ଡରେ ଶେଷ ହୋଇଯାଇଛି। ୨୧ ବର୍ଷୀୟା ଆଲେକ୍ସଜାଣ୍ଡ୍ରା ଏଲା ତାଙ୍କୁ ୭-୬ (୯), ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ବିଜୟ ସହ ଗ୍ରାଣ୍ଡସ୍ଲାମ୍ ସିଙ୍ଗଲ୍‌ସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପହଞ୍ଚିବାରେ ଏଲା ଫିଲିପାଇନ୍ସର ପ୍ରଥମ ଖେଳାଳି ହୋଇଯାଇଛି। ତାଙ୍କ ପୂର୍ବରୁ ଫିଲିପାଇନ୍ସର କୌଣସି ବି ଖେଳାଳି (ପୁରୁଷ କିମ୍ବା ମହିଳା) କୌଣସି ଗ୍ରାଣ୍ଡସ୍ଲାମ୍ ଏକକ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲେ। ମ୍ୟାଚ୍ ପଏଣ୍ଟରେ ଏକ ଚମତ୍କାର ଫୋରହ୍ୟାଣ୍ଡ ୱିନର୍ ମାରିବା ପରେ ବାମହାତୀ ଏଲା ଭାବୁକ ହୋଇପଡ଼ିଥିଲେ। ସେ ସେଣ୍ଟର କୋର୍ଟରେ ଆଣ୍ଠୁ ମାଡ଼ି ବସିପଡ଼ିଥିଲେ ଏବଂ ପରେ ଖୁସିରେ ପିଠି ମାଡ଼ି ଶୋଇପଡ଼ିଥିଲେ।

କୋର୍ଟରେ ଦେଇଥିବା ସାକ୍ଷାତ୍‌କାରରେ ଷ୍ଟାଣ୍ଡରେ ଉଡୁଥିବା ଫିଲିପାଇନ୍ସର ପତାକାଗୁଡ଼ିକୁ ଚାହିଁ ଏହି ୨୧ ବର୍ଷୀୟା ଖେଳାଳି କହିଛନ୍ତି, 'ନିଜ ଦେଶବାସୀଙ୍କୁ ମୋର ଉତ୍ସାହ ବଢ଼ାଉଥିବାର ଦେଖିବା ଅବିଶ୍ୱସନୀୟ। ଆମେ ସମସ୍ତେ ଏହି ଯାତ୍ରାରେ ଏକାଠି ଅଛୁ ବୋଲି ଅନୁଭବ କରିବା ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ବିଜୟ ମୋ ଦେଶବାସୀ, ମୋ ପରିବାର ଏବଂ ସେହି ସମସ୍ତ ଛୋଟ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ବଡ଼ ସ୍ୱପ୍ନ ଦେଖନ୍ତି। ଏହା ମୋ ପାଇଁ ସମଗ୍ର ବିଶ୍ୱ ସମକକ୍ଷ।'

ଏଲା ପ୍ରଥମ ସେଟ୍‌ରେ ଟାଇବ୍ରେକରରେ ଦୁଇଟି ସେଟ୍ ପଏଣ୍ଟ ବଞ୍ଚାଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଶେଷରେ ମ୍ୟାଚଟିକୁ ନିଜ ନାମରେ କରିଥିଲେ। ସ୍ୱିଆଟେକ ଗତ ବର୍ଷ ୱିମ୍ବଲଡନ ମହିଳା ସିଙ୍ଗଲ୍‌ସ ଟାଇଟଲ୍ ଜିତିଥିଲେ। ଫାଇନାଲରେ ସେ ଅମାଣ୍ଡା ଅନିସିମୋଭାଙ୍କୁ ୬-୦, ୬-୦ ରେ ପରାସ୍ତ କରି ପ୍ରଥମ ଥର ପାଇଁ ୱିମ୍ବଲଡନ ଚାମ୍ପିଅନ୍ ହେବାର ଗୌରବ ହାସଲ କରିଥିଲେ।

ଏଲିନା ରାଇବାକିନାଙ୍କ ୱିମ୍ବଲଡନ ଅଭିଯାନ ମଧ୍ୟ ତୃତୀୟ ରାଉଣ୍ଡରେ ଶେଷ ହୋଇଯାଇଛି। ୨୦୨୨ ମସିହାର ଚାମ୍ପିଅନ୍ ରାଇବାକିନାଙ୍କୁ ଏଲିସ୍ ମର୍ଟେନ୍ସ ୭-୬, ୬-୧ ରେ ପରାସ୍ତ କରି ଦିନର ଦ୍ୱିତୀୟ ବଡ଼ ଓଲଟପାଲଟ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ (ସିଡ୍) ରାଇବାକିନା ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଏପର୍ଯ୍ୟନ୍ତର ସବୁଠାରୁ ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଅଟନ୍ତି। ତାଙ୍କ ପରାଜୟ ସହିତ ଆର୍ଯ୍ୟନା ସବାଲେଙ୍କାଙ୍କର ଟୁର୍ଣ୍ଣାମେଣ୍ଟ ପରେ ମଧ୍ୟ ବିଶ୍ୱର ନମ୍ବର-୧ ଖେଳାଳି ଭାବେ ରହିବା ସୁନିଶ୍ଚିତ ହୋଇଯାଇଛି।

ବେଲଜିୟମର ୨୫ତମ ମାନ୍ୟତାପ୍ରାପ୍ତ ମର୍ଟେନ୍ସ ବର୍ତ୍ତମାନ ଚତୁର୍ଥ ରାଉଣ୍ଡରେ ନାଓମି ଓସାକାଙ୍କୁ ଭେଟିବେ। ଏହି ମ୍ୟାଚ୍ ରବିବାର ଖେଳାଯିବ। ମର୍ଟେନ୍ସ ୱିମ୍ବଲଡନରେ ଦୁଇ ଥର ମହିଳା ଡବଲ୍‌ସ ଟାଇଟଲ୍ ମଧ୍ୟ ଜିତିସାରିଛନ୍ତି ଏବଂ ଏହି ବିଜୟ ସହ ସେ ମହିଳା ସିଙ୍ଗଲ୍‌ସରେ ମଧ୍ୟ ନିଜର ଦାବିଦାରୀ ମଜଭୁତ କରିଛନ୍ତି। ଦିଗ୍‌ଗଜ ଆମେରିକୀୟ ଟେନିସ୍ ଖେଳାଳି ସେରେନା ୱିଲିୟମ୍ସ ଡାହାଣ ଆଣ୍ଠୁରେ ଆଘାତ ଯୋଗୁଁ ନିଜ ଭଉଣୀ ଭିନସ ୱିଲିୟମ୍ସଙ୍କ ସହ ହେବାକୁ ଥିବା ଡବଲ୍‌ସ ମ୍ୟାଚ୍‌ରୁ ଓହରି ଯାଇଛନ୍ତି।

## ପୁଣି ଧସିଲା ଗେଙ୍ଗୁଟି ନଦୀବନ୍ଧ

# କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ହୋଇପାରୁନି ସ୍ଥାୟୀ ସମାଧାନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ଜଳସମ୍ପଦ ବିଭାଗ ଅଧୀନ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱର ପୁର ମଳିକସାହି ନିକଟ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପୁଣି ଧସିଯାଇଛି। ଗତ ଦୁଇ ଦିନର ଲଗାଣ ବର୍ଷା ପରେ ବନ୍ଧରେ ପ୍ରାୟ ୫୦ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ କିଛି ଅଂଶ ନଦୀଗର୍ଭକୁ ଧସିଯାଇ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଏହି ସ୍ଥାନରେ ୧୫ରୁ ଅଧିକ ଥର ବନ୍ଧ ଧସିଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି।

ବାରମ୍ବାର ବନ୍ଧ ଧସୁଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବନ୍ଧ ସୁରକ୍ଷା ପାଇଁ ନଦୀ ଭିତର ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ ଓ ପଥର ପିଚିଂ କାମ ଆରମ୍ଭ କରାଯାଇଥିଲା। ମାତ୍ର ପ୍ରାୟ ଦୁଇ ଫୁଟ ଉଚ୍ଚତାର କଂକ୍ରିଟ ୱାଲ ନିର୍ମାଣ ସହ ଅଳ୍ପ ପରିମାଣରେ ପଥର ବିଛାଯାଇ ଥିବାରୁ ବନ୍ଧର ଚାପ ସମ୍ଭାଳି ପାରୁନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବନ୍ଧର ଉଚ୍ଚତା ଅନୁଯାୟୀ ସୁଦୃଢ଼ କଂକ୍ରିଟ ୱାଲ ନିର୍ମାଣ କରାଯାଇଥାନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ପୂର୍ବଥର ବନ୍ଧ ଧସିଥିବାରୁ ଏଠାରେ ବନ୍ଧ କମ ଉଚ୍ଚତା ରହିଛି। ଏଥିସହ କାର୍ଯ୍ୟର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପଥର ପିଚିଂ ସ୍ଥାନରେ ମାଟି ଭର୍ତ୍ତି କରାଯାଇଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟରେ କାମ ଶେଷ ନହେବାରୁ ବର୍ଷା ପୂର୍ବରୁ ପ୍ରକଳ୍ପ ଅଧାରେ ଅଟକି ରହିଥିଲା। ବର୍ତ୍ତମାନ ସେହି ସ୍ଥାନରେ ପୁଣି ବନ୍ଧରେ ଫାଟ ସୃଷ୍ଟି ହୋଇ କିଛି ଅଂଶ ନଦୀଗର୍ଭକୁ ଧସିଯାଇଛି।

ସୂଚନା ମୁତାବକ, ଏହି ସ୍ଥାନର ଭୌଗୋଳିକ ଗଠନ ଏବଂ ରାମେଶ୍ୱର ପୁର-କରଦା ଗେଙ୍ଗୁଟି ପୋଲର ଆବଟମେଣ୍ଟ ୱାଲ ଯୋଗୁଁ ନଦୀର ପ୍ରଖର ସ୍ରୋତ ସିଧାସଳଖ ବନ୍ଧ ଉପରେ ଚାପ ସୃଷ୍ଟି କରୁଛି। ପ୍ରବାହପଥ ସଂକୀର୍ଣ୍ଣ ହୋଇଯାଇ ଥିବାରୁ ଜଳସ୍ରୋତ ବାରମ୍ବାର ଦିଗ ପରିବର୍ତ୍ତନ କରି ମଳିକସାହି ନିକଟ ବନ୍ଧରେ ମାଡ଼ ହେଉଛି, ଯାହା ଧସିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଆଗକୁ ବର୍ଷାର ପରିମାଣ ବଢ଼ିଲେ ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ତୁରନ୍ତ ବନ୍ଧର ମରାମତି କାମ ଶେଷ କରିବା ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏନେଇ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସଂଜୀବ ସାମଲଙ୍କୁ ପଚାରିବାରୁ କୁହନ୍ତି ଏହି ଘଟଣା ସମ୍ପର୍କରେ ମୁଁ ଆପଣଙ୍କଠାରୁ ସୂଚନା ପାଇଲି। ଆପଣ ଧାମନଗର ଏସ୍‌ଡିଓଙ୍କ ସହ ଆଲୋଚନା କରନ୍ତୁ। ତେବେ ଏସ୍‌ଡିଙ୍କୁ ଫୋନ କରିଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନଥିଲେ।

ଗେଙ୍ଗୁଟି ନଦୀବନ୍ଧ ଧସିବା ପରି ଗୁରୁତର ଘଟଣା ସମ୍ପର୍କରେ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସଂଜୀବ ସାମଲଙ୍କ ପାଖରେ କୌଣସି ସୂଚନା ନ ଥିବା ଆଶ୍ଚର୍ଯ୍ୟର ବିଷୟ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି, ବନ୍ଧ ଧସିବା ପରି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଯଦି ଅବଗତ ନୁହନ୍ତି କିମ୍ବା ଗଣମାଧ୍ୟମକୁ ସଠିକ୍ ସୂଚନା ଦେବା ପାଇଁ ଉପଲବ୍ଧ ନୁହନ୍ତି, ତେବେ ଜରୁରୀ ପରିସ୍ଥିତିରେ ବିଭାଗର ତତ୍ପରତାକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

# ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ରବିନ୍ଦ୍ର ନାଥ ମହାପାତ୍ରଙ୍କ ସ୍ମୃତି ଚାରଣ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ ନବୀନାବାଗ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ବରିଷ୍ଠ ସମାଜସେବୀ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବାନାମ୍ବର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଡଃ. ନଗେନ୍ଦ୍ର ନାଥ ସ୍ୱାଇଁ, ଶିକ୍ଷକ ମହାସଙ୍ଘର ରାଜ୍ୟସଭାପତି ଅକ୍ଷୟ କୁମାର ଦାସ, ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରୀ ପବିତ୍ର କୁମାର କର, କୃଷ୍ଣ ଚନ୍ଦ୍ର ଭୋଳ, ସୁଶାନ୍ତ କୁମାର ନାୟକ, ଶିକ୍ଷକ ପ୍ରଭାତ କୁମାର କର, ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ଶୁକଦେବ ସାହୁ, ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ଅଜୟ କୁମାର ସ୍ୱାଇଁ, ସମିତି ସଭ୍ୟ ବସନ୍ତ କୁମାର ମହାପାତ୍ର, ଜିଲ୍ଲାପରିଷଦ ରଂଜିତା ସିଂହ, ପୂର୍ବତନ ସରପଞ୍ଚ ସନାତନ ଦଳାଇ, ହୃଦୟ ନିଧି ମହାନ୍ତି, ଯୁବ ସମାଜସେବୀ ପ୍ରଭାସ କୁମାର ସାହୁ, ଗୋପାଳ ଚନ୍ଦ୍ର ଜେନା, ନିରଞ୍ଜନ ବେହେରା, ଅଶୋକ କୁମାର ମହାପାତ୍ର, କ୍ଷୀରୋଦ କୁମାର ବାରିକ, ରତ୍ନାକର ନାୟକ, ବୈରାଗୀ ଚରଣ ପତି, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି, ଗୁଆଳିପୁର ସରପଞ୍ଚ ମନୋଜିନି ସାହୁ, ଛପଡ଼ା ସରପଞ୍ଚ ଅମିତା ଖୁଣ୍ଟିଆ, ଅମୂଲ୍ୟ ମହାପାତ୍ର, ଦିଲ୍ଲୀପ ପରିଡ଼ା, ବିଲେଇ ଶୁଣି ମକର ମେଳା ସଭାପତି, ବିକାଶ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି-ବିଶେଷମାନେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ।

# ଯାଜପୁର ଜିଲ୍ଲାରେ ପ୍ରକାଶ ପାଇଲା ନୂତନ ଚିଠା ଭୋଟର ତାଲିକା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜିଲ୍ଲାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍.ଆଇ.ଆର) ପ୍ରକ୍ରିୟା ଅଧୀନରେ ନୂତନ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହା ସହିତ ଜିଲ୍ଲାରେ ଭୋଟରମାନଙ୍କ ସୁବିଧା ପାଇଁ ମତଦାନ କେନ୍ଦ୍ରଗୁଡ଼ିକର ସଂଶୋଧନ ଓ ନୂତନ ବୁଥ୍ ପୁନଃନିର୍ଦ୍ଧାରଣ ସମ୍ପର୍କରେ ସୂଚନା ଦିଆଯାଇଛି।

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ କହିଲେ ଜିଲ୍ଲାର ସମସ୍ତ ୭ଟି ନିର୍ବାଚନ ମଣ୍ଡଳୀ ପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏଥିପାଇଁ ଆରମ୍ଭ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ପ୍ରକ୍ରିୟା ଅନୁଯାୟୀ, ବିଏଲଓ ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ କରିବା ସହ ମ୍ୟାପିଂ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହି ପ୍ରକ୍ରିୟା ପରେ ବର୍ତ୍ତମାନ ଏକ ସୂଚନା ତାଲିକା ଜାରି କରାଯାଇ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି। ଏହି ପ୍ରକାଶିତ ଚିଠା ତାଲିକାରେ କାହାର ନାମ ସାମିଲ ହୋଇଛି ଏବଂ କାହାର ନାମ ବାଦ୍ ପଡ଼ିଛି, ସେ ସମ୍ବନ୍ଧରେ ନାଗରିକମାନେ ଯାଞ୍ଚ କରିପାରିବେ ଏବଂ ନିଜର ଦାବି କିମ୍ବା ଆପତ୍ତି ଅଭିଯୋଗ ପାଇଁ ଆବେଦନ ପତ୍ର ଦାଖଲ କରିପାରିବେ। ଏହି ଆବେଦନ ପ୍ରକ୍ରିୟା ତା ୦୫.୦୭.୨୦୨୬ ରିଖ ଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୬ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ଚିଠା ପ୍ରକାଶିତ କରାଯିବ। ୭ଟି ନିର୍ବାଚନ ମଣ୍ଡଳୀର ଇ.ଆର.ଓ ମାନେ ବ୍ଲକ୍ ହେଡ୍‌କ୍ୱାର୍ଟରରେ ସମସ୍ତ ସୁବିଧା ପ୍ରଦାନ ପୂର୍ବକ ନୋଟିସ ଜାରି କରିବେ। ଏହି ପ୍ରକ୍ରିୟାରେ ପ୍ରଥମେ ଅବଜେକ୍ସନ୍ ପିରିଅଡ ରହିବ। ଯେଉଁ ମାନଙ୍କର କିଛି ଅବଜେକ୍ସନ୍ ଥିବ ଅବଜେକ୍ସନ୍ ପିରିଅଡ ମଧ୍ୟରେ ଅବଜେକ୍ସନ୍ ଗ୍ରହଣ କରାଯିବ। ଏବଂ ନୋଟିସ ମାଧ୍ୟମରେ ଡିସପୋଜାଲ କରାଯିବ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯିବା ସହ ପ୍ରତି ୧୨୦୦ ଭୋଟରଙ୍କପାଇଁ ଏକ ମତଦାନ କେନ୍ଦ୍ର ବ୍ୟବସ୍ଥାକୁ ଆଧାର କରି ବୁଥ୍‌ଗୁଡ଼ିକର ପୁନଃନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ଜିଲ୍ଲାରେ ମୋଟ ୪୦୭ ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି, ଯାହାଫଳରେ ପୂର୍ବରୁ ଥିବା ୧୬୩୯ ଟି ବୁଥ୍ ସଂଖ୍ୟା ଏବେ ବୃଦ୍ଧି ପାଇ ୨୦୪୬ରେ ପହଞ୍ଚିଛି। ଜିଲ୍ଲାପାଳ ଆହୁରି ମଧ୍ୟ କହିଛନ୍ତି ଯେ, ଭୋଟର ତାଲିକାର ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ଏବଂ ଜଣେ ହେଲେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକ୍ରିୟାରେ କୌଣସି ପ୍ରକୃତ ଭୋଟର ଯେପରି ହଇରାଣ ନହୁଅନ୍ତି, ସେଥିପାଇଁ ସମସ୍ତ ଶ୍ରବଣ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛ ଓ ସହଜ ପ୍ରକ୍ରିୟାରେ ଆପତ୍ତିର ଶୁଣାଣି କରିବାକୁ ଇ.ଆର.ଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସ୍ଥାନୀୟ ଯାଞ୍ଚ ପରେ ତହସିଲଦାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିବାକୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, ଶିବାନନ୍ଦ ସ୍ୱାଇଁ, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପ ଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ, ଡେପୁଟି କଲେକ୍ଟର, ଇଲେକ୍ସନ, ଅଶୋକ କୁମାର ଦେହୁରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଜୁଲାଇ ୨୦୨୬ ସୋମବାର















ଭୁବନେଶ୍ୱର : ଅବସରପ୍ରାପ୍ତ ଆଇଏଏସ୍, ବିଶିଷ୍ଟ ସ୍ତମ୍ଭକାର ତଥା ଔପନ୍ୟାସିକ ଦୁର୍ଗାଚରଣ ସାହୁଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ଅବସରରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ । (ଫଟୋ : ସମ୍ବାଦ କଳିକା)

# ଲଗାଣ ବର୍ଷାରେ ବେହାଲ କଟକ ସହର, ବର୍ଷା ଜଳ ନିଷ୍କାସନ କରିବାରେ ବିଫଳ ହୋଇଛି ସିଏମସି

**କଟକ, ନ୍ୟୁଜ ବ୍ୟୁରୋ**

ଲଗାଣ ବର୍ଷାରେ ବେହାଲ କଟକ ସହର । ସହରର ଅନେକ ଅଞ୍ଚଳରେ ଜଳମଗ୍ନ ସ୍ଥିତି ସୃଷ୍ଟି ହୋଇଛି । ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହରୀ ମାରୁଥିବା ବେଳେ ନଦୀର ଭ୍ରମ ସୃଷ୍ଟି କରିଛି । ଲଗାଣ ବର୍ଷା ଯୋଗୁଁ ଘର ଭିତରେ ପାଣି ଜମି ରହିଛି । ବିଶେଷକରି ତଳିଆ ଅଞ୍ଚଳରେ ଥିବା ଘର ଗୁଡିକରେ ବର୍ଷା ପାଣି ଜମି ରହି ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସହର ବାସିନ୍ଦା । ସେହିପରି ଯାତାୟତ ବାଧାପ୍ରାପ୍ତ ହୋଇଛି । ବର୍ଷା ଜଳ ସଠିକ ଭାବରେ ନିଷ୍କାସନା ହୋଇ ପାରୁ ନଥିବାରୁ ନାଳ ପାଣି ଘରେ ପଶିଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ବର୍ଷା ଜଳ ନିଷ୍କାସନ ପାଇଁ ସିଏମସି ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା କଟକ ମେୟର କହିଛନ୍ତି । ଲଗାଣ ବର୍ଷାରେ କଟକ ସହରର ରକ୍ସି ଲେନ, ମେରିଆ ବଜାର, ଫ୍ରେଣ୍ଡ୍ସ କଲୋନୀ, କାଜିବଜାର, ସୂତାହାଟ, ରାଉସାପାଟଣା, ଆଦି ଅନେକ ଅଞ୍ଚଳ ଏବେ ଜଳମଗ୍ନ ଅବସ୍ଥାରେ ରହିଛି । ଘର ଏବଂ ରାସ୍ତା ସବୁ ଆଡ଼େ ଆଣ୍ଠୁଏ ଉଚ୍ଚର ପାଣି ଜମି



ରହିଛି । ସ୍ଥିତି ଏମିତି ଯେ, କିଏ ନିଜ ଘରୁ ବର୍ଷା ଜଳ ନିଷ୍କାସନ କରିବାକୁ ସାରା ରାତି ଲାଗି ପଡିଛନ୍ତି ତ ଆଉ କିଏ ରୋଷେଇ ଘରେ ପାଣି ପଶିବାରୁ ରୋଷେଇ ନକରି ଶୁଖିଲା ଖାଦ୍ୟ ଖାଇ ରହିଛନ୍ତି । ଏଭଳି ସ୍ଥିତିରେ ଅସନ୍ତୋଷ ଜାହିର କରିଛନ୍ତି ସହର ବାସିନ୍ଦା । ସହରବାସୀଙ୍କ କହିବା ଅନୁଯାୟୀ, 'ଦୁଇ ଦିନ ହେବ ବର୍ଷା ଲାଗି ରହିଛି । ବର୍ଷା ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଘରୁ ବାହାରିବା ତ ଦୂରର କଥା ନିଜ ଘରେ ଥିବା ଖଟ ଉପରେ ପରିବାର ଲୋକ ଆଶ୍ରୟ କରିଛନ୍ତି । କେବେ ବର୍ଷା ଜଳ ନିଷ୍କାସନ ହେବ ତାହାକୁ ଅପେକ୍ଷା କରିଛୁ । ନିଜ ଘରେ ଯାହା ଶୁଖିଲା ଖାଦ୍ୟ ଥିଲା ତାହାକୁ ଖାଇ ରହିଛୁ ।' ଘରୁ ବର୍ଷା ଜଳ ନିଷ୍କାସନ କରିବାକୁ ପରିବାର ଲୋକ ପୁରା ରାତି ଅନିଦ୍ରା ହୋଇ ରହିଛନ୍ତି । ସିଏମସି ଜଳ ନିଷ୍କାସନ କରିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏନେଇ ପ୍ରତିକ୍ରିୟା ରଖି ସିଏମସି ମେୟର ସୁବାସ ସିଂ କହିଛନ୍ତି, 'କଟକ ସହର ଦୁଇ ନଦୀ ମଝିରେ ଖାଲ ସ୍ଥାନରେ ରହି ଥିବାରୁ ଜଳମଗ୍ନ ସ୍ଥିତି ହେବା ସ୍ୱାଭାବିକ । ମାତ୍ର ଏହାର ମୁକାବିଲା ପାଇଁ ସିଏମସି ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁଛି । ଜଳ ନିଷ୍କାସନ ପାଇଁ ସହରରେ ତିନି ଶହଟି ପାଣି ପମ୍ପର ବ୍ୟବସ୍ଥା କରାଯାଇଛି । ଉଚ୍ଚ କ୍ଷମତା ଥିବା ମଟର ଭଲବ ମଟର ସାହାଯ୍ୟରେ ସହରରୁ ଜଳ ନିଷ୍କାସନ କରାଯାଉଛି । ସମସ୍ତ ଓ୍ୱାର୍ଡରେ ପାଣି ପମ୍ପ ରହିଛି । ଗତବର୍ଷ ୨୫୦ଟି ମଟର ଥିବା ବେଳେ ଚଳିତ ବର୍ଷ ଏହାର ବୃଦ୍ଧି କରାଯାଇ ୩୦୦ଟି କରାଯାଇଛି । ପ୍ରବଳ ବର୍ଷା ହେଉଥିବାରୁ ଜଳ ନିଷ୍କାସନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ତଥାପି ଘଣ୍ଟାଏ ମଧ୍ୟରେ ବର୍ଷା ଜଳ ନିଷ୍କାସନ ହୋଇଯିବ ।'

# ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସର ଶୁଭାରମ୍ଭ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୋହନ ଚରଣ ମାଝୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଅଶ୍ୱିନୀ ବୈଷ୍ଣବ, ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ସୋମବାର ପୁରୀ ରେଳଷ୍ଟେସନରୁ 'ପୁରୀ-କୋରାପୁଟ ଉଦ୍‌ଘାଟନୀ ସ୍ପେଶାଲ' ଏବଂ ବ୍ରହ୍ମପୁର ରେଳଷ୍ଟେସନରୁ 'ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଉଦ୍‌ଘାଟନୀ ସ୍ପେଶାଲ' (ଯାହା ସପ୍ତାହକୁ ୩ ଦିନ ପରିବର୍ତ୍ତେ ଏଣିକି ଦୈନିକ ସେବାରେ ପରିଣତ ହେଉଛି)ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ସେବା ଓଡ଼ିଶା ଭିତରେ ଏବଂ ଓଡ଼ିଶା ସହିତ ପଶ୍ଚିମ ଭାରତର ସଂଯୋଗୀକରଣକୁ ଯଥେଷ୍ଟ ଉନ୍ନତ କରିବ, ଏଥିସହିତ ପର୍ଯ୍ୟଟନ, ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ଆଞ୍ଚଳିକ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ । ପୁରୀ-କୋରାପୁଟ ଏକ୍ସପ୍ରେସର ନିୟମିତ ସମୟସୂଚୀ ପୃଥକ ଭାବେ ଜଣାଇ ଦିଆଯିବ । ପୁରୀ-କୋରାପୁଟ ଏକ୍ସପ୍ରେସର ପ୍ରଚଳନ ଦ୍ୱାରା ପବିତ୍ର ସହର ପୁରୀ ଏବଂ ଆଦିବାସୀ ବହୁଳ ଅଞ୍ଚଳ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରି ଜନସାଧାରଣଙ୍କ ଏକ ଦୀର୍ଘଦିନର ଆଶାକୁ ପୂରଣ କରିବ । ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ଯାତାୟାତ ସହଜ କରି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ବହୁ ପରିମାଣରେ ଉପକୃତ କରିବ । ଏହି ଉଦ୍‌ଘାଟନୀ ସ୍ପେଶାଲ୍ ନିୟମିତ ଟ୍ରେନ୍ ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସର ପ୍ରାରମ୍ଭକୁ ସୂଚିତ କରେ, ଏହି ଟ୍ରେନର ବିସ୍ତୃତ ସମୟସୂଚୀ ପୃଥକ ଭାବରେ ଘୋଷଣା କରାଯିବ । ଏହି ଟ୍ରେନଟି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ, ଯାହାଫଳରେ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ରେଳ ସଂଯୋଗୀକରଣ ଅଧିକ ସୁଦୃଢ଼ ହେବ । ଏହି ଟ୍ରେନ୍ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ, ଯାହା ସମଗ୍ର ଅଞ୍ଚଳର ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ବିକଳ୍ପ ପ୍ରଦାନ କରିବ । ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଯାହା ବର୍ତ୍ତମାନ ସପ୍ତାହରେ ତିନି ଦିନ ଚଳାଚଳ କରୁଛି, ଏହା ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗ ଭାବରେ ଉଭା ହୋଇଛି ଏବଂ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳଗୁଡ଼ିକୁ ସେବା ଯୋଗାଇଛି । ଏହାକୁ ଦୈନନ୍ଦିନ ସେବାରେ ପରିଣତ କରିବା ଦ୍ୱାରା ଯାତ୍ରୀଙ୍କ ସୁବିଧା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବ । ଏହି ବର୍ଦ୍ଧିତ ସେବା ଶ୍ରମିକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଯାତ୍ରୀମାନଙ୍କର ସୁଗମ ଗତିବିଧିକୁ ସହଜ କରିବ, ଏଥିସହ ପ୍ରମୁଖ ଶିଳ୍ପ, ବାଣିଜ୍ୟ ଏବଂ ନିଯୁକ୍ତି କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗୀକରଣକୁ ସୁଦୃଢ଼ କରିବ । ଏହି ଟ୍ରେନ୍ ଦ୍ୱାରା ସେବା ପାଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବାଣିଜ୍ୟ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ କର୍ମଚାରୀଙ୍କ ଗତିଶୀଳତାକୁ ମଧ୍ୟ ସମର୍ଥନ କରିବ । ଏହି ନୂତନ ରେଳ ସେବାଗୁଡ଼ିକ ରେଳ ସଂଯୋଗୀକରଣର ସମ୍ପ୍ରସାରଣ, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସମର୍ଥନ କରିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରୁଛି । ଏହି ପଦକ୍ଷେପଗୁଡ଼ିକ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ବହୁଳ ଭାବେ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି, ଯାହା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବାରେ ପ୍ରମୁଖ ଯୋଗଦାନ ଦେବ ।

# ସରୁନି ହିତାଧିକାରୀଙ୍କ ଦୁଃଖ, ବର୍ଷାରେ ଭିଜି ଆସୁଛନ୍ତି, ହେଲେ ମିଳୁନି ଚାଉଳ

**ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**

ହିତାଧିକାରୀଙ୍କୁ ମିଳୁନି ଚାଉଳ ! ୫ଦିନ ହେବ ଗୋଦାମ ଗୃହ ନିକଟରେ ବସିବସି ଫେରୁଛନ୍ତି ହିତାଧିକାରୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ୍ କୋଡ଼ପଡା ପଞ୍ଚାୟତରେ । ପଞ୍ଚାୟତର ଭୁଗୁପୁର ଗାଁ ସମେତ ଅନ୍ୟ ଗାଁର ହିତାଧିକାରୀମାନେ ଗତ ୫ଦିନ ହେବ ବର୍ଷା ସତ୍ତ୍ୱେ ଅଟୋ ଭଡ଼ା ଚାଉଳ ନେବାକୁ ଆସୁଛନ୍ତି । କିନ୍ତୁ ସବୁଦିନ ନିରାଶ ଫେରୁଛନ୍ତି । କୋଡ଼ପଡା ପଞ୍ଚାୟତ ଠାରୁ ୨୦ କି.ମି. ଦୂରରେ ଥିବା ଗୟଳମୁଣ୍ଡା ପଞ୍ଚାୟତର ମା଼ କାଳୀଜାଇ ସ୍ୱୟଂସହାୟିକା ଗୋଷ୍ଠୀ ଏଠି ଚାଉଳ ବଣ୍ଟନ ଦାୟିତ୍ୱ ନେଇଥିବା ବେଳେ ସେମାନଙ୍କର ଦେଖା ଦର୍ଶନ ନାହିଁ । ସବୁ ମାସରେ ଚାଉଳ ପ୍ରଦାନରେ ଏହି ଭଳି ସମସ୍ୟା ଲାଗି ରହିଥିବା ଲୋକେ ଅଭିଯୋଗ କରିଛନ୍ତି । ତେବେ ଆଜି ଯାଏଁ ଏହାର ସମାଧାନ ନହେବାରୁ ଚାଉଳ ପାଇବା ପାଇଁ ଲୋକେ ବାରମ୍ବାର ହଟହଟା ହେଉଛନ୍ତି । ଘଟଣା ସମ୍ପର୍କରେ ଆମେ ଆନନ୍ଦପୁର ବିଡିଓଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ ।

# ବିବେକାନନ୍ଦଙ୍କ ୧୨୫ ତମ ମହାପ୍ରୟାଣ ଦିବସ ପାଳିତ

**ଟାଙ୍ଗୀ, ନ୍ୟୁଜ ବ୍ୟୁରୋ**

ସ୍ୱାମୀ ବିବେକାନନ୍ଦଙ୍କ ୧୨୫ତମ ମହାପ୍ରୟାଣ ଦିବସ ଟାଙ୍ଗୀ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ଼ ବିଳିକେଶ ପରବିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଉତ୍କଳ ଗ୍ରାମ୍ୟ ସ୍ୱରାଜ୍ୟ ଅଧକ୍ଷ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଶ୍ରୀକ୍ଷେତ୍ର ବାସୀ ଫାଉଣ୍ଡେସନ ଅଧକ୍ଷ ରବୀନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶୈଳବାଳା ମହିଳା ମହାବିଦ୍ୟାଳୟ ଦର୍ଶନ ବିଭାଗୀୟ ମୁଖ୍ୟ ଡ଼ ନର୍ମଦା କୁମାରୀ ପରିଡା, ମୁଖବକ୍ତା ଭାବେ ଶିକ୍ଷାବିତ୍ ଚୈତନ୍ୟ ଚରଣ ରାଉତ, ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ଡ଼ ଭାଗବତ ମହାନ୍ତି, ବ୍ୟଙ୍ଗକବି ଧର୍ମଛଡା ବିଭୂପ୍ରସାଦ ନାୟକ, କବି ମନୋରଞ୍ଜନ ପଣ୍ଡା, ସାରସ୍ୱତ ସାଧକ ସୁକୁମାର ସାମଲ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ବିବେକାନନ୍ଦ ହେଉଛନ୍ତି ଯୁବପିଢ଼ି ନିମନ୍ତେ ପ୍ରେରଣାର ଉତ୍ସ । ବିଶ୍ୱ ବିଜୟୀ ବିବେକାନନ୍ଦଙ୍କ ଆଦର୍ଶରେ



ଯୁବପିଢ଼ି ଅନୁପ୍ରାଣିତ ହେଲେ ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତା ବେହେରା, ସନ୍ଧ୍ୟାରାଣୀ ମଲ୍ଲିକ, ତନ୍ମୟୀ ମୌସୁମୀ ମହାରଣା, ମାନସ କୁମାର ବେହେରା, ଜଗବନ୍ଧୁ ବେଜ, ତପନ ସାହୁ, ଜିତେନ୍ଦ୍ର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲଗାଣ ବର୍ଷାରେ...

ସୁରକ୍ଷିତ ଉଦ୍ଧାର ପାଇଥିଲେ । ନୂଆପଡାର ରାୟପୁରରୁ ଗୋପାଳପୁର ସଂଯୋଗ କରୁଥିବା ଏନ୍‌ଏଚ-୩୫୩ର କୋମନା ରାସ୍ତାରେ ଲଗାତର ଚାଲିଛି ୨ ଫୁଟର ପାଣି । ସେହିପରି ଲଖନା ରେଲୱେ ଅଣ୍ଡରପାସରେ ୫ ଫୁଟର ପାଣି ଜମି ରହିଛି । ବିଶ୍ୱନାଥପୁର ଗାଁରେ ଥିବା ଏକ ଡ୍ୟାମ୍ ଭାଙ୍ଗି ଯାଇଥିବା ବେଳେ ନୂଆପଡ଼ା ବ୍ଲକର ସାରାବଙ୍ଗ ଆମାନାରା ନିର୍ମାଣାଧୀନ ବ୍ରିଜ ମଧ୍ୟ ପ୍ରଭାବିତ ହୋଇଛି । କନ୍ଧମାଳରେ ଦୁଇ ଦିନର ନନଷ୍ଟପ୍ ବର୍ଷାରେ ଉପୁଡ଼ିଲା ବିଦ୍ୟୁତ ଖୁଣ୍ଟ, ଗଛ ପଡି ରାସ୍ତା ଅବରୋଧ । ଗଛ ଉପୁଡି ପଡି ୫୯ ନମ୍ବର ଜାତୀୟ ରାଜପଥ ବାଲିଗୁଡା-ତୁମୁଡିବନ୍ଧ ରାସ୍ତା ଅବରୋଧ ହୋଇଛି । ସେପଟେ ନଦୀଖଣ୍ଡିସାହିରୁ ଡାକପାଲାକୁ ସଂଯୋଗ କରୁଥିବା ବ୍ରିଜ ଉପରେ ପ୍ରବାହିତ ହୋଇଛି ଦୁଇ ଫୁଟ ଉଚ୍ଚର ପାଣି । ଫୁଲିଛି ବାଘ ନଦୀ । ପାଣିରେ ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ପଞ୍ଚାୟତବାସୀଙ୍କ ଏଭଳି ବିପଦଜନକ ଯାତ୍ରା । ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ୩ ଖଣ୍ଡ ଗାଁର ଲୋକେ ।

କୋରାପୁଟରେ ବି ପ୍ରଭାବ ଦେଖାଇଛି ଲଘୁଚାପ ବର୍ଷା । ଜିଲ୍ଲାର ନାରାୟଣପାଟଣାରେ ଜଣେ ମହିଳା ନଦୀ ସ୍ରୋତରେ ଭାସି ଯାଇ ନିଖୋଜ ଥିବା ଅଭିଯୋଗ ହୋଇଛି । ଅନେକ ସ୍ଥାନରେ ବଡ ବଡ ଗଛ ଉପୁଡ଼ି ପଡ଼ିଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ସେପଟେ କେନ୍ଦ୍ରାପଡ଼ା ପୌରାଞ୍ଚଳର ତଳି ଅଞ୍ଚଳରେ ଲହଡି ଭାଙ୍ଗୁଛି ବର୍ଷା ଜଳ । ସହରର ତିନିମୁହାଣୀ ଠାରେ ବିଭିନ୍ନ ଅଫିସ ଜଳବନ୍ଦୀ ଥିବା ବେଳେ କଜଳା ଆଦିବାସୀ ବସ୍ତିକୁ ବନ୍ଦ ହୋଇଛି ରାସ୍ତା । ପିପିଲିରେ ସେତୁ ଉଦଘାଟନ ପୂର୍ବରୁ ଭୁଶୁଡି ପଡିଛି ଓ୍ୱାଲ ବନ୍ଧ । ୬ କୋଟି ଟଙ୍କା ଖର୍ଚ୍ଚରେ କରାଯାଇଥିବା ଡେଲାଙ୍ଗ ଡାକପଡା ଲୁଣା ସେତୁର ପଥର ଓ୍ୱାଲ ଓ ପିଚୁ ରାସ୍ତା ଭୁଶୁଡି ପଡିଛି । ସେପଟେ ଗଞ୍ଜାମ ଦିଗପହଣ୍ଡିରେ ଉପର ମୁଣ୍ଡରେ ବର୍ଷା ଲାଗି ରହିବାରୁ ବଢୁଛି ଘୋଡାହାଡ ଡ୍ୟାମ୍ ଜଳ ସ୍ତର । ଫଳରେ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି ।

### ରାଜ୍ୟରେ...

ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି । ସୂଚନା ଅନୁଯାୟୀ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି । ଅନ୍ୟପକ୍ଷରେ, ୬ଟି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି । ସୁନ୍ଦରଗଡ଼, ଝାରସୁଗୁଡା, ଦେବଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସେ କହିଛନ୍ତି ।

### ହର୍ମୁଜ ପାର୍ କରିଛି ...

ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଠିକ୍ ସମୟରେ ଯୋଜନା ପ୍ରସ୍ତୁତ କରିବା ସହ ସମନ୍ୱୟ ଓ ନିରନ୍ତର ଅନୁଧ୍ୟାନ କାରଣରୁ ସାର ଯୋଗାଣରେ ସଫଳତା ମିଳିଛି । ଏଥିସହିତ କୂଟନୈତିକ ଆଲୋଚନା ମାଧ୍ୟମରେ ନୂଆ ସାର ଯୋଗାଣ ଉତ୍ସ ମଧ୍ୟ ବାହାର କରାଯାଇଛି ।

### ଇସ୍କନ କର୍ତ୍ତୃପକ୍ଷଙ୍କୁ ...

ଅନୁଯାୟୀ ସମଗ୍ର ବିଶ୍ୱରେ ଗୋଟିଏ ତିଥିରେ ପାଳନ ହେଉ । ତିଥି ବ୍ୟତୀତ ଅନ୍ୟ କୌଣସି ସମୟରେ ଯାତ୍ରା ପାଳନ ଗ୍ରହଣୀୟ ନୁହେଁ । ଜ୍ୟେଷ୍ଠ ପୂର୍ଣ୍ଣିମାରେ ହିଁ ସାରା ବିଶ୍ୱର ଇସ୍କନ ମନ୍ଦିର ସ୍ନାନ ଯାତ୍ରା କରନ୍ତୁ । ନବଦିନାତ୍ମକ ଯାତ୍ରା ସମୟରେ ରଥଯାତ୍ରା କରିବାକୁ ଗଜପତି ଅନୁରୋଧ କରିଛନ୍ତି । ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ଠାରୁ ଆରମ୍ଭ ହୁଏ ନବଦିନାତ୍ମକ ଘୋଷଯାତ୍ରା । ୨୦୨୫ରେ ଜିବିସି ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି ଗଜପତି ମହାରାଜା ।

### ଗ୍ୟାସ୍ ଭଣ୍ଡାର ସୃଷ୍ଟି ...

ପୂରଣ କରୁଛି । ଚଳିତ ବର୍ଷ ଫେବ୍ରୁୟାରୀରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଗ୍ୟାସ୍ ସଂରକ୍ଷଣର ସମ୍ଭାବନାର ଅନୁଶୀଳନ କରିବାକୁ ଏକ କମିଟି ଗଠନ କରାଯାଇଥିଲା । ଭାରତ ଉଭୟ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନଜି) ଓ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲପିଜି) ସଂରକ୍ଷିତ ରଖିବାକୁ ଚାହିଁଛି । ଯୁଦ୍ଧ ପରେ ବାଣିଜ୍ୟ, ଯୋଗାଣ ଶୃଙ୍ଖଳା ଓ ପରିବହନରେ ଦେଖାଦେଇଥିବା ଆହ୍ୱାନ ଭଳି ସ୍ଥିତିକୁ ଭବିଷ୍ୟତରେ କିଭଳି ଠିକ୍ ଭାବେ ମୁକାବିଲା କରାଯାଇପାରିବ ତାହା ଜାଣିବା ପାଇଁ ସାତଟି ସଚିବମାନଙ୍କ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଥିଲା । ତେବେ ଗ୍ୟାସ୍ ଭଣ୍ଡାରରେ କେତେ ଦିନର ଆବଶ୍ୟକତା ପୂରଣ ଲାଗି ଗ୍ୟାସ୍ ରଖାଯିବ ତାହା ଉପରେ ମଧ୍ୟ ବିଚାର କରାଯାଉଛି । ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ୪-୫ ବର୍ଷର ଆବଶ୍ୟକତାକୁ ବିଚାରକୁ ନିଆଯିବ । ଷ୍ଟ୍ରାଟେଜିକ୍ ରିଜର୍ଭରେ କେତେ ଓ ବାଣିଜ୍ୟିକ ଭାବେ କେତେ ଗ୍ୟାସ୍ ସଂରକ୍ଷିତ ରଖାଯିବ ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି । ଚୀନ ନିଜର ବିଶାଳ ଅଶୋଧିତ ତୈଳ ଭଣ୍ଡାର ଗଠନ କରିଛି । ସେହି ଢାଞ୍ଚାକୁ ଆପଣାଇବାର ସମ୍ଭାବନା ବିଷୟରେ ମଧ୍ୟ ସରକାର ବିଚାର କରୁଛନ୍ତି । ନିକଟରେ କାଉନସିଲ୍ ଅନ୍ ଏନର୍ଜି, ଏନଭାର୍ଣ୍ଣମେଣ୍ଟ ଆଣ୍ଡ ଓ୍ୱାଟର (ସିଇଇଡବ୍ଲ୍ୟୁ) ଏକ ରିପୋର୍ଟରେ କହିଥିଲା ଯେ ଆବଶ୍ୟକତାର ଅଧାରୁ ଅଧିକ ଗ୍ୟାସ୍ ଆମଦାନି କରାଯାଉଥିବା ସତ୍ତ୍ୱେ ପ୍ରାକୃତିକ ଗ୍ୟାସ୍ ପାଇଁ କୌଣସି ଗଚ୍ଛିତ ଭଣ୍ଡାର ସୃଷ୍ଟି କରାଯାଇନଥିବାରୁ ଯୋଗାଣରେ ବିଭ୍ରାଟ ଦେଖାଦେଲେ ଭାରତ ପ୍ରଭାବିତ ହେଉଛି ।

OFFICE OF THE PANCHAYAT SAMITI: SAMAKHUNTA
At/po- Samakhunta, Dist- Mayurbhanj, Odisha, Pin-757049,
Email; ori-samakhunta@nic.in
19001/135/2627
No. 1371
Date:- 9.6.26

TENDER CALL NOTICE

Annexure - 'A'

The Block Development Officer,Samakhunta Invites percentage rate bid tender on behalf of Government of Odisha from registered and eligible Civil Contractor of the state PWD (R&B)/WR/Rural Works/MI/CPWD for the following work eventually to be drawn up in the PWD PI Form in confirming with the detailed Tender Call Notice.

| Sl. No | Name of the Work | Approx. Value of the work (excluding 18% GST) | Class of Bidder | EMD in Rupees | Cost of Bid Document (in Rupees) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of Additional Class Room at Januarkarchha Pry. School | 1334729.00 | "D'&"C " | 13347.00 | Rs6,000.00 | 3 months |
| 2 | Const. of Additional Class Room at Kantapal Upper Pry. School | 1334729.00 | "D'&"C " | 13347.00 | Rs6,000.00 | 3 months |
| 3 | Repair & Renovation of DPO Office | 1370680.00 | "D'&"C " | 13707.00 | Rs6,000.00 | 3 months |
| 4 | Const of Non-Residential Building in Block campus | 1605996.00 | "D'&"C " | 16060.00 | Rs6,000.00 | 3 months |

For detail terms & Conditions, please visit our website. mayurbhanj.odisha.gov.in

OIPR-19001/19111/1/26-27/0001

Sd/- Block Development Officer,
Samakhunta

ଭୁବନେଶ୍ୱର, ୦୬ ଜୁଲାଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଯାତ୍ରା ସମୟରେ ରତ୍ନବେଦୀ ଓ ଗର୍ଭଗୃହକୁ ଯାଞ୍ଚ କରିବ ଏଏସଆଇ ଟିମ୍

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉମାନେ ରଥଯାତ୍ରାରେ ଯାଇ ଆଡପ ମଣ୍ଡପ ବିଜେ ପରେ ଆରମ୍ଭ ହେବ ବଡଦେଉଳ ଯାଞ୍ଚ । ମହାପ୍ରଭୁ ବିଜେ କରୁଥିବା ରତ୍ନ ବେଦୀ ଓ ଗର୍ଭଗୃହକୁ ଯାଞ୍ଚ କରାଯିବ । ଚଟାଣ, କାନ୍ଥ, ଛାତ ପ୍ରଭୃତି ସ୍ଥିତି କିଭଳି ରହିଛି ତାହାକୁ ବୈଷୟିକ ଟିମ୍ ଯାଞ୍ଚ କରିବ। ଭରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା ତଥା ଏଏସଆଇର ବୈଷୟିକ ଟିମ୍, ଦିଲ୍ଲୀ ଆଇଆଇଟିର ବିଶେଷଜ୍ଞ ଟିମ୍, ନିର୍ମାଣ ବିଭାଗର ବୈଷୟିକ ଟିମ୍, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ବୈଷୟିକ ଟିମ୍ ମିଳିତ ଭାବେ ଯାଞ୍ଚ କାର୍ଯ୍ୟ କରିବେ । ଆସନ୍ତା ୧୮ ତାରିଖରେ ଏହି ବୈଷୟିକ ଯାଞ୍ଚ କରାଯିବ । ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁସାରେ ୩ଟି କାର୍ଯ୍ୟକୁ ପ୍ରମୁଖତା ଦିଆଯିବ । ପ୍ରଥମତଃ ବଡଦେଉଳର ଗର୍ଭଗୃହ, ଜଗମୋହନ, ନାଟମଣ୍ଡପକୁ ଭଲ ଭାବେ କଳା ଛଡାଇ ସଫା କରାଯିବ । ପରେ ଏହାର ଷ୍ଟ୍ରକଚରାଲ ସ୍ଥିତି ଅନୁଧ୍ୟାନ କରାଯିବ । ଆବଶ୍ୟକ ସ୍ଥଳେ ପଥର ସ୍ଥାନାନ୍ତର ଓ ମରାମତି କରାଯିବ । ଶେଷରେ କେମିକାଲ ୱାସ୍ କରାଯାଇ ସଂରକ୍ଷଣ କାର୍ଯ୍ୟ ଶେଷ କରାଯିବ । ଚଳିତବର୍ଷ ଭୋଗ ମଣ୍ଡପକୁ ଭଲ ଭାବେ ଯାଞ୍ଚ କରାଯିବା ସହ ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯିବ । ଏଏସଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି, ବଡଦେଉଳର ସ୍ଥିତି ସମ୍ପର୍କରେ ଯାଞ୍ଚ କରାଯିବା ପରେ ଅବଶ୍ୟକ ମରାମତି କରିବାକୁ ବୈଠକରେ ଆଲୋଚନା ହୋଇଛି । କେମିକାଲ ଟ୍ରିଟମେଣ୍ଟ କରାଯିବ, ଯେଉଁଠି ପଥର ସ୍ଥାନାନ୍ତରର ଆବଶ୍ୟକତା ରହିଛି ସେଠାରେ କରାଯିବ। ବର୍ଷା ଜଳ ନିଷ୍କାସନ ଠିକରେ ହେଉଛି କି ନାହିଁ ତାହାର ଯାଞ୍ଚ କରାଯିବ । ପ୍ରଥମେ ଏଏସଆଇ ଟିମ୍ ସହିତ ଶ୍ରୀମନ୍ଦିର ବୈଷୟିକ ଟିମ୍ ଯାଞ୍ଚ କରିବେ । ପରେ ମରାମତି କାର୍ଯ୍ୟ କରାଯିବ । ଏଏସଆଇର ଓଡ଼ିଶା ମୁଖ୍ୟ ମିଳନ କୁମାର ଚାଓଲେ କହିଛନ୍ତି, 'ପ୍ରତିବର୍ଷ ଭଳି ପ୍ରଥମେ ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ, ଭୋଗମଣ୍ଡପ ପ୍ରଭୃତିର ସଫାସୁତୁରା କାର୍ଯ୍ୟ ହେବ। ପରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଅନୁଯାୟୀ ମରାମତି କାର୍ଯ୍ୟ କରାଯିବ । ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ ସହ କେମିକାଲ ଟ୍ରିଟମେଣ୍ଟ କରାଯିବ ।'



# ରଥଖଳା : ମଣ୍ଡଣି ବତା ଲାଗି ପାଇଁ ତିନି ରଥରେ କଣି ଫାଉଡା ବସିଲା



**ପୁରୀ, ୫/୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ଖଳାରେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ । ତେବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ୩ ରଥ ନିର୍ମାଣ କାର୍ଯ୍ୟ। ମହାରଣା ସେବକ ଏବଂ ଭୋଇ ସେବକମାନଙ୍କ ସହଯୋଗରେ ରଥରେ କନା ପଡ଼ିବା ପୂର୍ବରୁ ତିନିରଥର ଚାରି ପାର୍ଶ୍ୱରେ ମଣ୍ଡଣି ବତା ଏବଂ ହାତୀ ଆଳ ମାଳ (କାଠ ବଟନ୍) ବାଡ଼ିଆ ଯାଇଥାଏ। ସେଥିପାଇଁ ତା'ର ପୂର୍ବ ପ୍ରସ୍ତୁତି ପୂର୍ବକ ଆରମ୍ଭ ହୋଇଛି ତିନିରଥର ଚାରି ପାର୍ଶ୍ୱରେ ଦୁଇଟି ଲେଖାଏଁ କଣି ଫାଉଡ଼ିର ସଂଯୋଗ କାର୍ଯ୍ୟ। ରବିବାର କଣି ଫାଉଡ଼ି ରଥ ଚାରି ପାର୍ଶ୍ୱରେ ସଂଯୋଗ ସହ ମଣ୍ଡଣି ବତା ପଡ଼ିବା କାର୍ଯ୍ୟ ସମ୍ପନ୍ନ ହୋଇଛି । ତିନି ରଥର ଉପର ଚାରି ପାର୍ଶ୍ୱ କୋଣଗୁଡ଼ିକରେ ପଟା ବାଡ଼ିଆ ଶେଷ ହୋଇଛି । ତିନିରଥର ମହାରଣା ଏବଂ ଭୋଇ ସେବକମାନଙ୍କ ସହଯୋଗରେ ଶେଷ ହୋଇଛି ତିନିରଥ ଉପର ସିଂହାସନ ବେଦୀ ଆଗ, ପଛ ଏବଂ ପାର୍ଶ୍ୱ ଚାରି କୋଣ ଗୁଡ଼ିକରେ ପଟା ବାଡ଼ିଆ କାର୍ଯ୍ୟ। ଚିତ୍ରକାର ସେବକମାନେ ରବିବାର ତିନିରଥର ପ୍ରଭା ଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଚିତ୍ର କାର୍ଯ୍ୟ ଆରମ୍ଭ କରିବା ସହ ତିନିରଥର ସାରଥୀ ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି । ଦରଜୀ ସେବକମାନେ ତିନି ରଥର ବତା କନାରେ ବିଳାସ ପଟି ବା ସିଲଭର ଲେସ୍ ଜରି ସିଲେଇ କାର୍ଯ୍ୟ ଶେଷ କରି ତିନିରଥ ଦୁଆର ବେଢ଼ାର ୧୨ ଗୋଟି ଚନ୍ଦ୍ର ଶାଳୀ ପାଇଁ କନା କଟିଂ ଶେଷ କରିବା ସହ ସେଥିରେ ସିଲଭର ଜରି ଫୁଲ ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ସହ ରଥରେ କନା ପକା କାର୍ଯ୍ୟ ପାଇଁ କୋଠା ସୁଆଁସିଆମାନଙ୍କ ନିମନ୍ତେ ସାଜ ସରଂଜାମ ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ନିମନ୍ତେ ସମସ୍ତ କାଠ ସରଞ୍ଜାମ ନିର୍ମାଣ ଶେଷ କରି ଆବଶ୍ୟକୀୟ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି ।



ଭୁବନେଶ୍ୱର : ଅବସରପ୍ରାପ୍ତ ଆଇଏଏସ୍, ବିଶିଷ୍ଟ ସ୍ତମ୍ଭକାର ତଥା ଔପନ୍ୟାସିକ ଦୁର୍ଗାଚରଣ ସାହୁଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ଅବସରରେ ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟ ଅତିଥି ତଥା ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଓ ପ୍ରମୁଖ ଓଡ଼ିଆ ଦୈନିକ ସମ୍ବାଦପତ୍ର 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ। (ଫଟୋ : ସମ୍ବାଦ କଳିକା)

# ଆମେରିକାରେ ଡ. ଅଚ୍ୟୁତ ସାମନ୍ତ ସମ୍ମାନୀତ

**ଭୁବନେଶ୍ୱର, ୫।୭ ନ୍ୟୁଜ ବ୍ୟୁରୋ**

ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଆମେରିକା ଫ୍ଲୋରିଡ଼ାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜ ସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍ଥ ସମିଟ୍ ୨୦୨୬' ସମୟରେ ଆପିକୁ ଅକୁଣ୍ଠିତ ସମର୍ଥନ ତଥା ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମାଜ ପ୍ରତି ଡ. ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ଡ. ସାମନ୍ତଙ୍କୁ ସଂଘ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଥିଲା। ସଂଘର ୩ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଓ ବିଶେଷଜ୍ଞଙ୍କ ଉପସ୍ଥିତିରେ ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ସଂଘର ଡାକ୍ତରମାନେ ସମଗ୍ର ଆମେରିକାରେ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଅଛନ୍ତି। ଜୁଲାଇ ୪ ତାରିଖ ଆମେରିକାର ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ସାମନ୍ତଙ୍କୁ ସମ୍ମାନୀୟ ବକ୍ତା ଭାବେ ଯୋଗ ଦେବା ପାଇଁ ଆପି ପକ୍ଷରୁ ଅନୁରୋଧ କରାଯାଇଥିଲା। ଆପିର ଅନୁରୋଧ କ୍ରମେ ଡ. ସାମନ୍ତ ସମ୍ମାନୀୟ ବକ୍ତା ଭାବେ ଯୋଗଦେଇ ଆପି କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ସାମନ୍ତ ଆପି ଡାକ୍ତରଙ୍କ ଭାରତରେ ପ୍ରତିମାସର କିଛି ଦିନ ସ୍ୱାସ୍ଥ୍ୟ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ଆପି ପକ୍ଷରୁ ମଧ୍ୟ ଡ. ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବା ପାଇଁ ଆପି ଡାକ୍ତରମାନେ ପ୍ରତିଶ୍ରୁତି ଦେଇଥିଲେ।



# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରା ପଡ଼ିଲେ ସରପଞ୍ଚ

**ସୁବର୍ଣ୍ଣପୁର, ୫/୦୭ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେଉଥିଲେ ସରପଞ୍ଚ । ମାଡ଼ି ବସିଲା ଭିଜିଲାନ୍ସ । ସୁବର୍ଣ୍ଣପୁର ଜିଲ୍ଲା ନିମ୍ନା ଗ୍ରାମପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଫାଶରେ ପଡ଼ିଛନ୍ତି। ମାଛ ଚାଷର ସବ୍‌ସିଡି ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସେ ଧରା ପଡ଼ିଛନ୍ତି । ସୂର୍ଯ୍ୟକାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଥିବାବେଳେ ଅଧିକ ଖୋଳତାଡ଼ ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ଏକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୂର୍ଯ୍ୟକାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ପଞ୍ଚାୟତ ପୋଖରୀରେ ମାଛ ଚାଷ ଚୁକ୍ତିପତ୍ରରେ ଦସ୍ତଖତ କରିବା ଏବଂ ସବ୍‌ସିଡି ଟଙ୍କା ଉଠାଇବା ପାଇଁ ସେ ଏହି ଲାଞ୍ଚ ମାଗିଥିଲେ। ଆଉ ସେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି। ପୂର୍ବରୁ ତାଙ୍କ ନାମରେ ସ୍ଥାନୀୟ ଲୋକେ ମଧ୍ୟ ବିଭିନ୍ନ ଅଭିଯୋଗ ଆଣିଥିବା କୁହାଯାଉଛି ।

# ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା : ଫରେନସିକ ଲ୍ୟାବକୁ ଗଲା ୨ ଜବତ ମୋବାଇଲ



**କଟକ, ୦୫/୦୭ ନ୍ୟୁଜ ବ୍ୟୁରୋ**

ମୃତା ଆଇଆଇସିଙ୍କ ମୋବାଇଲ ଫୋନ ଖୋଲିବ ଗୁମର। ଆଇଆଇସି ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁକୁ ନେଇ ଏବେବି ରହସ୍ୟ ଲାଗିରହିଛି। ଆତ୍ମହତ୍ୟା ପଛର ସସପେନ୍ସର ପର୍ଦ୍ଦାଫାସ ହୋଇପାରିନାହିଁ। ସେପଟେ ଆଇଆଇସିଙ୍କ ଦୁଇଟି ମୋବାଇଲ ଫୋନକୁ ପୁଲିସ ଜବତ୍ କରି ଫରେନସିକ ଲ୍ୟାବକୁ ପଠାଇଛି। ମୋବାଇଲରୁ ଆତ୍ମହତ୍ୟା ପଛର କିଛି ତଥ୍ୟ ମିଳିପାରେ। ଏପରିକି ତାଙ୍କର ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ଚାଟରୁ କିଛି ତଥ୍ୟ କାଢ଼ିବାକୁ ପୁଲିସ ଉଦ୍ୟମ କରୁଛି । ମୃତ ଆଇଆଇସିଙ୍କ ସ୍ୱାମୀ, ଭଉଣୀ, ଦେଢ଼ଶୁର ପରିବାର ପରିଜନଙ୍କୁ ପଚରା ଉଚରା କରାଯାଇଛି। ଖୁବ୍‌ଶୀଘ୍ର ପୋଷ୍ଟ ମର୍ଟମ ରିପୋର୍ଟ ଦେବାକୁ କୁହାଯାଇଛି । ସେପଟେ ଓଡ଼ିଶା ପୁଲିସ ଅଫିସର ସଂଘ ଆଇଆଇସି ଆତ୍ମହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ୩୦ ଦିନ ଭିତରେ ତଦନ୍ତ ରିପୋର୍ଟ ଦେବାକୁ ଦାବି କରିଛି ସଂଘ। ନିରପେକ୍ଷ ତଦନ୍ତ ଦାବି କରିଛି ପୁଲିସ ଅଫିସର ସଂଘ। ପ୍ରେସ୍‌ମିଟ୍ କରି ରାଜ୍ୟ ସରକାର, ଡିଜିପିଙ୍କ ନିକଟରେ ଏହି ଦାବି ରଖିଛି ସଂଘ। ୩୦ ଦିନରେ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରିବାକୁ କହିଛି ସଂଘ । ନିରପେକ୍ଷ ତଦନ୍ତ ହିଁ ତାଙ୍କ ଆତ୍ମାକୁ ଶାନ୍ତି ଦେବ ବୋଲି କହିଛନ୍ତି ସଂଘର ସଭାପତି ଅସିତ କୁମାର ଜେନା।

# ମିଳିଲାନି ଆମ୍ବୁଲାନ୍ସ : ବାଇକ୍‌ରେ ପତ୍ନୀଙ୍କ ମୃତଦେହ ବୋହିଲେ ସ୍ୱାମୀ

**ଝାରସୁଗୁଡ଼ା, ୫/୭ ନ୍ୟୁଜ ବ୍ୟୁରୋ**

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ବିକାଶର ଏକ ଅବାଞ୍ଛିତ ଚିତ୍ର ଲୋକଲୋଚନକୁ ଆସିଛି । ଶବବାହକ ଗାଡ଼ି ନ ମିଳିବାରୁ ଜଣେ ଅସହାୟ ବ୍ୟକ୍ତି ନିଜ ପତ୍ନୀଙ୍କ ମୃତଦେହ ବାଇକ୍‌ରେ ବୋହି ଘରକୁ ନେବାକୁ ପଡ଼ିଛି । ଝାରସୁଗୁଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି ଏପରି ଏକ ହୃଦୟବିଦାରକ ଘଟଣା । ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶାସନର ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି ଝାରସୁଗୁଡ଼ା ଲଇକେରା ବ୍ଲକ ଅନ୍ତର୍ଗତ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲି ଗ୍ରାମର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ଅସୁସ୍ଥ ହେବାରୁ ଶନିବାର ଭୋର୍ ସମୟରେ ତାଙ୍କୁ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ଆରମ୍ଭ ହୋଇଥିଲା ପ୍ରକୃତ ଦୁର୍ଦ୍ଦଶା । ମୃତଦେହ ଘରକୁ ନେବା ପାଇଁ ଶବବାହକ ଗାଡ଼ି ମିଳିନଥିଲା ବୋଲି ମୃତକଙ୍କ ସ୍ୱାମୀ କହିଛନ୍ତି । ବହୁ ଚେଷ୍ଟା ପରେ ମଧ୍ୟ କୌଣସି ବ୍ୟବସ୍ଥା ନ ହେବାରୁ ନରେଶ ଜଣେ ପଡ଼ୋଶୀଙ୍କ ବାଇକ୍ ଯୋଗେ ପତ୍ନୀଙ୍କ ମୃତଦେହକୁ ନେଇ ଗ୍ରାମକୁ ଫେରିଥିଲେ । ମୃତକଙ୍କ ସ୍ୱାମୀ ନରେଶ ଛତ୍ରିଆ କହିଛନ୍ତି, 'ମୋତେ ଆମ୍ବୁଲାନ୍ସ କିମ୍ବା ଶବବାହକ ଗାଡ଼ି କିଛି ମିଳିଲାନି । ବାଧ୍ୟ ହୋଇ ବାଇକ୍‌ରେ ମୋ ପତ୍ନୀଙ୍କ ମୃତଦେହକୁ ଘରକୁ ନେଇଥିଲି ।' ଅନ୍ୟପକ୍ଷେ ଝାରସୁଗୁଡ଼ା ସିଡିଏମ୍‌ଓ ଶକ୍ତି ପ୍ରକାଶ ପାଢ଼ୀ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, 'ଏକ ଆକସ୍ମିକ ମୃତ୍ୟୁ ହୋଇଥିଲା ବୋଲି ଡାକ୍ତର ପରିବାର ସଦସ୍ୟଙ୍କୁ ମୃତଦେହ ବ୍ୟବଚ୍ଛେଦ ପାଇଁ କହିଥିଲେ । କିନ୍ତୁ ପରିବାର ଲୋକ ଏହାକୁ ନେଇ ମନା କରିଦେଇ ଏକ ଅଣ୍ଡରଟେକିଂ ଲେଖି ସେଠାରୁ ଚାଲିଯାଇଥିଲେ। ପ୍ରୋଟୋକଲ୍ ଅନୁଯାୟୀ ଚିକିତ୍ସା କରୁଥିବା ଡାକ୍ତର ପୋଲିସକୁ ଅବଗତ କରିବା ଆବଶ୍ୟକ ଥିଲା । ମାତ୍ର ଏହା ହୋଇନାହିଁ।' ଏନେଇ ସିଡିଏମ୍‌ଓ ଆହୁରି ମଧ୍ୟ କହିଛନ୍ତି ଯେ, ସେ ନିଜେ ସେଠାକୁ ଯାଇ ତଦନ୍ତ କରିବେ ଏବଂ ଏଥିରେ ଯଦି ସ୍ୱାସ୍ଥ୍ୟ କେନ୍ଦ୍ରର କୌଣସି କର୍ମଚାରୀ ଦୋଷୀ ଥାଆନ୍ତି ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ସାରା ଓଡ଼ିଶାରେ ଲାଗିବ ୮ କୋଟିରୁ ଅଧିକ ଗଛ

## ପ୍ରତ୍ୟେକ ବ୍ୟକ୍ତି ୧୦ଟି ବୃକ୍ଷ ଲଗାଇବାକୁ ମନ୍ତ୍ରୀଙ୍କ ଆହ୍ୱାନ

**କରଞ୍ଜିଆ, ୫/୭ ନ୍ୟୁଜ ବ୍ୟୁରୋ**

ରାଜ୍ୟକୁ ସବୁଜ ସୁନ୍ଦର କରିବା ପାଇଁ ସରକାର ଏକ ବଡ଼ ସଙ୍କଳ୍ପ ନେଇଛନ୍ତି। ଚଳିତ ବର୍ଷ ସାରା ଓଡ଼ିଶାରେ ପାଖାପାଖି ୮ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଥିସହିତ ପରିବେଶର ସୁରକ୍ଷା ପାଇଁ ରାଜ୍ୟର ପ୍ରତ୍ୟେକ ନାଗରିକ ଅତିକମରେ ୧୦ଟି ଲେଖାଏଁ ଗଛ ଲଗାଇବାକୁ ନିବେଦନ କରିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ । ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବର୍ତ୍ତମାନ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ ଯଶିପୁର ରାମତୀର୍ଥ ନିକଟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ନିଜେ ବୃକ୍ଷରୋପଣ କରି ଏହି ସବୁଜ ଅଭିଯାନର ଶୁଭାରମ୍ଭ କରିଥିଲେ । ରାମତୀର୍ଥଠାରେ ଆୟୋଜିତ ଏହି ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଲେଜର ଶତାଧିକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉତ୍ସାହର ସହ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ସହ ପ୍ରକୃତିର ସୁରକ୍ଷା ପାଇଁ ସଙ୍କଳ୍ପ ବଦ୍ଧ ହୋଇଥିଲେ।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସମୁଦ୍ରରେ ଫସିଥିବା ଆନ୍ଧ୍ରପ୍ରଦେଶର ୧୦ ମତ୍ସ୍ୟଜୀବୀ ଉଦ୍ଧାର

**ପୁରୀ, ୫।୭ ନ୍ୟୁଜ ବ୍ୟୁରୋ**

ପୁରୀ ସମୁଦ୍ରରେ ଫସିଥିବା ଆନ୍ଧ୍ରପ୍ରଦେଶର ୧୦ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପୁରୀ ପୋଲିସ । ପୁରୀ ଏସପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ପୋଲିସର ତ୍ୱରିତ ସମନ୍ୱୟ ଯୋଗୁଁ ମତ୍ସ୍ୟଜୀବୀମାନଙ୍କ ଜୀବନ ରକ୍ଷା ହୋଇ ପାରିଛି । ଆନ୍ଧ୍ରପ୍ରଦେଶର କାକିନାଡା ଫିସିଙ୍ଗ ହାର୍ବରରୁ ଏକ ମାଛଧରା ଡଙ୍ଗା ସମୁଦ୍ରକୁ ଯାଇଥିଲା । ମାତ୍ର ସମୁଦ୍ର ମଧ୍ୟରେ ହଠାତ୍ ଡଙ୍ଗାଟିର ଇଞ୍ଜିନ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା । ଫଳରେ ଡଙ୍ଗାଟି ପୁରୀର ତାଜ ହୋଟେଲ ଉପକୂଳଠାରୁ ପ୍ରାୟ ୨ରୁ ୩ କିଲୋମିଟର ଦୂର ସମୁଦ୍ର ଭିତରେ ଫସି ରହିଥିଲା । ଡଙ୍ଗାଟି ଫସି ରହିଥିବା ନେଇ ସୂଚନା ପାଇବା ମାତ୍ରେ ପୁରୀ ଏସପି ପ୍ରତୀକ ସିଂ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବଳିଆପଣ୍ଡା ଥାନା ଏବଂ ପେଣ୍ଟକଟା ମେରାଇନ୍ ପୋଲିସ ମିଳିତ ଭାବେ ଉଦ୍ୟମ କରିଥିଲେ। ସମୁଦ୍ର ମଧ୍ୟରେ ଥିବା ଅନ୍ୟ ନିକଟସ୍ଥ ମାଛଧରା ଡଙ୍ଗାଗୁଡ଼ିକ ସହ ଯୋଗାଯୋଗ ସ୍ଥାପନ କରିଥିଲେ । ବିଶାଖାପାଟଣାର ଏକ ନିକଟବର୍ତ୍ତୀ ମାଛଧରା ଡଙ୍ଗା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଫସି ରହିଥିବା ସମସ୍ତ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଉଦ୍ଧାର ହୋଇଥିବା ସମସ୍ତ ମତ୍ସ୍ୟଜୀବୀ ଆନ୍ଧ୍ରପ୍ରଦେଶ ବିଜୟନଗରମ ଜିଲ୍ଲାର ଚିନ୍ତାପଲ୍ଲୀ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି । ଉଦ୍ଧାର ହେବା ପରେ ସମସ୍ତ ମତ୍ସ୍ୟଜୀବୀ ନିଜ ନିଜ ଘରକୁ ଫେରିଯାଇଛନ୍ତି । ଅନ୍ୟପକ୍ଷରେ ସମୁଦ୍ରରେ ଥିବା ଅଚଳ ଡଙ୍ଗାଟିକୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି।

# ଓଡ଼ିଶାରେ ବଢ଼ୁଛି ପ୍ରେମ ଓ ପରକୀୟା ଜନିତ ଆତ୍ମହତ୍ୟା

**ଭୁବନେଶ୍ୱର, ୫/୭ ନ୍ୟୁଜ ବ୍ୟୁରୋ**

ପ୍ରେମ, ପରକୀୟା ପ୍ରୀତି ଆଉ ପାରିବାରିକ କଳହ ! ବଢ଼ୁଛି ଅବସାଦ, ଜୀବନ ହାରୁଛନ୍ତି ଓଡ଼ିଶାର ଯୁବପିଢ଼ି ଓ ସରକାରୀ କର୍ମଚାରୀ। ଦେଶରେ ପ୍ରେମ ଜନିତ ଆତ୍ମହତ୍ୟା ସଂଖ୍ୟା କମୁଥିବା ବେଳେ ଓଡ଼ିଶାରେ କିନ୍ତୁ ଗ୍ରାଫ୍ ଉପରକୁ ଲମ୍ବିଛି। ଗତ ୩ ବର୍ଷରେ ରାଜ୍ୟରେ ପ୍ରେମ ଓ ପରକୀୟା ପାଇଁ ଜୀବନ ହାରିବା ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏନ୍‌ସିଆର୍‌ବିର ସେଲିବ୍ରେଟେଡ୍ ରିପୋର୍ଟରେ ପ୍ରକାଶ ପାଇଛି ଏଭଳି କିଛି ଚମକାଇଲା ଭଳି ତଥ୍ୟ।

ଏନ୍‌ସିଆର୍‌ବି ରିପୋର୍ଟ କହୁଛି ୨୦୨୨ ଓ ୨୦୨୩ରେ ପରକୀୟା ପ୍ରୀତି ପାଇଁ କୌଣସି ଜଣେ ବି ଆତ୍ମହତ୍ୟା କରିନଥିଲେ । ହେଲେ ୨୦୨୪ରେ ୪୯ ଜଣ ଜୀବନ ହାରିଥିଲେ । ଉକ୍ତ ୪୯ ଜଣଙ୍କ ମଧ୍ୟରୁ ୪୦ ଜଣ ପୁରୁଷ ପରକୀୟା ପ୍ରୀତି ପାଇଁ ଜୀବନ ହାରିଥିଲେ । ସେପଟେ ପ୍ରେମ ପାଇଁ ଦେଶରେ ଆତ୍ମହତ୍ୟା ସଂଖ୍ୟା କମୁଥିବା ବେଳେ ଓଡ଼ିଶାରେ ଏହା ବଢ଼ିଛି । ଏନ୍‌ସିଆର୍‌ବି ରିପୋର୍ଟ କହୁଛି ୨୦୨୩ ଅପେକ୍ଷା ୨୦୨୪ରେ ରାଜ୍ୟରେ ପ୍ରେମ ଜନିତ ଆତ୍ମହତ୍ୟା ୭୬% ବଢ଼ିଛି । ଲଗାତାର ଗତ ୩ ବର୍ଷ ଏହି ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ସପ୍ତାହରେ ପ୍ରକାଶ ପାଇଥିବା ୨୦୨୪ରେ ଏନ୍‌ସିଆର୍‌ବିରେ ରିପୋର୍ଟ କହୁଛି ପ୍ରେମ ପାଇଁ ୧୨୮ ଜଣ ଆତ୍ମହତ୍ୟା କରିଥିଲେ । ୨୦୨୩ରେ ମାତ୍ର ୭୪ ଜଣ ଜୀବନ ହାରିଥିଲେ । ୨୦୨୨ରେ ପ୍ରେମ ପାଇଁ ୨୭ ଜଣ ଜୀବନ ହାରିଥିଲେ । କିଏ ବିଷ ପିଇଥିଲା ତ' ପୁଣି କିଏ ବେକରେ ଫାଶି ଲଗାଇ ଦେଇଥିଲା। ଏହି ୨୭ ଜଣଙ୍କ ମଧ୍ୟରୁ ମାତ୍ର ୨ ଜଣ ମହିଳା ବାକି ୨୫ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି । ୨୦୨୩ରେ ପ୍ରେମ ପାଇଁ ଆତ୍ମହତ୍ୟା ସଂଖ୍ୟା ପହଞ୍ଚିଥିଲା ୭୪ରେ । ଉକ୍ତ ବର୍ଷ ପୁରୁଷ ଅପେକ୍ଷା ମହିଳାମାନେ ଅଧିକ ଜୀବନ ହାରିଥିଲେ। ୭୪ ଜଣରୁ ୫୫ ଜଣ ମହିଳା ଆତ୍ମହତ୍ୟା କରିଥିଲେ । ୨୦୨୪ରେ ରେକର୍ଡ ଭାଙ୍ଗିଥିଲା ଓଡ଼ିଶା। ପ୍ରେମ ପାଇଁ ୧୨୮ ଜଣ ଜୀବନ ହାରିଥିଲେ । ୬୦ ଜଣ ପୁରୁଷ ଓ ୬୮ ଜଣ ମହିଳା ଥିଲେ । ୨୦୨୩ ତୁଳନାରେ ୨୦୨୪ରେ ପ୍ରେମ ପାଇଁ ଜୀବନ ହାରିବା ସଂଖ୍ୟା ୭୬% ଅଧିକ ଥିଲା । ଏନ୍‌ସିଆର୍‌ବି ରିପୋର୍ଟ କହୁଛି ୨୦୨୩ରେ ୧ ଲକ୍ଷ ୭୧ ହଜାର ୪୧୮ ଜଣ ଆତ୍ମହତ୍ୟା କରିଥିଲେ । ୨୦୨୪ରେ ଏହି ସଂଖ୍ୟା ପହଞ୍ଚିଥିଲା ୧ ଲକ୍ଷ ୭୦ ହଜାର ୭୪୬ରେ । ରାଜ୍ୟରେ ୫ ହଜାର ୭୯୧ ଜଣ ଆତ୍ମହତ୍ୟା କରିଥିଲେ । ଏମାନଙ୍କ ମଧ୍ୟରୁ ୩୯୫୩ ଜଣ ପୁରୁଷ ଓ ୧୮୮୩ ଜଣ ମହିଳା ଆତ୍ମହତ୍ୟା କରିଥିଲେ । ପାରିବାରିକ କଳହ ପାଇଁ ସର୍ବାଧିକ ୩ ହଜାର ୨୮୭ ଜଣ ଆତ୍ମହତ୍ୟା କରିଥିଲେ । ଯଦି ପୁରୁଷଙ୍କ ସଂଖ୍ୟା ଦେଖିବା ତା'ହେଲେ ପରିବାର କଳହ ପାଇଁ ୨୨୩୧ ଜଣ ଆତ୍ମହତ୍ୟା କରିଛନ୍ତି। ସେହିପରି ଅଫିସ୍‌ର ଚାପ ଓ ପାରିବାରିକ ବିବାଦ ପାଇଁ ସରକାରୀ କର୍ମଚାରୀ ନିଜ ଜୀବନକୁ ଶେଷ କରିଦେଉଛନ୍ତି । କିଏ ନିଜ ସର୍ଭିସ୍ ବନ୍ଧୁକରେ ଗୁଳି କରି ଆତ୍ମହତ୍ୟା କରୁଛି ତ' ପୁଣି କିଏ ଦଉଡ଼ି ଲଗାଇ ଆତ୍ମହତ୍ୟା କରୁଛି । ଏନ୍‌ସିଆର୍‌ବି ରିପୋର୍ଟ କହୁଛି ୨୦୨୨ରୁ ୨୦୨୪ ମଧ୍ୟରେ ୬୧ ଜଣ ସରକାରୀ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ୨୦୨୪ରେ ୭ ଜଣ ସରକାର କର୍ମଚାରୀ ଆତ୍ମହତ୍ୟା କରିଥିଲେ । ୨୦୨୩ରେ ମାତ୍ର ଜଣେ ସରକାର କର୍ମଚାରୀ ଜୀବନ ହାରିଥିଲେ । ୨୦୨୨ରେ ଓଡ଼ିଶାରେ ୧୧ ଜଣ ମହିଳା ଓ ୪୨ ଜଣ ପୁରୁଷ ସରକାରୀ କର୍ମଚାରୀ ଆତ୍ମହତ୍ୟା କରିଥିଲେ । ସେଥିରୁ ୩ ଜଣ ଥିଲେ କେନ୍ଦ୍ର ସରକାରୀଙ୍କ କର୍ମଚାରୀ । ଗତ ୧୫ ବର୍ଷ ମଧ୍ୟରେ ୧୯ ଜଣ ପୁଲିସ୍ କର୍ମଚାରୀ ଜୀବନ ହାରିଛନ୍ତି । ୩ ଜଣ ନିଜ ବନ୍ଧୁକରେ ଗୁଳି କରି ଜୀବନ ହାରିଥିବା ବେଳେ ୪ ଜଣ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି ।

